


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୮ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 DECEMBER 2023
Vol.No. 34 ■ No. 340 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଡରାଇଲାଣି କରୋନା: ଗତ ୨୪ ଘଣ୍ଟାରେ ୨ ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୭ /୧୨ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଆଉ ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏଥିସହିତ ରାଜ୍ୟରେ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୫କୁ ବୃଦ୍ଧି ପାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସପ୍ତାହକ ମଧ୍ୟରେ ରାଜ୍ୟରେ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି । ଦେଶରେ ମଧ୍ୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଗତ ୨୪ ଘଣ୍ଟାରେ ଦେଶରେ ୪୧୨ କୋରନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୪ ହଜାର ଟପିଛି । ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଦେଶରେ ୩ଜଣ କୋରାନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଜେଏନ ୧ ସବ୍ ଭାରିଆଣ୍ଟ ଚିନ୍ତା ବଢାଇ ଥିବାବେଳେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

# ଜନତାଙ୍କୁ ନ୍ୟାୟ ଦେବାକୁ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

## ଜାନୁଆରୀ ୧୪ରୁ ଦଳ କରିବ ଭାରତ ନ୍ୟାୟ ଯାତ୍ରା



ନୂଆଦିଲ୍ଲୀ, ୨୭/୧୨ : ୨୦୨୪ ନିର୍ବାଚନ ପୂର୍ବରୁ କଂଗ୍ରେସ ନେଇଛି ବଡ଼ ନିଷ୍ପତ୍ତି । ଭାରତ ଯୋଡୋ ଯାତ୍ରା ପରେ ଏବେ କଂଗ୍ରେସ ପକ୍ଷରୁ ଆଉ ଏକ ଯାତ୍ରା ଘୋଷଣା ହୋଇଛି । ଆସନ୍ତାମାସ ତଥା ଜାନୁଆରୀ ୧୪ରୁ 'ଭାରତ ନ୍ୟାୟ ଯାତ୍ରା' ଆରମ୍ଭ କରିବ କଂଗ୍ରେସ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡେଗ ଏହି ଯାତ୍ରାରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିବେ । ପୁଣି ଥରେ ପଦଯାତ୍ରା କରିବେ କଂଗ୍ରେସ ନେତା ରାହୁଲ ଗାନ୍ଧି । ଏହି ଯାତ୍ରା ଜରିଆରେ ରାହୁଲ ଗାନ୍ଧି ଓଡ଼ିଶା ଆସିବେ । ଗତ ବର୍ଷ ସେପ୍ଟେମ୍ବରରୁ ଭାରତ ଯୋଡୋ ଯାତ୍ରା କରିବା ପରେ ବର୍ତ୍ତମାନ ରାହୁଲ ଏହି ନୂଆ ଯାତ୍ରା କରିବାକୁ ଯାଉଛନ୍ତି । ଲୋକଙ୍କୁ ସାମାଜିକ ତଥା ଅର୍ଥନୈତିକ ନ୍ୟାୟ ଦେବା ପାଇଁ 'ଭାରତ ନ୍ୟାୟ ଯାତ୍ରା' କରିବ କଂଗ୍ରେସ । ଏଥି 'ଭାରତ ନ୍ୟାୟ ଯାତ୍ରା' ଉତ୍ତର-ପୂର୍ବ ରାଜ୍ୟ ମଣିପୁରରୁ ଆରମ୍ଭ ହେବ । ପଶ୍ଚିମ ମହାରାଷ୍ଟ୍ରର ରାଜଧାନୀ ମୁମ୍ବାଇରେ ଏହା ଶେଷ ହେବ । ଏହିପରି ଭାବରେ ରାହୁଲ 'ଭାରତ ନ୍ୟାୟ ଯାତ୍ରା'ରେ ପୂର୍ବରୁ ପଶ୍ଚିମକୁ ଯାତ୍ରା କରିବାକୁ ଯାଉଛନ୍ତି । ସମଗ୍ର ଯାତ୍ରାରେ ୬୨୦୦ କିଲୋମିଟର ଅତିକ୍ରମ କରିବେ ରାହୁଲ । ତେବେ ପୂର୍ବଥର ଭଳି ଏହା ସମ୍ପୂର୍ଣ୍ଣ ପଦଯାତ୍ରା ହେବ ନାହିଁ । ଅଧିକାଂଶ ଯାତ୍ରା ବସ୍ ଏବଂ କେତେକ ସ୍ଥାନରେ ପଦଯାତ୍ରା ମଧ୍ୟ କରାଯିବ । ଏହି ଯାତ୍ରା ଜରିଆରେ ରାହୁଲ ଓଡ଼ିଶା ସମେତ ୧୪ଟି ରାଜ୍ୟର ୮୫ଟି ଜିଲ୍ଲାକୁ ଗସ୍ତ କରିବେ । ମଣିପୁର ନାଗାଲାଣ୍ଡ, ଆସାମ, ମେଘାଳୟ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଓଡ଼ିଶା, ଉତ୍ତରପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଗୁଜରାଟ ଓ ମହାରାଷ୍ଟ୍ର ଆଦି ରାଜ୍ୟରେ କଂଗ୍ରେସର ଭାରତ ନ୍ୟାୟ ଯାତ୍ରା ହେବ । ଭାରତ ଯୋଡୋ ଯାତ୍ରାର ଦ୍ୱିତୀୟ ସଂସ୍କରଣ ଭାବରେ ଭାରତ ନ୍ୟାୟ ଯାତ୍ରାକୁ ବର୍ଣ୍ଣନା କରାଯାଇଛି । ଏହି ଯାତ୍ରା ମାର୍ଚ୍ଚ ୨୦ରେ ଶେଷ ହେବ । ଏହି ଯାତ୍ରାର ନାଁ ଭାରତ ନ୍ୟାୟ ଯାତ୍ରା ରଖିବା ପଛର ମୂଳ କାରଣ ବାବଦରେ କଂଗ୍ରେସ ମହାସଚିବ ଜୟରାମ ରମେଶ କହିଛନ୍ତି, ଆମେ ଜନତାଙ୍କୁ ଆଶ୍ୱସନା ଦେବାକୁ ଚାହୁଁଛୁ ଯେ, ଆର୍ଥିକ, ସାମାଜିକ ନ୍ୟାୟ ସେମାନଙ୍କୁ ପ୍ରଦାନ କରିବୁ । ପୂର୍ବରୁ ଭାରତ ଯୋଡ ଯାତ୍ରା ୧୨ଟି ରାଜ୍ୟ ଦେଇ ଯାଇଥିବା ବେଳେ ଏବେ ୧୪ଟି ରାଜ୍ୟ ଦେଇ ଭାରତ ନ୍ୟାୟ ଯାତ୍ରା ଯିବ ।

## ଓଜେଏସ୍ ପରୀକ୍ଷା ଶୁଶ୍ରିତା ମିଶ୍ର ଟପ୍ପର: ଟପ୍ ଟେନରେ ୮ ମହିଳା





ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଓଡ଼ିଶା ଲୋକସେବା ଆୟୋଗ(ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ଜୁଡିସିଆଲ ସର୍ଭିସ(ଓଜେଏସ୍) ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ ମୋଟ ୫୫ଜଣ କୃତକାର୍ଯ୍ୟ ହୋଇଛନ୍ତି ଓ ପ୍ରଥମ ୧୦ଜଣଙ୍କ ମଧ୍ୟରେ ୮ଜଣ ମହିଳା ପ୍ରାର୍ଥୀ ରହିଛନ୍ତି । ଶୁଶ୍ରିତା ମିଶ୍ର ଟପ୍ପର ହୋଇଛନ୍ତି । ଓପିଏସସି ପକ୍ଷରୁ ଜାରି ସୂଚନା ଅନୁସାରେ, ମୋଟ୍ କୃତକାର୍ଯ୍ୟ ୫୫ଜଣଙ୍କ ମଧ୍ୟରୁ ୩୯ଜଣ ମହିଳା ବା ଝିଅ । ପ୍ରଥମ ୧୦ଜଣରେ ମାତ୍ର ୨ଜଣ ପୁଅ ଥିବାବେଳେ ୮ଜଣ ଝିଅ ଅଛନ୍ତି । ପ୍ରଥମ ୧୦ଜଣଙ୍କ ମଧ୍ୟରେ ଯେଉଁମାନେ ରହିଛନ୍ତି ସେମାନେ ହେଲେ ଶୁଶ୍ରିତା ମିଶ୍ର, ନିଲିଶା ପଟ୍ଟନାୟକ, ଅନନ୍ୟା ମିଶ୍ର, ରାଣୀ ରଞ୍ଜିତା ପଟ୍ଟନାୟକ, ଲୋପାମୁଦ୍ରା ଆଚାର୍ଯ୍ୟ, ହର୍ଷିତା ମିଶ୍ର, ପ୍ରଜ୍ଞାସୁମନ ମହାପାତ୍ର, ଏସଆର ତୋଷାଳୀ, ସତ୍ୟଜିତ୍ ପାଣି ଓ ଲଳିତେନ୍ଦୁ ଦ୍ୱିବେଦୀ । ସୂଚନାଯୋଗ୍ୟ, ଓପିଏସସି ପକ୍ଷରୁ ମୋଟ ୫୭ଟି ଓଜେଏସ୍ ପଦବୀ ପାଇଁ ଗତ ମେ' ୨୧ତାରିଖରେ ପ୍ରିଲିମନାରୀ ପରୀକ୍ଷା ହୋଇଥିଲା ।

## ସରପଞ୍ଚଙ୍କ ବଦଳରେ ଆସିଲେ ସ୍ୱାମୀ: ଅସନ୍ତୋଷ ପ୍ରକାଶ କଲେ ରାଜ୍ୟପାଳ



ଝାରସୁଗୁଡା, ୨୭/୧୨ (ନି.ପ୍ର): ଲୋକଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ପ୍ରଥମେ ଆଲୋଚନା କଲେ । ଏହାପରେ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚଙ୍କୁ ଡାକିଲେ । କିନ୍ତୁ ସରପଞ୍ଚଙ୍କ ବଦଳରେ ରାଜ୍ୟପାଳ ରଘୁବର ଦାସଙ୍କ ପାଖକୁ ତାଙ୍କ ସ୍ୱାମୀ ଆସି ପହଞ୍ଚି ଯାଇଥିଲେ । ବାସ୍ ମହିଳା ସରପଞ୍ଚଙ୍କ ବଦଳରେ ତାଙ୍କ ସ୍ୱାମୀଙ୍କୁ ଦେଖି ଅସନ୍ତୋଷ ପ୍ରକାଶ କରିଛନ୍ତି ରାଜ୍ୟପାଳ ଦାସ । ଏନେଇ ସେ ମହିଳା ସରପଞ୍ଚଙ୍କ ସ୍ୱାମୀଙ୍କୁ ତାଗିଦ କରିଛନ୍ତି । ଏଥିସହ ଲୋକମାନେ ତାଙ୍କ ପତ୍ନୀଙ୍କୁ ଭୋଟ ଦେଇ ସରପଞ୍ଚ କରାଇଥିବାରୁ ସେମାନଙ୍କ ସମସ୍ୟା ସେ ହିଁ ବୁଝିବେ ବୋଲି ମଧ୍ୟ ରାଜ୍ୟପାଳ ପରୋକ୍ଷରେ କହିଛନ୍ତି । ଆଜି ରାଜ୍ୟପାଳ ରଘୁବର ଦାସ ଝାରସୁଗୁଡ଼ା ଜିଲ୍ଲା ଗସ୍ତରେ ଯାଇଥିଲେ । ସଦର ବ୍ଲକ ତାଲପଟିଆ ଗାଁକୁ ଯାଇ ସେ ଲୋକଙ୍କ ସହ କଥା ହୋଇଥିଲେ । ଲୋକଙ୍କ ଭଲମନ୍ଦ ଶୁଣିବାଥିଲେ । ଏହି ସମୟରେ ଜଣେ ଚାଷୀ ତାଙ୍କୁ କହିଥିଲେ ଯେ ସେ ଜଣେ ଛୋଟ ଚାଷୀ । ତେଣୁ ବୀହନର କିଣା ମୂଲ୍ୟ କମ ହେଲେ ତାଙ୍କ ଭଳି ଛୋଟ ଚାଷୀମାନ ଉପକୃତ ହୋଇ ପାଇବେ ବୋଲି ସେ ରାଜ୍ୟପାଳଙ୍କୁ କହିଥିଲେ । ଏହା ଶୁଣିବା ପରେ ପରେ ରାଜ୍ୟପାଳ ଦାସ ସ୍ଥାନୀୟ ସରପଞ୍ଚଙ୍କୁ ଡକାଇଥିଲେ । କିନ୍ତୁ ମହିଳା ସରପଞ୍ଚ ଗାଁରେ ନଥିଲେ । ତାଙ୍କ ସ୍ୱାମୀ ରାଜ୍ୟପାଳଙ୍କ ସମ୍ମୁଖକୁ ଆସିଥିଲେ । ▶▶ପୃଷ୍ଠା ୭

## ନନ୍ଦନକାନନକୁ ଆସିବେ ଚିତା ଓ ଧଳା ସିଂହ ଶାବକ



ଭୁବନେଶ୍ୱର, ୨୭ /୧୨ (ନି.ପ୍ର): ନୂଆବର୍ଷରେ ନନ୍ଦନକାନନ ଚିଡ଼ିଆଖାନା ପାଇବ ନୂଆ ଅତିଥି । ନନ୍ଦନକାନନ ଚିଡ଼ିଆଖାନାକୁ ଆସିବେ ଚିତା, ଧଳା ସିଂହ ଶାବକ ଓ ନୂଆ ପକ୍ଷୀ । ଦୁବାଇ ଚିଡ଼ିଆଖାନା ସହ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅଧୀନରେ ଜାନୁଆରୀ ମାସରେ ଏମାନଙ୍କୁ ଅଣାଯିବ । ସେହିପରି ଆଲିପୁର ଜୁ ସହ ଏକ୍ସଚେଞ୍ଜ କାର୍ଯ୍ୟକ୍ରମ ଅଧୀନରେ ଆଉ ଏକ ଜିରାଫ ମଧ୍ୟ ନନ୍ଦନକାନନକୁ ଆସିବ ବୋଲି ଚଉଉର ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି । ସେହିପରି ନନ୍ଦନକାନନ ଚିଡ଼ିଆଖାନା ବିଶ୍ୱସ୍ତରୀୟ ହେବ । କାରଣ ନନ୍ଦନକାନନ ▶▶ପୃଷ୍ଠା ୭

## ୧୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ ମୁଖ୍ୟ କିରାଣୀ




ଯାଜପୁର, ୨୭ /୧୨ (ନି.ପ୍ର): ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଜାଲରେ ବରିଷ୍ଠ କିରଣୀ । ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଅଫିସରେ ବରିଷ୍ଠ କିରାଣୀ ଭାବେ କାମ କରୁଥିବା ସୁବ୍ରତ କୁମାର କାନୁନଗୋ ଆଜି ରଙ୍ଗେ ହାତ ଧରା ପଡ଼ିଛନ୍ତି । ସେ ଆଟ୍ରୋସିଟି ବିଲ ପାସ୍ କରାଇ ଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଧରିଛି । ମିଳିଥିବା ସୂଚନା ଅନୁସାରେ, ବଡ଼ସୁଆର ଗ୍ରାମର ଟୁନିଆ ଜେନା ନାମକ ଜଣେ ଅନୁସୂଚିତ ଜାତି ମହିଳାଙ୍କୁ ଆଟ୍ରୋସିଟି ମାମଲାରେ ସରକାରଙ୍କ ପକ୍ଷରୁ ଜିଲ୍ଲା ମଙ୍ଗଳ ବିଭାଗ ନିକଟକୁ ୭୫ ହଜାର ଟଙ୍କାର କ୍ଷତିପୂରଣ ରାଶି ଆସିଥିଲା । ହେଲେ ବରିଷ୍ଠ କିରାଣୀ ଏହା ଉପରେ ମୋହର ମାରି ନଥିଲେ । ତେଣୁ କ୍ଷତିଗ୍ରସ୍ତଙ୍କୁ ଅନୁକମ୍ପା ରାଶି ମିଳି ନଥିଲା । ତେବେ ଏହି ହରିଜନ ଓ ଆଦିବାସୀ କ୍ଷତିପୂରଣ ଅନୁକମ୍ପା ରାଶି ବିଲ ପାସ କରାଇଦେବା ପାଇଁ ସୁବ୍ରତ ୨୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ପୂର୍ବରୁ ସେ ୧୫ ହଜାର ନେଇଥିବା ବେଳେ ଆଜି ୧୦ ହଜାର ଟଙ୍କା ନେବାର ଥିଲା । କିନ୍ତୁ ଏସମ୍ପର୍କରେ ପୀଡ଼ିତ ଜଣଙ୍କ ଭିଜିଲାନ୍ସକୁ ଜଣାଇଥିଲେ । ଏହାପରେ ଯାଜପୁର ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେ ହାତ ଧରିବାକୁ ଯୋଜନା କରିଥିଲା । ଯୋଜନା ମୁତାବକ ଆଜି ଟଙ୍କା ନେଉଥିବା ବେଳେ ଯାଜପୁର ଭିଜିଲାନ୍ସ ଟିମ ତାଙ୍କୁ ଧରିଥିଲା । ୧୦ ହଜାର ଟଙ୍କା ଅଧିକାରୀମାନେ ଜବତ କରିବା ସହ ସୁବ୍ରତ କୁମାର କାନୁନଗୋଙ୍କୁ ଗିରଫ କରିଛନ୍ତି ।

## ରାଜ୍ୟରେ କମୁଛି ଶୀତ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି । ତାପମାତ୍ରା ସାମାନ୍ୟ ବୃଦ୍ଧି ପାଇଛି । ଗତକାଲି ରାଜ୍ୟରେ ୪ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରେକର୍ଡ ହୋଇଛି । ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ କୋରାପୁଟରେ ସର୍ବନିମ୍ନ ତାପମାତ୍ରା ୭.୪ ଡିଗ୍ରୀ ରେକର୍ଡ ହୋଇଛି । ଏହା ଓଡ଼ିଶାର ସବୁଠାରୁ ଥଣ୍ଡା ସହର ଭାବେ ପରିଗଣିତ ହୋଇଛି । ସେହିପରି ଜି. ଉଦୟଗିରି ରେ ୭.୮, ଦାରିଙ୍ଗବାଡିରେ ୯.୫, ସେମିଳିଗୁଡାରେ ୯.୬, ଫୁଲବାଣୀରେ ୧୦.୫, କିରେଇରେ ୧୦.୭ ଡିଗ୍ରୀ ତାପମାତ୍ରା ରହିଥିବା ବେଳେ ଭବାନୀପାଟଣା ଓ ନବରଙ୍ଗପୁରରେ ୧୧ ଡିଗ୍ରୀ ରେକର୍ଡ ହୋଇଛି ।

## କେନ୍ଦ୍ର ସରକାରଙ୍କ ବଡ଼ ଆକ୍ସନ: ବ୍ୟାନ୍ ହେଲା ମୁସଲିମ ଲିଗ୍



ନୂଆଦିଲ୍ଲୀ, ୨୭/୧୨ : ଜମ୍ମୁ-କଶ୍ମୀରରେ ବଡ଼ ଆକ୍ସନ ନେଇଛନ୍ତି କେନ୍ଦ୍ର ସରକାର । ଧାରା ୩୭୦ ହଟାଯିବା ପରେ ଏବେ ପୁଣି ଥରେ କେନ୍ଦ୍ର ସରକାର ଦେଶ ବିରୋଧୀ କାର୍ଯ୍ୟକଳାପ ବିରୋଧରେ କଡା ନିଷ୍ପତ୍ତି ନେଇଛନ୍ତି । ମୁସଲିମ ଲିଗ୍ ଜମ୍ମୁ କଶ୍ମରୀ ମସରତ ଆଲମ ଗୋଷ୍ଠୀ ଉପରେ ପ୍ରତିବନ୍ଧକ ଲଗାଯାଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏନେଇ ଘୋଷଣା କରିଛନ୍ତି । ଟଇଚଇ ଅଧୀନରେ ଏହାକୁ ଏକ 'ବେଆଇନ ସଙ୍ଗଠନ' ଭାବରେ ଘୋଷଣା କରାଯାଇଛି । ଏହି ସଙ୍ଗଠନ ଏବଂ ଏହାର ସଦସ୍ୟମାନେ ଜମ୍ମୁ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପରେ ଜଡିତ ହେବା ସହିତ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀ ଗୋଷ୍ଠୀକୁ ସମର୍ଥନ କରୁଥିବା ଅଭିଯୋଗ ହୋଇଛି । ତେଣୁ ଏହି ଗୋଷ୍ଠୀକୁ ସମ୍ପୂର୍ଣ୍ଣ ବ୍ୟାନ୍ କରାଯାଇଛି । ଆଗାମୀ ୫ ବର୍ଷ ପାଇଁ ଏହି ଦଳକୁ ବ୍ୟାନ୍ କରାଯାଇଥିବା ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଟ୍ୱିଟ କରି ଜଣାଇଛନ୍ତି । ସେ ତାଙ୍କ ପୋଷ୍ଟରେ ଲେଖିଛନ୍ତି, ଏହି ସଂଗଠନ ଏବଂ ଏହାର ସଦସ୍ୟମାନେ ଉପତ୍ୟକାରେ ଜାତୀୟ ବିରୋଧୀ ତଥା ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପରେ ଜଡିତ ଅଛନ୍ତି । ସେମାନେ ଆତଙ୍କବାଦୀ କାର୍ଯ୍ୟକଳାପକୁ ମଧ୍ୟ ସମର୍ଥନ କରନ୍ତି ଏବଂ ଜମ୍ମୁ-କଶ୍ମୀରରେ ଇସଲାମିକ ଶାସନ ପ୍ରତିଷ୍ଠା କରିବାକୁ ଲୋକଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ନିର୍ଦ୍ଦେଶ ଏବଂ ବାର୍ତ୍ତା ଅଛି ଯେ ଦେଶର ଏକତା, ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ବିରୁଦ୍ଧରେ କାର୍ଯ୍ୟ କରୁଥିବା କୌଣସି ବ୍ୟକ୍ତି ଏଥିରୁ ରକ୍ଷା ପାଇବେ ନାହିଁ ।

## ବୁଲେଟକୁ ଧକ୍କା ଦେଲା ଟ୍ରକ: ଚାଲିଗଲା ଦୁଇ ଜଣଙ୍କ ଜୀବନ

ରେଢ଼ାଖୋଲ , ୨୭/୧୨ (ନି.ପ୍ର): ରେଢ଼ାଖୋଲ ସହରର ଉଦ୍ୟାନ ବିଭାଗ ଅଫିସରେ ସାମ୍ନାରେ ଘଟିଛି ଭୟଙ୍କର ସଡ଼କ ଦୁର୍ଘଟଣା । ଘରକୁ ଫେରୁଥିବା ବେଳେ ଅଧା ବାଟରେ ଚାଲି ଯାଇଛି ଦୁଇ ଜଣଙ୍କ ଜୀବନ । ୫୫ ନମ୍ବର ଜାତୀୟ ରାଜପଥରେ ଗୋଟିଏ ତେଲ ବୋଝେଇ ଟ୍ରକ ବୁଲେଟରେ ଯାଉଥିବା ଦୁଇ ଜଣଙ୍କୁ ଧକ୍କା ଦେଇଛି । ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ଜୀବନ ଚାଲି ଯାଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୁଲେଟଟି ରାସ୍ତାରୁ ଛିଟିକି ପଡ଼ି ନିକଟସ୍ଥ ବୁଦା ଭିତରେ ପଡ଼ିଥିଲା । ସେହିପରି ବୁଲେଟ ଚଳାଉଥିବା ଯୁବକଙ୍କ ଗୋଡ଼ର କିଛି ଅଂଶ ପୂରା ଛିଣ୍ଡି ଅଲଗା ହୋଇ ଯାଇଛି । ଦୁର୍ଘଟଣାରେ ପ୍ରାଣ ହରାଇଥିବା ଦୁଇ ଜଣ ହେଲେ ରେଢ଼ାଖୋଲ ସହରର ରଥସାହିରେ ରହୁଥିବା ଶ୍ୟାମସୁନ୍ଦର ଭିତିରିଆ ଓ ବସଷ୍ଟାଣ୍ଡ ଅଞ୍ଚଳର ଶୁଭେନ୍ଦୁ ସାହୁ । ଏମାନେ ସାଙ୍ଗ ହୋଇ ଘରୁ ଫେରୁଥିବା ବେଳେ ଅଧା ବାଟରେ ପ୍ରାଣ ହରାଇଛନ୍ତି । ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇ ଯାଇଛନ୍ତି । ତେବେ ସ୍ଥାନୀୟ ଲୋକ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହା ବିରୋଧରେ ରାସ୍ତା ରୋକ ମଧ୍ୟ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି ଅଟକି ରହିଥିଲା । ଖବର ପାଇ ପ୍ରଥମେ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲା । ତଥାପି ଲୋକମାନେ ରାସ୍ତା ରୋକରୁ ହଟି ନଥିଲେ । ଏହାପରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଓ ରେଢ଼ାଖୋଲ ଏସଡିପିଓ ଘଟଣାସ୍ଥଳରେ ପହଞ୍ଚିଥିଲେ । ଦୀର୍ଘ ସମୟରେ ବୁଝାସୁଝା ପରେ ଲୋକମାନେ ରାସ୍ତା ରୋକରୁ ହଟିଥିଲେ ।

## ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଆସିବେନି ମମତା, ଆସିବେନି ବାମପନ୍ଥୀ ନେତା ୟେଚୁରୀ



ନୂଆଦିଲ୍ଲୀ, ୨୭/୧୨ : ଅଯୋଧ୍ୟା ରାମମନ୍ଦିରରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଜୋରସୋରରେ ଚାଲିଛି କାର୍ଯ୍ୟକ୍ରମ । ଅନ୍ତିମ ପର୍ଯ୍ୟାୟରେ ନିର୍ମାଣକାମ ପହଁଚିଥିବାବେଳେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ପାଇଁ ଦିନ ସମୟ ଧାର୍ଯ୍ୟ ହୋଇସାରିଛି । ସେପଟେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ନିମନ୍ତ୍ରଣ ପଠାଯାଉଛି । ତେବେ ନିମନ୍ତ୍ରଣ ପାଇବା ସତ୍ତ୍ୱେ କାର୍ଯ୍ୟକ୍ରମକୁ ଆସିବାକୁ ମନା କରିଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାର୍ନାଜୀ । ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମକୁ ବିଜେପିର ଦଳୀୟ କାର୍ଯ୍ୟକ୍ରମ କହି କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ମନା କରିଥିବା ଜଣାପଡିଛି । ପୂର୍ବରୁ ବାମପନ୍ଥି ନେତା ସୀତରାମ ୟେଚୁରୀ ମଧ୍ୟ କାର୍ଯ୍ୟକ୍ରମକୁ ଆସିବେନି ବୋଲି ମନା କରିଥିଲେ । ଉଭୟ ଦଳ କହିଛନ୍ତି ଧର୍ମୀୟ କାର୍ଯ୍ୟକ୍ରମକୁ ବିଜେପି ଦଳୀୟ କାର୍ଯ୍ୟକ୍ରମର ରୂପଦେଇଛି । ନିର୍ବାଚନ ପାଇଁ ରାମଙ୍କ ନାଁରେ ଦଳ ଭୋଟ ମାଗୁଛି । ବିଜେପି ,ଆରଏସଏସ ଓ ଭିଏଚିପିର ଏହା ଏକ ଦଳୀୟ କାର୍ଯକ୍ରମ ଅଟେ । ତେଣୁ ଯୋଗ ନଦେବାକୁ ନିଷ୍ପତି ନେଇଛୁ । ନିମନ୍ତ୍ରଣ ସତ୍ତ୍ୱେ ଟିଏମସି ଓ ସିପିଆଇଏମ ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଯୋଗ ଦେବାକୁ ▶▶ପୃଷ୍ଠା ୭

# ସପ୍ତମ ଫ୍ରେଣ୍ଡସିପ ଫୁଟବଲ ଟୁର୍ଣ୍ଣାମେଣ୍ଟ: ରାଇଜିଙ୍ଗ ଷ୍ଟାର କେବିଡ଼ି ଚମ୍ପିଆନ

ବଲାଣି, ୨୭/୧୨ (ନି.ପ୍ର): ଯୋଡ଼ା ବ୍ଲକ ଅନ୍ତର୍ଗତ କୋଲ୍‌ହରୋଇଡା ଠାରେ ଦୁଇ ଦିବସୀୟ ସପ୍ତମ ଫ୍ରେଣ୍ଡସିପ ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି । ଫାଇନାଲରେ ରାଇଜିଙ୍ଗ ଷ୍ଟାର କେବିଡ଼ି କାସିଆ ଦଳକୁ ପରାଜିତ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଛି । ତୃତୀୟ ସ୍ଥାନରେ ଆରଡ଼ିଏସ ୭ ବଏଜ ଓ ଚତୁର୍ଥ ସ୍ଥାନରେ ପ୍ରିନ୍ସ ଇଲେଭେନ ଟାଟା ରହିଅଛି । ରୋଇଡା ପ୍ରିନ୍ସ କ୍ଲବ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଂଟ ରେ କେନ୍ଦୁଝର ଓ ପଡୋଶୀ ରାଜ୍ୟ ଝାରଖଣ୍ଡ ରାଜ୍ୟର ସମୁଦାୟ ୩୨ ଦଳ ଭାଗ ନେଇଥିଲେ । ଟୁର୍ନାମେଂଟର ଉଦ୍ଘାଟନୀ ଉତ୍ସବରେ ଆଦିବାସୀ ହୋ ମହାସଭାର କେନ୍ଦୁଝର ଜିଲା ସଭାପତି ଗୌର ଚରଣ ମୁଣ୍ଡା ମୁଖ୍ୟ ଅତିଥି ଓ ଅଖିଳ ଭାରତୀୟ ଆଦିବାସୀ କମୁନିଟିର ସଭାପତି ପୁରୁଷୋତମ ଗାଗରାଇ ସମ୍ମାନିତ ଅତିଥିରୂପେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଉଦଯାପନୀ ଉତ୍ସବରେ ଝାରଖଣ୍ଡ ରାଜ୍ୟର ପୂର୍ବତନ ମନ୍ତ୍ରୀ ବଡ଼କୁଅଁର ଗାଗରାଇ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ରୂପେ ଗୌର ଚରଣ ନାଏକ ଓ ପୁରୁଷୋତମ ଗାଗରାଇ, ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ମୋହନ କର ଓ ପଦ୍ମଲୋଚନ ଦାସ ଉପସ୍ଥିତ ରହି ଫାଇନାଲ ମ୍ୟାଚ୍ କୁ ଉପଭୋଗ କରିବା ସହିତ ପୁରସ୍କାର ବିତରଣ ଉତ୍ସବରେ ସାମିଲ ହୋଇଥିଲେ । ଚମ୍ପିୟାନ ଦଳକୁ ୫୦ ହଜାର ସହିତ ଦୁଇଟି ଖାସି, ରନର-ଅପ ଦଳକୁ ୩୦ ହଜାର ସହିତ ଗୋଟେ ଖାସି ଓ ତୃତୀୟ ସ୍ଥାନରେ ଥିବା ଦଳକୁ ୨୦ ହଜାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା । ଟୁର୍ନାମେଂଟରେ ଦାୟିତ୍ୱ କ୍ଷୀରୋଦ ଗିରି ଓ ବୁଲବୁଲ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ରେଫରୀ ଭାବରେ ଯତୀନ, କୃଷ୍ଣ, ଏମଡି କଲିମି, ଲସ ମୁଣ୍ଡା ଓ ଶଙ୍କର ପରିଚାଳନା କରିଥିଲେ । ପ୍ରିନ୍ସ କ୍ଲବର ସଭାପତି କାହ୍ନୁ ମୁଣ୍ଡାଙ୍କ ସହିତ କ୍ଲବ ସଦସ୍ୟ ରୋହିତ, ଶିବ, ଜିତେନ୍, ବିଦ୍ଦୁ, ଗେଂଡ୍ରୁ, ରାକେଶ ଓ ଅନ୍ୟ ମାନେ ସଫଳ ଆୟୋଜନରେ ସହଯୋଗ କରିଥିଲେ ।

# ଦୁଇଦିନିଆ ତୁଳସୀ କଲଚରାଲ ଆସୋସିଏସନ ନାଟ୍ୟ ମହୋତ୍ସବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୨୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ କଲଚରାଲ ଆସୋସିଏସନ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ ଠାରେ ଚାଲିଥିବା ଦୁଇ ଦିନିଆ ତୃତୀୟ ତୁଳସୀ ନାଟ୍ୟ ମହୋତ୍ସବ ଗତ ରବିବାର ସଂଧ୍ୟାରେ ଉଦଯାପିତ ହୋଇଛି । ଉଦ୍‌ଘାଟନୀ ସନ୍ଧ୍ୟାରେ କେନ୍ଦ୍ରାପଡାର ତୁଳସୀ କଲଚରାଲ ଆସୋସିଏସନ ନିବେଦିତ ନାଟ୍ୟକାର ଡଃ ରାମଚନ୍ଦ୍ର ବେହେରାଙ୍କ ରଚିତ 'କୁରୁକ୍ଷେତ୍ରର ଠିକଣା' ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଏହି ନାଟକରେ ସ୍ୱାର୍ଥହୀନ ଭାବରେ ଉଦାରତା ଓ ଆବେଗ ଜରିଆରେ କେତେଗୁଡିଏ ଅନାଥ ପିଲାଙ୍କ ଲାଳନ ପାଳନ ଉପରେ ଆଧାରିତ । ଜଗୁ ଭୂମିକା ଦର୍ଶକମାନଙ୍କ ମନ ମୋହିଥିଲା । ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ଅଭିନ୍ନ ରାଉତରାୟ, ଶକ୍ତି ପ୍ରସାଦ ମିଶ୍ର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ସଞ୍ଜୟ ସାହା ଅଲୋକ ପରିଚାଳନା କରିଥିଲେ । ସେହିପରି ରତ୍ନାକର ସାହୁ ଓ ସନ୍ତୋଷ ଦାସ ମଂଚ ପରିଚାଳନା କରିଥିଲେ । ଏହି ନାଟକରେ କୈଳାସ ମହାନ୍ତି, ରବିନ୍ଦ୍ରନାଥ ରଥ, ନିରଞ୍ଜନ ଦାସ, ଗଙ୍ଗାଧର ପାତ୍ର, ଜ୍ଞାନରଞ୍ଜନ ନାୟକ, ନିରଞ୍ଜନ ସାହୁ, ଅକ୍ଷୟ କୁମାର ସେନାପତି, ମହେନ୍ଦ୍ର ସୁଆର, ଶାନ୍ତନୁ ମଲ୍ଲିକ, ପ୍ରମୋଦ କୁମାର ବଳ, ନିଗମାନନ୍ଦ ଦାସ, ସଂଯୁକ୍ତା ଦାଶ, ବିଷ୍ଣୁପ୍ରିୟା ସାମଲ ପ୍ରମୁଖ କଳାକାରମାନେ ଭାଗ ନେଇଥିଲେ । ଜିଲ୍ଲାପାଳ ଅମୃତ ଋତୁରାଜ, ନଟ୍ୟକାର ଡଃ ରାମଚନ୍ଦ୍ର ବେହେରା, ଡିଏସ୍‌ପି ଜ୍ୟୋତି ରଞ୍ଜନ ସାମନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କଳାକାରମାନଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ । ଉଦଯାପନୀ ସଂଧ୍ୟାରେ ପରିବେଷିତ ହୋଇଥିଲା ଅଭିନ୍ନ ରାଉତରାୟଙ୍କ ନିର୍ଦ୍ଦେଶିତ ଏକକ ଅଭିନୟର ଏକ ଏକ୍ସପେରିମେଂଟାଲ ନାଟକ 'ତା ମା'ର କାହାଣୀ' । ଯାହାର କାହାଣୀ ଲେଖିଛନ୍ତି ସୁଷମା ଦେଶପାଣ୍ଡେ ଓ ନାଟ୍ୟରୂପାନ୍ତର କରିଛନ୍ତି ରତ୍ନମାଳା ସ୍ୱାଇଁ । ତାମସା ବାଲି ହୀରାବାଇର ସଂଘର୍ଷମୟ ଜୀବନ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ଏହି ନାଟକ । ପାଦରେ ମା ତା'ର ଘୁଙ୍ଗୁର ବାନ୍ଧି ଦେବା ପର ଠାରୁ ନିଜର ବୃତି ପ୍ରତି ସତ୍ୟନିଷ୍ଠ ହୀରା ନାଚ, ଗୀତ ଓ ନିଜ ରୂପ ମାଧୁର୍ଯ୍ୟରେ ଅନେକ ପୁରୁଷଙ୍କ ମନୋରଂଜନ କରେ । ଅନେକ ତା' ଉତୋଳ ଯୌବନ ଭରା ଦେହଟାର ସାନିଧ୍ୟ ପାଇବାକୁ ପାଗଳ ହୁଅନ୍ତି ସତ ହେଲେ ହୀରା କେବେ କାହକୁ ସେ ସୁଯୋଗ ଦେଇନି । ତଥାପି ତା କୁଆଁରୀ ମନର ଅକୁହା ଉଦ୍ଦମତା ଯେତେବେଳେ ତାକୁ ଆନମନା କରେ ସେ ଖୋଜେ ମନର ମଣିଷକୁ । ତା'ରି ବାହୁ ବନ୍ଧନରେ ହଜି ଯିବାକୁ ଇଚ୍ଛା କରେ । ଆଉ ଯେତେବେଳେ ସେହି ମନର ମଣିଷଟିଏ ମିଳିଗଲା ସେ ତାକୁ ମନ ଦେଇ ବସିଲା । ସେହି ସାହେବଙ୍କ ପାଇଁ ପ୍ରେମର ଦୀପାଳୀ ଜାଳିଲା । ବଧୂ ସାଜିବା ତ ତା' ପାଇଁ ମନା । କାରଣ ସେ କାହାର ଘର ଭାଙ୍ଗିବାକୁ ଚାହେଁନି କିମ୍ବା ନିଜ ମନର ମଣିଷକୁ ଜୀବନର ଶେଷ ପର୍ଯ୍ୟନ୍ତ ଦୂରେଇ ଦେବାକୁ ଚାହେଁନି । ସେ ଜୀବନ ଦେଇ ଭଲ ପାଇବା ଜାଣେ । ସବୁ କିଛି ଉତ୍ସର୍ଗ କରିଦେବା ଜାଣେ । ଯେମିତି ନିଜ ମା କରିଥିଲା । ସେ କେବଳ ଜଣକୁ ମନ ଦେଇ ଥିଲା ତାହା ନୁହେଁ ନିଜର ପ୍ରେମ ପାଇଁ ମା' ସମସ୍ତ ସମ୍ପତି ପ୍ରତିବଦଳରେ ତା'ର ମନର ମଣିଷକୁ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ରେ ପରିଣତ କରିପାରିଥିଲା । ତେବେ ହୀରାବାଇର ସେହି ସାହେବଙ୍କ ସହିତ ପ୍ରେମର ସନ୍ତକ ହେଉଛି ରତ୍ନା । ଏକମାତ୍ର ଝିଅ । ଉଚ୍ଚ ଶିକ୍ଷିତା । ହଷ୍ଟେଲରେ ଥିଲା ବେଳେ ମା ତାମସା ବାଲି ବୋଲି ସେ କେବେ ଦେଖାଦେଇନି । ଯାହାକୁ ହୀରାବାଇ ଅଜସ୍ର ଟଙ୍କା ଖର୍ଚ୍ଚ କରି ପାଠ ପଢାଇଛି । ତା'ର କୌଣସି ବି ଅଳି ଅର୍ଦ୍ଦଳୀକୁ ତଳେ ପକାଇନି । ସେ ଏକ ପ୍ରତିଷ୍ଠିତ ମିଡ଼ିଆ ହାଉସ୍‌ର ସାମ୍ବାଦିକା । ସେହି ରତ୍ନା ନିଜର ପ୍ରମୋଶନ ପାଇଁ ନିଜ ମା'ର ସାକ୍ଷାତକାର ନେବାକୁ ଚାହେଁ ।

## ଜାଗୁଲାଇ ପାଟଣା ଶ୍ରୀଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ ପତ୍ର ପ୍ରଦାନ

ଖୋର୍ଦ୍ଧା, ୨୭/୧୨ (ନି.ପ୍ର): ଜାନୁୟାରୀ ମାସ ୧୭ତାରିଖରେ ପୁରୀ ଜିଲ୍ଲାରେ ହେବାକୁ ଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଶୁଭ ଉଦଘାଟନ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ପ୍ରମୁଖ ଜଗନ୍ନାଥ ମନ୍ଦିର ଓ ବିଖ୍ୟାତ ଅନ୍ୟ ମନ୍ଦିର ମାନଙ୍କୁ ଶ୍ରୀମନ୍ଦିର ପ୍ରଶାସନ ଓ ଜିଲ୍ଲା ପ୍ରଶାସନ, ପୁରୀର ସହଯୋଗରେ ନିମନ୍ତ୍ରଣ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଆଜି ଠାରୁ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଆଜି ଖୋର୍ଦ୍ଧା ଜିଲ୍ଲାର ଜାଗୁଲାଇପାଟଣାସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ମହାଆଡମ୍ବରରେ ଅଭ୍ୟର୍ଥନା ପୂର୍ବକ ସଂକୀର୍ତନ ଢୋଲ ବଜାଇ ଅତିଥି ମାନଙ୍କୁ ମନ୍ଦିରକୁ ପାଛୋଟି ନିଆଯାଇଥିଲା । ମନ୍ଦିର ପ୍ରଶାସନର ମୁଖ୍ୟ ଉପ-ଜିଲ୍ଲାପାଳ ଖୋର୍ଦ୍ଧା ଦୀପ୍ତି ରଞ୍ଜନ ସେଠୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ । ଏଥିରେ ବ୍ଲକ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ । ପୂର୍ବ ନିର୍ଦ୍ଧାରିତ ସମୟ ଜାନୁଆରୀ ୧୭ତାରିଖ ଦିନକୁ ୨ଜଣ ସେବାୟତଙ୍କ ନାମ ପଞ୍ଜିକୃତ କରି ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଶେଷରେ ସରକାରଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ଖୋର୍ଦ୍ଧା ଜିଲ୍ଲାର ଅନ୍ୟ ବ୍ଲକ କୁ ପ୍ରସ୍ଥାନ କରିଥିଲେ ।

# ଖାଉଟି ଅଧିକାର ସମ୍ପର୍କରେ ଆଲୋଚନା ଚକ୍ର

ମାଲକାନଗିରି, ୨୭/୧୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ସଭା ଗୃହରେ ଏକ ଆଲୋଚନା ଚକ୍ର, ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି ! ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନମୋହନ ପଟ୍ଟନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ଯୋଗଦାନ କରି କହିଲେ ଗ୍ରାହକମାନେ ରାଜା ଅଟନ୍ତି ସେମାନଙ୍କୁ ସୁରକ୍ଷା ପ୍ରଦାନ, ଦ୍ରବ୍ୟ ଓ ସେବା ବିଷୟରେ ଜ୍ଞାନ ଦେବା ସମସ୍ତଙ୍କ ଦାୟିତ୍ୱ । ମୁଖ୍ୟ ବକ୍ତା ଅଶୋକ କୁମାର ପଟ୍ଟନାୟକ, ମୁଖ୍ୟ ଆଇନ ସେବା ପ୍ରାଧିକରଣ ଓକିଲ ଜାତୀୟ ଉପୋଭୋକ୍ତାର ଅଧିକାର ବିଷୟରେ ସମ୍ପୂର୍ଣ୍ଣ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟ ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ସଞ୍ଜୟ କୁମାର ସାହୁ ବଜାର ନିରୀକ୍ଷକ, ରାକେଶ କୁମାର ସାହୁ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଉପୋଭୋକ୍ତା ବିଷୟରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପ୍ରଶାସନ, ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ, ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଉପନିୟନ୍ତ୍ରକ ଆଇନ ପାଣିପାଗ ବିଶେଷ ମିଳିତ ଆନୁକୂଲ୍ୟରେ ଏକ ସେମିନାର ଆୟୋଜନ କରାଯାଇଛି । ଯାହାର ବିଷୟବସ୍ତୁ ଖାଉଟି ସୁରକ୍ଷା ଏବଂ ଇ-କମର୍ସ, ଡିଜିଟାଲ ବାଣିଜ୍ୟ ଯୁଗରେ ଖାଉଟି ଅଧିକାରର ସୁରକ୍ଷା ବିଷୟରେ ଆଲୋଚନା କରାଯାଇଥିଲା । ଏଥିରେ ଏକ ଶହରୁ ଉର୍ଦ୍ଧ୍ୱ ବାଣିଜ୍ୟ ବିଭାଗର ସମ୍ମାନ ଛାତ୍ରଛାତ୍ରୀ ଉପସ୍ଥିତ ରହି ସେମିନାର ରେ ଭାଗ ନେବା ସହିତ ଜଣା ଅଜଣା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଆରତୀ ଲୁଗୁନ, ଦିପ୍ତୀରେଖା ମିଶ୍ର, ସୁପ୍ରିୟା ପାଣିଗ୍ରାହୀ, କେ. କନ୍ୟାକୁମାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସଭା ପ୍ରାରମ୍ଭରେ ରାଜେଶ ବାଇନ ସ୍ୱାଗତ ସଂଗୀତ ଗାନ କରିଥିବା ବେଳେ ବି. ଗୁପ୍ତେଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ସମ୍ମିଳନୀର ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁ ସମ୍ବର୍ଦ୍ଧିତ

ମାଲାକାନଗିରି, ୨୭/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ଉତ୍କଳ ସମ୍ମୀଳନୀର ସଭାପତି ଡଃ ରଞ୍ଜନ କୁମାର ସ୍ୱାଇଁଙ୍କୁ ଭୁବେନେଶ୍ୱର ପାତ୍ରପଡ଼ା ସ୍ଥିତ ଆର୍ଯ୍ୟ ସ୍କୁଲ ଅଫ ମେନେଜମେଂଟ ଏଣ୍ଡ ଇନଫରମେସନ ଟେକ୍ନୋଲୋଜି ତରଫରୁ ସ୍ଥାନୀୟ ଶିକ୍ଷାନୁଷ୍ଠାନ ପରିସରରେ ପୁଷ୍ପଗୁଚ୍ଛ ଉତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରା ଯାଇଥିଲା । ଡଃ ସ୍ୱାଇଁଙ୍କ ଏହି କାର୍ଯ୍ୟକ୍ରମରେ ଅସ୍ମିତ ଅନୁଷ୍ଠାନରେ ଡଃ ମନ୍ମଥ ନାୟକ, ବକ୍ସି ଜଗବନ୍ଧୁ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଏସ ଏନ୍ ମହାନ୍ତି, ଜାମିଆ ମିଲିଆ ବିଶ୍ୱବିଦ୍ୟାଳୟ ନୂଆଦିଲ୍ଲୀ ର ବାଣିଜ୍ୟ ବିଭାଗ ପ୍ରଫେସର ମହମ୍ମଦ କମଲୁନ ନବି, ନିତିବାଣୀ ଶିକ୍ଷିକା ସରୋଜିନୀ ରଥ ଓ ଓଡ଼ିଆ ପାୱାର ଜେନେରେସନ ଲିମିଟେଡର ଉପ ଅଧିକାରୀ ଉପସ୍ଥିତ ରହି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ପ୍ରକାଶ ଥାଉକି ଡଃ ରଂଜନ କୁମାର ସ୍ୱାଇଁ ଉତ୍କଳ ସମ୍ମୀଳନୀର ମାଲକାନଗିରି ଜିଲ୍ଲା ସଭାପତି ଦାଇତ୍ୱ ଗ୍ରହଣ କଲାପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିବା ସହିତ ଉପାନ୍ତ ଅଂଚଳରେ ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଗାଁ ପାଇଁ ଦିନଟିଏ ପରି କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରି ପ୍ରଶଂସା ପାତ୍ର ହୋଇ ପାରିଥିଲେ । ଡଃ ସ୍ୱାଇଁଙ୍କ ଏହି ସଫଳତାରେ ପ୍ରଶଂସକଙ୍କର ଅନେକ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି ।

# ଜାନୁଆରୀ ୨ରେ ଶ୍ରଦ୍ଧାଞ୍ଜଳି ଦିବସ ପାଳିବ କଂଗ୍ରେସ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): କଳିଙ୍ଗନଗର ଗୁଳିକାଣ୍ଡକୁ ମନେ ପକାଇ ଆସନ୍ତା ଜାନୁଆରୀ ୨ ତାରିଖରେ ଶ୍ରଦ୍ଧାଞ୍ଜଳି ଦିବସ ପାଳନ କରିବ କଂଗ୍ରେସ । ସମସ୍ତ ଜିଲ୍ଲା ଓ ସହରରେ କଂଗ୍ରେସ ନେତା ଓ କର୍ମୀ ମହମବତୀ ଜାଳି ଦୁଇ ମିନିଟ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଦେବ । ଏନେଇ ପିସିସି ସଭାପତି ଶରତ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ରାଜ୍ୟ ସରକାରଙ୍କ ଆଦିବାସୀ ମାରଣ ନୀତି ବିରୋଧରେ ଆଗକୁ ଆସି ଲଢ଼େଇ କରିବାକୁ ଆଦିବାସୀଙ୍କୁ ଆହ୍ୱାନ ଦେଇଛନ୍ତି ପିସିସି ସଭାପତି । କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି କହିଛନ୍ତି ତତ୍‌କାଳୀନ ବିଜେଡ଼ି-ବିଜେପି ମେଂଟ ସରକାର ୨୦୦୬ ମସିହା ଜାନୁୟାରୀ ୨ ତାରିଖରେ ଟାଟା କମ୍ପାନୀକୁ ଜମି ଯୋଗାଇ ଦେବା ଉଦ୍ଦେଶ୍ୟରେ କଳିଙ୍ଗ ନଗର ଠାରେ ୧୩ ଜଣ ନିରୀହ ଆଦିବାସୀଙ୍କୁ ଗୁଳି କରି ହତ୍ୟା କଲେ । କଂଗ୍ରେସ ଅଧକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ କଳିଙ୍ଗ ନଗର ଆସି ଏହାକୁ "ଗ୍ରେଟ୍ ଟ୍ରାଜେଡ଼ି" ବୋଲି କହିଥିଲେ । ସେ ମୃତକଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । କଂଗ୍ରେସ ଦଳ ପକ୍ଷରୁ ପ୍ରତ୍ୟେକ ପରିବାରକୁ ୧ ଲକ୍ଷ ଟଙ୍କା ଏବଂ ତତ୍‌କାଳୀନ ଉପାସରକାର ପକ୍ଷରୁ ୫ ଲକ୍ଷ ଟଙ୍କା ଦିଆଯାଇଥିଲା । କଳିଙ୍ଗ ନଗର ପରି ରାୟଗଡ଼ା ଜିଲ୍ଲାର ମାଇକଂଚ, ନବରଙ୍ଗପୁରଜିଲ୍ଲାର ରାଇଘର ଓ କନ୍ଧମାଳ ଜିଲ୍ଲାର ଗୁମୁଡୁମାହା ଠାରେ ଏବଂ ଓଡ଼ିଶାରେ ବିଭିନ୍ନ ଜିଲ୍ଲାରେ ନବୀନ ସରକାର ଆଦିବାସୀମାନଙ୍କୁ ନିର୍ମମ ଭାବେ ହତ୍ୟା କରିଛି । ସ୍ୱାଧୀନତା ସଂଗ୍ରାମରେ ଏ ରାଜ୍ୟରେ ଆଦିବାସୀମାନଙ୍କର ଅବଦାନ ଅବିସ୍ମରଣୀୟ । ସହୀଦ ଲକ୍ଷ୍ମଣ ନାୟକ, ଧରଣୀଧର, ବିର୍ଷାମୁଣ୍ଡା, ମାଧୋ ସିଂ, ଚକରା ବିଶୋୟୀଙ୍କର ବଳିଦାନର ଗାଥା ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ । ମାତ୍ର ନବୀନ ସରକାର ସେ ଆଦିବାସୀ ସଂପ୍ରଦାୟଙ୍କ ପ୍ରତି ଆଜି ଅତି ଅନ୍ୟାୟ ଆଚରଣ କରୁଛି । ସବୁଠାରୁ ବଡ଼ ଆଶ୍ଚର୍ଯ୍ୟର କଥା ଦୀର୍ଘ ୨୫ ବର୍ଷର ନିରବିଚ୍ଛିନ୍ନ ନବୀନ ସରକାର ଆଦିବାସୀମାନଙ୍କର ବିକାଶ ପାଇଁ କିଛି କରିନାହାନ୍ତି । ବେଦାନ୍ତ କମ୍ପାନୀକୁ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ନିୟମଗିରିର ଡଙ୍ଗରିଆ କନ୍ଧ, ଝରଣିଆ କନ୍ଧ, କୁଟିଆ କନ୍ଧଙ୍କୁ ବାସଚ୍ୟୁତ କରିବା ପାଇଁ ନବୀନ ସରକାର ଯେଉଁ ଷଡ଼ଯନ୍ତ୍ର କରିଥିଲେ ତାହାକୁ ଜନନାୟକ ରାହୁଲ ଗାନ୍ଧୀ ପଣ୍ଡ କରିଦେଲ । ନିଜକୁ ଆଦିବାସୀଙ୍କ ସରକାର ବୋଲି ଘୋଷଣା କରୁଥିବା ବିଜେଡ଼ି ସରକାରରେ ଆଦିବାସୀ ଅଧ୍ୟୁଷିତ ମାଲ୍‌କାନାଗିରି ଜିଲ୍ଲା ନିତିଆୟୋଗଙ୍କ ରିପୋର୍ଟ ଅନୁସାରେ ସବୁଠାରୁ ଗରୀବ ଜିଲ୍ଲା କାହିଁକି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଥିଲେ ଯେ କଂଗ୍ରେସ ଦଳ ସବୁବେଳେ ଆଦିବାସୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସଂଗ୍ରାମ କରୁଛି ଓ କରିବ । ସୁତରାଂ ଆସନ୍ତା ଜାନୟାରୀ ୨ ତାରିଖ ଦିନ ସାରା ରାଜ୍ୟରେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା, ବ୍ଲକ ଓ ସହରାଂଚଳରେ କଂଗ୍ରେସ ନେତୃବୃନ୍ଦ, କର୍ମୀ ଓ ସାଧାରଣ ଜନତା ମିଳିତ ହୋଇ କଳିଙ୍ଗ ନଗର ଓ ରାଜ୍ୟର ଅନ୍ୟ ଜିଲ୍ଲାରେ ପୁଲିସ୍ ଗୁଳିରେ ମୃତ୍ୟୁବରଣ କରିଥିବା ଆଦିବାସୀମାନଙ୍କ ପ୍ରତି ମହମବତୀ ଜାଳି ଏବଂ ନିରବ ପ୍ରାର୍ଥନା କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହିତ ସେମାନଙ୍କର ପରିବାର ବର୍ଗଙ୍କୁ ସମବେଦନା ଜଣାଇବାକୁ ଶ୍ରୀ ପଟ୍ଟନାୟକ ଅନୁରୋଧ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମିଡ଼ିଆ ବିଭାଗର ଅଧକ୍ଷ ଗଣେଶ୍ୱର ବେହେରା କହିଥିଲେ ଯେ କଳିଙ୍ଗ ନଗର ଆଦିବାସୀ ହତ୍ୟା ଘଟଣା ସ୍ୱାଧୀନୋତର ଓଡ଼ିଶା ଇତିହାସରେ ବିରଳ । ଏ କ୍ଷତ ଏ ଯାବତ ଶୁଖି ନାହିଁ, କାରଣ ମୃତ୍ୟୁକଙ୍କ ପରିବାରକୁ ନ୍ୟାୟ ମିଳିନାହିଁ । ଅନ୍ୟ ପକ୍ଷରେ ଆଦିବାସୀ ଜମି ଅଣ ଆଦିବାସୀଙ୍କୁ ହସ୍ତାନ୍ତର ଆଇନ ରେଗୁଲେସନ-୨/୧୯୫୬ ସଂଶୋଧନ ପ୍ରତ୍ୟାହୃତ ହେଲା ନାହିଁ । କେବଳ ସ୍ଥଗିତ ରହିଛି । ଆଦିବାସୀ ଶୋଷଣର ଏହାଠାରୁ ବଳି ବଡ଼ ଉଦାହରଣ କଣ ହୋଇପାରେ ? ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଇସ୍ତାହାର କମିଟିର ଅଧକ୍ଷ ପଂଚାନନ କାନୁନ୍‌ଗୋ କହିଥିଲେ ଯେ କଳିଙ୍ଗ ନଗର ହତ୍ୟାକାଣ୍ଡ ଘଟଣାକୁ ତତ୍‌କାଳୀନ ମେଂଟ ସରକାରରେ ରହିଥିବା ବିଜେପି ସମର୍ଥନ ଦେଲା ।

# ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଧୁମ୍‌ଧାମ୍‌ରେ ପାଳିତ

କେନ୍ଦ୍ରାପଡ଼ା, ୨୭/୧୨ (ନି.ପ୍ର): କେନ୍ଦ୍ରାପଡ଼ା ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ଆଜି କେନ୍ଦ୍ରାପଡ଼ା ଇଛାପୁର ସ୍ଥିତ ମାଉସୀ ମା' ମନ୍ଦିର ନିକଟରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ବିଧାୟକ ଶଶି ଭୂଷଣ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ଉତ୍ସବରେ ଉପସ୍ଥିତ ନେତୃମଣ୍ଡଳୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ବିଜେଡି ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଓ ନବୀନ ବାବୁଙ୍କ ନିର୍ମଳ ଭାବମୂର୍ତି ରାଜ୍ୟର ଉନ୍ନତି ପାଇଁ ଓ ଆର୍ଥିକ ବିକାଶ ଉପଲକ୍ଷେ ଅନବରତ କରା ଯାଉଥିବା ପ୍ରଚେଷ୍ଟାକୁ ରାଜ୍ୟର ଜନ ସାଧାରଣ ବିପୁଳ ସମର୍ଥନ ଜଣାଇ ଦୀର୍ଘ ୨୬ ବର୍ଷ ହେଲା ନବୀନ ବାବୁଙ୍କ ନେତୃତ୍ୱକୁ ସମର୍ଥନ ଜଣାଇବା ସହ ଏହି ଧାରାକୁ ଅବ୍ୟାହତ ରଖିବା ପାଇଁ ଉପସ୍ଥିତ ନେତାମାନେ ଜନ ସାଧାରଣଙ୍କୁ ଆହ୍ୱାନ ଜଣାଇବା ସହ ଆଗାମୀ ନିର୍ବାଚନରେ ଦଳୀୟ କର୍ମୀମାନେ ଶୃଙ୍ଖଳିତ ଭାବେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ସୁପ୍ରିମୋ ନବୀନ ବାବୁଙ୍କ ନିଷ୍ପତିକୁ ଦୃଢ ସମର୍ଥନ ଜଣାଇବା ପାଇଁ ଆହ୍ୱାନ ଦେଇଥିଲେ ଓ ଏନେଇ ଏକ ଶପଥ ପାଠ ଜରିଆରେ ଦଳକୁ ସୁଦୃଢ କରିବାକୁ ଅଙ୍ଗିକାର କରିଥିଲେ । ଏହି ଅବସରରେ ଏକ ରକ୍ତଦାନ ଶିବିର ସ୍ଥାନୀୟ ଯାତ୍ରୀ ନିବାସରେ ଅନୁଷ୍ଠିତ ହୋଇଥିଲା । ବିଧାୟକ ଶ୍ରୀ ବେହେରା ଏହାକୁ ଉଦ୍‌ଘାଟନ କରିବା ସହ ନବୀନ ବାବୁଙ୍କ ସଂକଳ୍ପ ଶୂନ୍ୟ ମୃତ୍ୟୁହାରକୁ ଦୋହରାଇ ଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଉପ ସଭାପତି ଦେବଦାସ ମହାନ୍ତି ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ପୌର ଅଧ୍ୟକ୍ଷା ସରିତା ସାହୁ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ପୌର ଉପାଧ୍ୟକ୍ଷା ଆକବରୀ ଖାତୁନ, ଓଡିଶା ମୋ ପରିବାର ଓ ଜୀବନ ବିନ୍ଦୁ କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ହିରଣ୍ୟ ପଣ୍ଡା, ରାଜେଶ ଦାସ, ରଂଜିତ ସାହୁ, ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ଲିଳିତା ଦାସ, ପ୍ରିୟଦର୍ଶିନୀ ତରାଇ, ଯଜାତି କେଶରୀ ମହାନ୍ତି, ଦୁର୍ଗାଶିଷ ମହାନ୍ତି, ମାନସ ପରିଡା, ଧିରେନ ସାହୁ, ରୋସନା ସାହୁ, ମଙ୍ଗଳବରଣ ସିଂହ, ଶରତ ବେହୁରା, ସୁମିତ୍ରା ପାଢୀ, ସେକ ଚନ୍ଦନ, ଗୌତମ ସ୍ୱାଇଁ, ଦୁର୍ଗା ପ୍ରସାଦ ପତି, ଅକ୍ଷୟ ମେକାପ, ବିଜୟ କୁମାର ମଣ୍ଡଳ, କାଉନସିଲର ନିରାକାର ସ୍ୱାଇଁ, ପ୍ରକାଶ ପରିଡା, ସ୍ୱାଧିନ ନାୟକ ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କର୍ମୀ ମହିଳା ଉପସ୍ଥିତ ଥିଲେ । ସକାଳେ କେନ୍ଦ୍ରାପଡା ପୁରୁଣା ମେଡିକାଲ ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇ ଥିଲା । କାର୍ଯ୍ୟକ୍ରମ ଶେଷରେ କାଉନସିଲର କାଳୀ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର ୨୬ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, ୨୭/୧୨ (ନି.ପ୍ର): ଶ୍ରୀ ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦର କେନ୍ଦ୍ରାପଡା ଜିଲ୍ଲା ପାଲାଗାୟକ ପରିଷଦର ସଭାପତି ଗାୟକ ପ୍ରକୃତିବନ୍ଧୁ ଗଗନ ବିହାରୀ ସିଂହଙ୍କ ସଭାପତିତ୍ୱରେ ୨୬ତମ ବାର୍ଷିକ ଉତ୍ସବ ଗରାପୁରସ୍ଥିତ ଦିବ୍ୟଜୀବନ ସଂଘ ଶିବାନନ୍ଦ ଆଶ୍ରମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ସମ୍ମିଳନୀକୁ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା' ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଓ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ଅତିଥି ଭାବରେ କବି କରୁଣାକର ଦାସ, ଗାୟକ ପ୍ରଶାନ୍ତ ନାଥଶର୍ମା, ରାମକୃଷ୍ଣ ଦାସ, ଡଃ. କାଳୀପ୍ରସନ୍ନ ଶତପଥୀ, ପ୍ରାବନ୍ଧିକ ଡଃ. ସର୍ବେଶ୍ୱର ସେଣ ପ୍ରମୁଖ ଯୋଗଦେଇ ସାହିତ୍ୟ ଉପରେ ଆଲୋଚନା କରିଥିଲେ । ପାଲା ପରିଷଦର ସମ୍ପାଦକ ସୁଧାକଣ୍ଠ ପ୍ରଫୁଲ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବ୍ୟଙ୍ଗକବି ଶ୍ରୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଗାୟକ ପ୍ରଦୀପ୍ତ କୁମାର ନାୟକ ଓ ଗାୟକ ପ୍ରମୋଦ କୁମାର ନାଥ ପାଲା ପରିବେଷଣ କରିଥିଲେ । ଏହି ସମ୍ମିଳନୀରେ ଶତାଧିକ ଗାୟକ, ଗାୟିକା, ପାଳିଆ ଏବଂ ପାଲାପ୍ରେମୀମାନେ ଉପସ୍ଥିତ ରହି ପାଲା ଉପଭୋଗ କରିଥିଲେ । ଉଦ୍‌ଯାପନୀ ଦିବସରେ ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ପରିଷଦର ସଭାପତି ଗାୟକ ଗଗନ ବିହାରୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ସ୍ନାୟୁଶଲ୍ୟ ବିଭାଗ ଡାକ୍ତର ରବିନାରାୟଣ ପଣ୍ଡା ଓ ମୁଖ୍ୟଅତିଥି ଭାବେ ବିଷ୍ଣୁଚରଣ ଦାଶ, ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଗାୟକ ସନ୍ତୋଷ ପଟ୍ଟନାୟକ, ଶୁଭାଂଶୁ ଦାସ, ଗାୟକ ନାରାୟଣ ମହାରଣ, ପାର୍ବତୀ ନାୟକ ପ୍ରମୁଖ ଯୋଗଦେଇ ପାଲାର ଉନ୍ନତି ଓ ଭବିଷ୍ୟତ ଉପରେ ଆଲୋଚନା କରିଥିଲେ । ଶିକ୍ଷକ ମନୋଜ କୁମାର ପଟ୍ଟନାୟକ, ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲୀପ ସାହୁ, ଶିକ୍ଷକ ଶିବପ୍ରସାଦ ନାୟକ ଓ ଅଧ୍ୟାପକ ଗିରିଜାକାନ୍ତ ଦାସଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନୀତ କରାଯାଇଥିଲା । ଗାୟକ କେଶବ ଦାଶ, ପରମାନନ୍ଦ ବେହେରା, ଗାୟକ ବସନ୍ତ ବେହୁରା, ସନାତନ ସ୍ୱାଇଁ, ଗାୟକ ଅଲେଖ ଚନ୍ଦ୍ର ଦାସ, ନିରଞ୍ଜନ ନାୟକ, ଶାରଦା ପ୍ରସନ୍ନ ନାଥ ଓ ଗାୟିକା ଆରତୀ ଓଝାଙ୍କୁ ସମ୍ବର୍ଦ୍ଧିତ କରରାଯାଇଥିଲା । ପ୍ରାରମ୍ଭରେ ଗାୟକ ପରିଷଦ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା ବେଦପାଠ କରିଥିବାବେଳେ କ୍ଷୀରୋଦ କୁମାର ନାଥ ଶ୍ରୀମା'ଙ୍କ ରଚନାରୁ ଭଜନ ଗାନ କରିଥିଲେ । ଗାୟକ ସୂର୍ଯ୍ୟ ପର୍ଶୁରାମ ପଣ୍ଡା ଓ ଗାୟକ ପ୍ରତାପଚନ୍ଦ୍ର ରଥ ପାଲା ପରିବେଷଣ କରିଥିଲେ । ଶେଷରେ କ୍ଷୀରୋଦ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଂଚଳିକ କୃଷି ଯନ୍ତ୍ରପାତି ମେଳା

ଜୟପୁର, ୨୭/୧୨ (ନି.ପ୍ର): ଜୟପୁର ଦଶହରା ପଡିଆ ଠାରେ ଆଂଚଳିକ କୃଷି ଯନ୍ତ୍ରପାତି ମେଳା ଉଦଘାଟିତ ହୋଇଛି । ଏଠାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ମୁଖ୍ୟ ଉନ୍ନୟନ ଅଧିକାରି ତଥା ନିର୍ବାହୀ ଅଧିକାରି ଗୌରବ ଶିବାଜୀ ଇସାଲଓ୍ୱାର, ସିଡିଏମଓ ପ୍ରଦିପ କୁମାର ମହାନ୍ତି, ଚିଫ ଇଞ୍ଜିନିୟର ମୁକ୍ତି କାନ୍ତ ମହାପାତ୍ର, ଜୟପୁର ଏଡିଓ ଲୋଚନ ଚନ୍ଦ୍ର ମାଝୀ, ଏଡିଓ ନନ୍ଦପୁର ଏମ ପ୍ରକାଶ ରାଓ, ଏଡିଓ କୋରାପୁଟ ବୈକୁଣ୍ଠ ନାଥ ବେହେରା ଯୋଗ ଦେଇଥିଲେ ।

ଏହି ମେଳାରେ ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାଯ୍ୟକାରି ହେଉଥିବା ଯୋଜନା ଗୁଡିକର ପ୍ରଚାର ଏବଂ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟର ବ୍ୟବସ୍ଥା ଆଦି ବ୍ୟବସ୍ଥା କରାଯାଇଛି ।

# ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓଡିଶା ଉଦ୍‌ଯାପନୀ ଉତ୍ସବ

ନୀଳଗିରି, ୨୭/୧୨ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ନୂଆ ଓଡିଶା ନବୀନ ଓଡ଼ିଶାର ଉଦଯାପନୀ ଉତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ନୀଳଗିରିର ମାନ୍ୟବର ବିଧାୟକ ଇଂ ସୁକାନ୍ତ କୁମାର ନାୟକ ମୁଖ୍ୟଅତିଥି, ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ପ୍ରଫେସର ଡ଼ ସତୀଶ ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ଓଡ଼ିଶାର ବ୍ୟଙ୍ଗକବି ଜ୍ଞାନ ହୋତା ବିଶିଷ୍ଟ ବକ୍ତା ଭାବରେ ଯୋଗଦେଇଥିବାବେଳେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରାହୁଲ ମଣ୍ଡଳ, ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ଇଂ ଦୀପ୍ତିକାନ୍ତ ମହାପାତ୍ର, ପ୍ରତିଷ୍ଠାତା ସଦସ୍ୟ ଶ୍ରୀଯୁକ୍ତ ସଦାଶିବ ରଥ, ପରିଚାଳନା କମିଟିର ସଭାପତି ପ୍ରଫେସର ଡ଼ ଜ୍ୟୋତ୍ସ୍ନାରାଣୀ ପଣ୍ଡା, ଜୁନିଅର ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଯୁକ୍ତ କାର୍ତ୍ତିକ ଚନ୍ଦ୍ର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ ! ପ୍ରାରମ୍ଭରେ ଅଧ୍ୟାପକ ଡ଼ ପ୍ରଦୀପ୍ତ କୁମାର ମିଶ୍ର ମଞ୍ଚ ଆହ୍ୱାନ କରିଥିବାବେଳେ ନୂଆ ଓଡ଼ିଶାର ସଂଯୋଜକ ଡ଼ ହରିପଦ ଦାଶ ବିବରଣୀ ପାଠ କରିଥିଲେ ! ମୁଖ୍ୟ ଅତିଥି ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିବାବେଳେ ଶେଷରେ ପ୍ରାଧାପିକା ମଣିମାଳା ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଦ୍ୱିତୀୟ ଅଧିବେଶନରେ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ




ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟଗୀତ ପରିବେଷଣ ହୋଇଥିଲା । ଏଥିରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।


# ଦେଶି ମଦ ଚାଲାଣ ବେଳେ ଚଢ଼ଉ: ୨ ଗିରଫ


ଜୟପୁର, ୨୭/୧୨ (ନି.ପ୍ର): ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ବିଭାଗ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ଦୁଇ ଅଭିଯୁକ୍ତ ହେଲେ ମେଦ୍ରି ସାହିର ମୁକ୍ତା ମୁଦୁଲି ଓ ନିଳାଗୁଡାର ଛବି ହରିଜନ । ଜୟପୁର ଅବକାରି ବିଭାଗର ସୂଚନା ଅନୁଯାୟୀ, ଦେଶି ମଦ ଚାଲାଣ ହେଉଥିବା ବିଷୟ ଜୟପୁର ଅବକାରି ବିଭାଗ ସୂଚନା ପାଇ ସହରର ମେଦ୍ରି ସାହି ରାସ୍ତାରେ ଚଢଉ କରି ଜଣେ ମହିଳାକୁ ଗିରଫ କରି ତା ଠାରୁ ୮ ଲିଟର ଦେଶି ମଦ ଜବତ କରିଛି । ସେହିପରି ନିଳାଗୁଡାରୁ ଏକ ବାଇକରେ ଦେଶି ମଦ ସହରକୁ ଆସୁଥିବା ବେଳେ ଦୈନିକ ବଜାର ନିକଟରେ ଚଢଉ କରିଛି । ଚଢଉ କରି ୯ ଲିଟର ଦେଶି ମଦ ଓ ବାଇକ କୁ ଜବତ କରିଛି । ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୂଚନା ଦେଇଛନ୍ତି ।

# ବାୟୁ ପ୍ରଦୂଷଣ, ପରିବର୍ତ୍ତିତ ଜୀବନଶୈଳୀରୁ ଷ୍ଟ୍ରୋକ୍



ଭାରତରେ ପ୍ରତି ବର୍ଷ ଷ୍ଟ୍ରୋକ୍‌ଜନିତ ୧୬ଲକ୍ଷ ମାମଲା ସାମ୍ନାକୁ ଆସୁଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ଅତି କମରେ ଏହି ମାମଲାର ଏକ ତୃତୀୟାଂଶ କେବଳ ବାୟୁ ପ୍ରଦୂଷଣ ଓ ପରିବର୍ତ୍ତିତ ଜୀବନଶୈଳୀ ହିଁ ଦାୟୀ। ଫର୍ଟିସ୍ ଏସ୍‌କର୍ଟସ୍ ହାର୍ଟ ଇନଷ୍ଟିଚ୍ୟୁଟ ଦ୍ୱାରା ଏହି ଅଧ୍ୟୟନ କରାଯାଇଛି। ଅବସାଦ, ପୁରୁଣା ଚିନ୍ତା ଓ ଚାକିରି ଚାପ ଭଳି ଜୀବନଶୈଳୀ ସମସ୍ୟା ମସ୍ତିଷ୍କ ଓ ହୃଦଘାତ ଆଶଙ୍କା ତୀବ୍ର କରିଥାଏ। ଯୁବପିଢ଼ିଙ୍କ ଠାରେ ମଧ୍ୟ ଏହି ସମସ୍ୟା ଦେଖାଯାଏ। ଷ୍ଟ୍ରୋକର ସମ୍ମୁଖୀନ ରୋଗୀଙ୍କ ଠାରେ ଅଳ୍ପ ସମୟର ସ୍ମୃତି ହାନି, ଚିନ୍ତନରେ ଅସୁବିଧା ଓ ଅବସାଦ ଆଦି ଦେଖାଯାଏ। ବାୟୁରେ ଥିବା ପ୍ରଦୂଷଣ ରକ୍ତକୁ ବହଳ କରିଦିଏ ଏବଂ ଧମନୀଗୁଡ଼ିକୁ ଶକ୍ତ କରିଦିଏ। ଏହି ପ୍ରକ୍ରିୟା ଥରେ ଆରମ୍ଭ ହୋଇଗଲେ ଧମନୀରେ ପ୍ଲାକ୍ ନିର୍ମିତ ହୁଏ, ଯାହା ଷ୍ଟ୍ରୋକ୍ ପାଇଁ ଦାୟୀ ବୋଲି ଇନ୍ଦ୍ରପ୍ରସ୍ଥ ଆପୋଲୋର ବରିଷ୍ଠ ନ୍ୟୁରୋଲୋଜିଷ୍ଟ୍ ପି.ଏନ୍.ରେନଜେନ୍ କହିଛନ୍ତି। ଏହା ରକ୍ତଚାପ, ମସ୍ତିଷ୍କରେ ଜମାଟ ଆଶଙ୍କା ମଧ୍ୟ ବଢ଼େଇଥାଏ ବୋଲି ସେ କହିଛନ୍ତି। ରେନଜେନଙ୍କ ଅନୁସାରେ, ଭାରତରେ ଚାକିରି ଚାପ, ଚିନ୍ତା, ଅବସାଦ ଓ ଅନ୍ୟ ଜୀବନଶୈଳୀ ସ୍ଥିତି ଅତିଶୟ ଖରାପ ହେତୁ ଷ୍ଟ୍ରୋକ ମାମଲା ଦ୍ରୁତତର ହେଉଛି। ଭାରତରେ ମୃତ୍ୟୁ ଓ ଅକ୍ଷମତାର ତୃତୀୟ ସବୁଠୁ ସାଧାରଣ କାରଣ ହେଉଛି ଷ୍ଟ୍ରୋକ୍। ଏହାର ଉଚିତ୍ ଚିକିତ୍ସା ନହେଲେ ମିନିଟକୁ ହାରାହାରି ରୋଗୀ ୧୯ଲକ୍ଷ ସ୍ନାୟୁ କୋଷିକା ହରାଇବେ। ଜନ୍ମ ନିୟନ୍ତ୍ରଣ ବଟିକା ସେବନ କରୁଥିବା ମହିଳାଙ୍କ ଠାରେ ଷ୍ଟ୍ରୋକ୍ ଆଶଙ୍କା ଅଧିକ ଥିବା ସଦ୍ୟ ଅଧ୍ୟୟନରୁ ମଧ୍ୟ ଜଣାପଡ଼ିଛି।





## ମହାକାଶଚାରୀଙ୍କ ପାଇଁ ସ୍ନାକ୍ସ



ମହାକାଶକୁ ଗବେଷଣା ପାଇଁ ଯାଉଥିବା ମହାକାଶଚାରୀଙ୍କ ପାଇଁ ବୈଜ୍ଞାନିକମାନେ ବିଭିନ୍ନ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରୁଛନ୍ତି। ଯେତେବେଳେ ମହାକାଶଚାରୀ ସେମାନଙ୍କ ମିଶନରେ ଯାଥାନ୍ତି, ସେତେବେଳେ ନିଜକୁ ସୁସ୍ଥ ରଖିବା ପାଇଁ ସେମାନଙ୍କୁ ସନ୍ତୁଳିତ ଖାଦ୍ୟର ଆବଶ୍ୟକତା ରହିଥାଏ। ଓରିଏନ ମହାକାଶଯାନରେ ଖାଦ୍ୟ ଓ ଅନ୍ୟ ଜିନିଷପତ୍ର ରଖିବା ପାଇଁ ଖୁବ୍ କମ୍ ସ୍ଥାନ ରହିଛି। ଏହାକୁ ଦୃଷ୍ଟିରେ ରଖି ମହାକାଶଚାରୀଙ୍କ ପାଇଁ ଏପରି ଏକ ସ୍ନାକ୍ସ ବାର ପ୍ରସ୍ତୁତ କରାଯାଇଛି, ଯାହାକି ସେମାନଙ୍କୁ ଯଥେଷ୍ଟ ମାତ୍ରାରେ ପୋଷଣ ଓ କ୍ୟାଲୋରୀ ଯୋଗାଇବା ସହିତ ପାଟିକୁ ମଧ୍ୟ ସ୍ୱାଦିଷ୍ଟ ଲାଗିବ। ଏବେ ସୁଦ୍ଧା ଏପରି ସ୍ନାକ୍ସବାର ମାର୍କେଟରେ ମିଳୁନି। କିନ୍ତୁ ଏହାକୁ ବୈଜ୍ଞାନିକ ଗବେଷଣା କରି ପ୍ରସ୍ତୁତ କରୁଛନ୍ତି। ଏହି ଖାଦ୍ୟକୁ ନାସାର ହ୍ୟୁମାନ ରିସର୍ଚ୍ଚ ପ୍ରୋଗ୍ରାମ ସହିତ ମିଳିତ ଭାବେ ବିକଶିତ କରାଯାଇଛି। ଏଚଇଆରଏ ସଦସ୍ୟଙ୍କ ଉପରେ ଏହାର ପରୀକ୍ଷଣ ବି କରାଯାଇଛି। ଓରିଅନର ପ୍ରଥମ ମିଶନ ୨୦୨୧ରେ ଛଡ଼ାଯିବ।

## ଶନି ପ୍ରଦୋଷ ବ୍ରତ

ପ୍ରଦୋଷ ବ୍ରତ ପ୍ରତିମାସରେ ଦୁଇଥର ପଡ଼ିଥାଏ। ଗୋଟିଏ ଶୁକ୍ଳପକ୍ଷ ଓ ଅନ୍ୟଟି କୃଷ୍ଣପକ୍ଷ ତ୍ରୟୋଦଶ ତିଥିରେ।। ସୋମବାର ତ୍ରୟୋଦଶୀ ପଡ଼ିଲେ ଏହାକୁ ସୋମ ପ୍ରଦୋଷ ବ୍ରତ କୁହାଯାଏ ଓ ମଙ୍ଗଳବାର ପଡ଼ିଲେ ଭୌମ ପ୍ରଦୋଷ ବ୍ରତ କୁହାଯାଏ। ଏହାବ୍ୟତୀତ ଶନିବାର ପଡୁଥିବା ପ୍ରଦୋଷ ବ୍ରତର ବି ଖୁବ୍ ମହତ୍ୱ ରହିଥାଏ। ଶନିବାର ଦିନ ପ୍ରଦୋଷ ବ୍ରତ ପଡ଼ିଲେ ତାକୁ ଶନି ପାଇଁ ଶନି ପ୍ରଦୋଷ ବ୍ରତ ଉତ୍ତମ ହୋଇଥାଏ। ଶନି ପ୍ରଦୋଷ ବ୍ରତ କରୁଥିବା ଲୋକଙ୍କ ଉପରେ ଶନି ଦେବତାଙ୍କ ଅସୀମ କୃପା




ରହିଥାଏ। ଏହିବ୍ରତ କରୁଥିବା ବ୍ୟକ୍ତିଙ୍କୁ ପ୍ରାତଃ କାଳରେ ଭଗବାନ ଶିବଙ୍କର ପୂଜା କରିବାକୁ ପଡ଼ିଥାଏ ଓ ଏହାପରେ ଶନିଙ୍କର ପୂଜା କରିବା ପରେଏହି ବ୍ରତ ସମ୍ପନ୍ନ ହୋଇଥାଏ। ଶନି ପ୍ରଦୋଷ ବ୍ରତ ଦିନ ୧୧ଥର ଦଶରଥକୃତ ଶନି ସ୍ତୋତ୍ର ପଠନ କରାଯାଇଥାଏ। ଏହାଦ୍ୱାରା ଶନି ଦଶା କାରଣରୁ ଜୀବନରେ ଆସୁଥିବା ଅସୁବିଧା ଦୂର ହୋଇଥାଏ।

## କିଡ୍‌ନୀ କ୍ଷତି କମାଏ ଗ୍ରୀନ୍ ଟି



ସାଧାରଣ କଫି ଓ ଅନ୍ୟ ପ୍ରକାର ଚା’ ଅପେକ୍ଷା ଗ୍ରୀନ୍‌ଟି ଅଧିକ ସ୍ୱାସ୍ଥ୍ୟ ହିତକର, ଏକଥା ସମସ୍ତେ ଜାଣନ୍ତି। ତେବେ ଏମ୍ସ ଗବେଷକଙ୍କ ଦ୍ୱାରା ହୋଇଥିବା ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି କିଡ୍‌ନୀ ହାନୀ ହ୍ରାସ କରିବା ସହ କର୍କଟ ନିରୋଧୀ ଔଷଧ ସିସ୍‌ପ୍ଲାଟିନ୍ ଦ୍ୱାରା ହେଉଥିବା ହାନିରୁ ରକ୍ଷା କରିବାରେ ଗ୍ରୀନଟି ପ୍ରଭାବଶାଳୀ। ସିସପ୍ଲାଟିନ ଦ୍ୱାରା କ୍ଷତିଗ୍ରସ୍ତ କିଡନୀ ପ୍ରତିରୋଧ କରିବାରେ ଇସିଜି (ଗ୍ରୀନ୍‌ଟିରେ ଥିବା ଏକ ପଲିଫେନେଲିକ ଯୌଗିକ)ର ବ୍ୟବହାରିତାକୁ ଅଧ୍ୟୟନରେ ମୂଲ୍ୟାଙ୍କନ କରାଗଲ। ସିସପ୍ଲାଟିନ ନେଫ୍ରୋଟକ୍ସିଟି ଓ କିଡନୀକୁ ସବୁଦିନ ପାଇଁ ଅକାମି କରିପାରେ, ଯାହା ପ୍ରାଣଘାତକ ହୋଇପାରେ। ଏମ୍ସର ଫାର୍ମାକୋଲୋଜି ବିଭାଗର ପ୍ରଫେସର ଜାଗୃତି ଭାଟିଆଙ୍କ ନେତୃତ୍ୱରେ ଏହି ଅଧୟନ କରାଯାଇଥିଲା। ଲାବୋରୋଟୋରି ଇନଭେଷ୍ଟିଗେସିନ୍ସ ନାମକ ପତ୍ରିକାରେ ଅଧ୍ୟୟନ ପ୍ରକାଶ ପାଇଛି। ଅଧ୍ୟୟନ ଯଦି ଆଗକୁ ଜାରି ରହେ, ତେବେ ସିସପ୍ଲାଂଟିନର କୁପ୍ରଭାବରୁ ରକ୍ଷା କରିବା ପାଇଁ ନୂଆ ଔଷଧ ପ୍ରସ୍ତୁତିର ସମ୍ଭାବନା ରହିଥିବା ଭାଟିଆ କହିଛନ୍ତି। କର୍କଟ ପରେ କିଛିଦିନ ସିସପ୍ଲାଟିନ ସେବନ କରିଥିବା ହାରାହାରି ୩୦ ପ୍ରତିଶତ ରୋଗୀଙ୍କ ନେଫ୍ରୋଟକ୍ସିସଟି ସମସ୍ୟା ଦେଖାଯାଇପାରେ।

## କାଜୁର ଉପକାରିତା



ସାଧାରଣତଃ ବିଭିନ୍ନ ପର୍ବପର୍ବାଣିରେ ପ୍ରସ୍ତୁତ ହେଉଥିବା ମିଠାବ୍ୟଞ୍ଜନରେ ଭାରତୀୟମାନେ କାଜୁର ବ୍ୟବହାର କରିଥାନ୍ତି। ସୁଆଦିଆ କ୍ଷିରି, ମିଠା, ପଲଉ, କାନିକା ଓ ଅନ୍ୟାନ୍ୟ ମିଠା ଦ୍ରବ୍ୟରେ କାଜୁର ବ୍ୟବହାର କରାଯାଏ। ବିଦେଶୀ ରାଷ୍ଟ୍ର ଯଥା ଆମେରିକା, ଇଂଲଣ୍ଡ, ଜାପାନ ଲୋକେ ସକାଳ ଜଳଖିଆରେ କାଜୁ ଅଳ୍ପ ପରିମାଣରେ ଖାଇଥାନ୍ତି। ବିଭିନ୍ନ ପୋଷକ ତତ୍ତ୍ୱରେ ଭରପୂର ଏହି କାଜୁ ୧୬୦୦ ଶତାବ୍ଦୀରେ ପର୍ତ୍ତୁଗୀଜ ଲୋକଙ୍କ ଦ୍ୱାରା ଭାରତୀୟ ବଜାରରେ ପ୍ରବେଶ କରିଥିଲା। ପ୍ରଥମେ ରାଜ ପରିବାରରେ ବ୍ୟବହୃତ ହେଉଥିବା କାଜୁ ପରେ ସାଧାରଣ ଲୋକେ ମଧ୍ୟ ବିଭିନ୍ନ ବ୍ୟଞ୍ଜନରେ ବ୍ୟବହାର କରିଥିଲେ। ଖାଦ୍ୟ ବିଶେଷଜ୍ଞ ମତରେ ନିୟମିତ ଭାବେ କାଜୁ ସମସ୍ତ ବର୍ଗର ଲୋକେ ଖାଇବା ଅବଶ୍ୟକ। କାଜୁରେ ଥିବା ପ୍ରୋଆନ୍ଥେସିଆଡିନ୍ସ ଓ କପର ଶରୀରରେ କର୍କଟ ନିରୋଧକଶକ୍ତି ବଢ଼ାଇଥାଏ। କଲୋନ୍ କର୍କଟରୁ ରକ୍ଷା ପାଇବାକୁ ଚାହୁଁଥିଲେ କାଜୁ ପ୍ରତ୍ୟହ ଖାଇବା ଜରୁରୀ। କୋଲେଷ୍ଟୋରଲ ଏହି ଡ୍ରାଏଫ୍ରୁଟସରେ ନଥିବାରୁ ହୃଦରୋଗୀମାନେ କାଜୁ ନିୟମିତ ଖାଇପାରିବେ। କ୍ୟାଲସିୟମ, ମ୍ୟାଗ୍ନେସିୟମ, ପୋଟାସିୟମ ଏଥିରେ ଭରପୁର ପରିମାଣରେ ଥିବା ଶରୀରର ହାଡ଼କୁ ମଧ୍ୟ କାଜୁ ଶକ୍ତ କରିଥାଏ। ଆଖିର ଜ୍ୟୋତି ବଢ଼ାଇବା ନିମନ୍ତେ କାଜୁ ଖାଇବା ଉପକାରୀ। ଏଥିରେ ଉତ୍ତମ ପରିମାଣର କପର ଥିବାରୁ ତାହା ରକ୍ତ ରୋଗ ହେବାକୁ ପ୍ରତିରୋଧ କରିଥାଏ। ନିଦ୍ରାହୀନ ରୋଗୀ ନିୟମିତ ତାକୁ ଖାଇଲେ ଭଲ ନିଦହୁଏ।

## ମେଥି ଦାନାର ବ୍ୟବହାର



ଭାରତୀୟ ବ୍ୟଞ୍ଜନରେ ମେଥିଦାନାର ବହୁଳ ବ୍ୟବହାର କରାଯାଇଥାଏ। ପ୍ରାଚୀନ କାଳରେ ବଇଦମାନେ ଏହାକୁ ଔଷଧ ଭାବେ ମଧ୍ୟ ଉପଯୋଗ କରୁଥିଲେ। କେଶ ଓ ତ୍ୱଚା ଉପରେ ମେଥିଦାନା ଉତ୍ତମ ପ୍ରଭାବ ପକାଉଥିବାର ପ୍ରକାଶ। ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବରେ ୧ ଚାମଚ ମେଥିଦାନା, ଖାଇଲେ ତାହା ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ।

- ମେଥିଦାନାରେ ପୋଟାସିୟମ ଅଧିକ ପରିମାଣରେ ଥିବାରୁ ତାହା ଶରୀରରେ ସୋଡ଼ିୟମର ପରିମାଣକୁ ନିୟନ୍ତ୍ରଣ କରିଥାଏ। ଏହା ଦ୍ୱାରା ରକ୍ତସଞ୍ଚାଳନ ଉତ୍ତମ ହେବା ସହ ହୃଦଯନ୍ତ୍ର ଠିକ୍ ଭାବରେ କାର୍ଯ୍ୟ କରିଥାଏ।

ମଧୁମେହ ରୋଗୀ ନିୟମିତ ଭାବେ ମେଥିଦାନା ଖାଇବା ସେମାନଙ୍କ ପାଇଁ ଉପକାରୀ। ଏଥିରେ ମହଜୁଦ୍ ଥିବା ଏମିନୋ ଏସିଡ୍ ଶରୀରରେ ଶର୍କରାର ମାତ୍ରାକୁ ନିୟନ୍ତ୍ରଣାଧୀନ ରଖିଥାଏ।

-ମେଥିଦାନାରେ ଭରପୂର ମାତ୍ରାରେ ଫାଇବର ଓ ଆଣ୍ଟି ଅକ୍ସିଡାଣ୍ଟ ଥିବାରୁ ତାହା ଖାଦ୍ୟ ହଜମ କରାଇବାରେ ସାହାଯ୍ୟ କରିଥାଏ।

ଓଜନ ହ୍ରାସ କରିବା ନିମନ୍ତେ ପ୍ରତ୍ୟହ ମେଥିଦାନା ଖାଇଲେ ୧ମାସ ମଧ୍ୟରେ ସୁଫଳ ମିଳିଥାଏ।

- ମେଥିରେ ମହଜୁଦ ଥିବା ଫାଇବର ଶରୀରରୁ ଦୂଷିତ ପଦାର୍ଥ ବାହାର କରିଥାଏ। ଏହାଦ୍ୱାରା କଲୋନ୍ କର୍କଟର ଆଶଙ୍କା କମ୍ ହୋଇଥାଏ।

- ମେଥିଦାନାରେ ଥିବା ପୋଟାସିୟମ ରକ୍ତ ସଞ୍ଚାଳନ ଉତନ୍ତମ ହେବାରେ ସାହାଯ୍ୟ କରିଥାଏ।

## ବୟସ୍କଙ୍କ ଦ୍ୱୀପ

ଜାପାନ, ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ର ହୋଇଥିବାବେଳେ ଏଠାକାର ଲୋକଙ୍କ ସୁସ୍ଥ ଜୀବନଶୈଳୀ ସବୁ ସମୟରେ ଚର୍ଚ୍ଚାରେ ରହିଆସିଛି। ସର୍ବେକ୍ଷଣରୁ ଜଣାପଡ଼ିଛି, ସେମାନଙ୍କ ଖାଦ୍ୟପେୟ ତଥା ନିୟମିତ ଧ୍ୟାନ ହିଁ ଜାପାନ ଲୋକଙ୍କ ଦୀର୍ଘଜୀବନର ମୁଖ୍ୟ ସୂତ୍ରଅଟେ। ଏଠାକାର ଅନ୍ୟତମ ଦ୍ୱୀପ ଓକିନାୱା ଦ୍ୱୀପ ଜାପାନରେ ବୟସ୍କ ଦ୍ୱୀପ ଭାବରେ ଜଣାଯାଇଥାଏ। ନିକଟରେ ହୋଇଥିବା ଗଣନାରୁ ପ୍ରକାଶ ଯେ, ଏହି ଦ୍ୱୀପରେ ୪୫୦ରୁ ଅଧିକ ଲୋକଙ୍କ ବୟସ ୧୦୦ବର୍ଷରୁ ତଦୁର୍ଦ୍ଧ୍ୱ। ବିଶେଷଜ୍ଞଙ୍କ ମତରେ ଏହା ବିଶ୍ୱର ସବୁଠୁ ଅନୁକୂଳ ପରିବେଶ ସ୍ଥାନ। ୧,୨୦୬.୯୬ ବର୍ଗଫୁଟ ପରିସୀମାବ୍ୟାପ୍ତ ଓକିନାୱା ଦ୍ୱୀପରେ ଶତାୟୁ ଲୋକେ ମଧ୍ୟବୟସ୍କ ଲୋକଙ୍କ ପରି ଚଳପ୍ରଚଳ ହେବା ସହ ସମସ୍ତ କାମ ନିଜେ କରିଥାନ୍ତି। ଏଠାକାର ଶତାୟୁଙ୍କ ମତରେ ସେମାନେ ଖାଦ୍ୟପେୟକୁ ସବୁଠୁ ଅଧିକ ଅଗ୍ରାଧିକାର ଦେଇଥାନ୍ତି। ଅଧିକାଂଶ ଲୋକେ ସେଠାକାର ସ୍ଥାନୀୟ ବ୍ୟଞ୍ଜନ ଗୋୟୋ ଚମ୍ପୁରୁ ଖାଇଥାନ୍ତି। କଖାରୁ ଓ ଅମୃତଭଣ୍ଡା ମିଶ୍ରିତ ଏହି ବ୍ୟଞ୍ଜନକୁ ସେଠାକାର ପାରମ୍ପରିକ ମସଲା ବ୍ୟବହୃତ କରି ରନ୍ଧାଯାଏ। ଭାତ ମାସକୁ ଥରୁଟିଏ ଖାଉଥିବାବେଳେ ଅଟା ପ୍ରସ୍ତୁ ନୁଡୁଲ୍ସ ସୁପ ସହିତ ଗରମଗରମ ଖାଇଥାନ୍ତି। କୌଣସି ପ୍ରକାର ଜଟିଳ ରୋଗରେ ଆକ୍ରାନ୍ତ ନହେବା ସହ ଏଭଳି ଜୀବନଶୈଳୀରେ ସେମାନେ ବେଶ୍ ସହଜ ଅନୁଭବ କରୁଥିବାର ପ୍ରକାଶ କରିଛନ୍ତି। ଦୀର୍ଘାୟୁ ହେବାର କୌଣସି ମନ୍ତ୍ର ନାହିଁ, ବରଂ ଜଣେ ବ୍ୟକ୍ତି ନିଜ ସଚେତନତା ହିଁ ଶତାୟୁ ହୋଇପାରିବ ବୋଲି ସେଠା ଲୋକଙ୍କ ମତ। ଏହି ଦ୍ୱୀପର ପରିବେଶ ମଧ୍ୟ ବେଶ୍ ଉତ୍ତମ। ଗାଡ଼ି, ମଟର ଏହି ଅଂଚଳରେ କାଁ ଭାଁ ଦେଖାଯାଉଥିବାବେଳେ ଲୋକେ ସବୁଜିମା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି।



## ସ୍ୱାସ୍ଥ୍ୟପ୍ରଦ ରାତ୍ରି ଭୋଜନ

ରାତ୍ରି ଭୋଜନ ପ୍ରତ୍ୟହ ସମୟାନୁସାରେ କରିବା ସହ ହାଲକା କରିବା ଉଚିତ। ଏହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ହେବା ସହ ଶରୀରକୁ ଶକ୍ତି ଯୋଗାଏ। ରାତିବେଳା ଅଧିକ ଛଣାଛଣି, ତେଲମସଲାଯୁକ୍ତ ଖାଦ୍ୟ ଖାଇବା ଠାରୁ ଦୂରେଇ ରହିବା ଉଚିତ୍।

- ବିଭିନ୍ନ ପ୍ରକାର ପରିବାକୁ ମିଶାଇ ଏକ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତୁ। ଏହିସବୁକୁ ସିଝାଇ ଖାଇବା ମଧ୍ୟ ଉପକାରୀ। ସବୁଜ ପନିପରିବା ରାତିରେ ଖାଇଲେ ତାହା ସହଜରେ ହଜମ ହେଉଥିବାର ପ୍ରକାଶ।
- ରାତିବେଳା ଭାତ ଖାଇବା ପରିବର୍ତ୍ତେ ରୁଟି ଖାଇବା ଉଚିତ।



ବିଶେଷଜ୍ଞଙ୍କ ମତରେ ନିୟମିତ ରୁଟି ଖାଉଥିବା ଲୋକଙ୍କୁ ନିଦ ଭଲ ଭାବରେ ହୋଇଥାଏ।

- ଅଦାରସକୁ ଯେକୌଣସି ବ୍ୟଞ୍ଜନରେ ଛୁଙ୍କ ଭାବେ ବ୍ୟବାହାର କଲେ କିମ୍ବା ପାନୀୟରେ ମିଶାଇ ପିଇଲେ ତାହା ଖାଦ୍ୟ ଶୀଘ୍ର ହଜମ ହେବାରେ ସହାୟକ ହୁଏ।
- ଏହା ସହ ରାତ୍ରିଭୋଜନରେ ଡାଲି ଖାଇଲେ ଶରୀରକୁ ପୂର୍ଣ୍ଣ ଭାବରେ ପ୍ରୋଟିନ୍ ମିଳିଥାଏ। ଡାଲି ପ୍ରତ୍ୟହ ରାତିବେଳା ଖାଉଥିବା ଲୋକଙ୍କର ରୋଗ ପ୍ରତିରୋଧକ ଶକ୍ତି ଉତ୍ତମ ବୋଲି ପରୀକ୍ଷାରୁ ଜଣାପଡ଼ିଛି।
- କ୍ଷୀର ପିଇବାକୁ ଚାହୁଁଥିଲେ ବଜାରରେ ଉପଲବ୍ଧ ହେଉଥିବା ଲୋ-ଫ୍ୟାଟ ମିଲ୍କ ରାତିରେ ପିଇବା ଉଚିତ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୮ ଡିସେମ୍ବର ୨୦୨୩, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସହାୟକ ହେବ...

ଅର୍ଥ ମନ୍ତ୍ରଣାଳୟ 'ତଥ୍ୟଗତ ସ୍ଥିତି ତୁଳନାରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ)ର ଭାରତ ଅନୁଚ୍ଛେଦ ୪ ପରାମର୍ଶ' ଶୀର୍ଷକରେ ଏକ ବିବୃତି ଜାରି କରିଛି । ଏହାର କାରଣ, ଭାରତର ଅଧିକ ପରିମାଣର ଋଣ ବା କରଜର ସ୍ତର, ଯେଉଁଥି ପାଇଁ ଆଇଏସ୍‌ଏଫ୍ ଭାରତର ଅବସ୍ଥା ଉପରେ ନାଲି ଝଣ୍ଡା ବା ନାଲି ପତାକା ଦେଖାଇଛି, ଯାହା ଅବଶ୍ୟ ଏକ ଚିନ୍ତାର ବିଷୟ। ତେବେ ଏହା କରିବା ପାଇଁ ପରିପ୍ରେକ୍ଷୀରେ ଭାବରେ ଆଇଏସ୍‌ଏଫ୍, ଏହାର ଚୁକ୍ତିନାମାର ଅନୁଚ୍ଛେଦ ଅନୁସାରେ ସାଧାରଣତଃ ପ୍ରତି ବର୍ଷ ଏହାର ସଦସ୍ୟମାନଙ୍କ ସହିତ ଦ୍ୱିପାକ୍ଷିକ ଆଲୋଚନାମାନ କରିଥାଏ। ଏହା ପରେ ଆଇଏସ୍‌ଏଫ୍‌ର କାର୍ଯ୍ୟନିର୍ବାହୀ ମଣ୍ଡଳୀ ଏକ ରିପୋର୍ଟ ପ୍ରସ୍ତୁତ କରିବା ପୂର୍ବରୁ ଏହାର କର୍ମଚାରୀମାନେ ଅର୍ଥନୀତିକ ଏବଂ ଆର୍ଥିକ ସୂଚନାଗୁଡ଼ିକ ସଂଗ୍ରହ କରିଥାନ୍ତି ଏବଂ ଏହାର ଶୀର୍ଷସ୍ଥାନୀୟ ଅଧିକାରୀମାନଙ୍କ ସହିତ ନୀତିଗୁଡ଼ିକ ବାବଦରେ ଆଲୋଚନା କରିଥାନ୍ତି। ଚଳିତ ଥର ଆଇଏସ୍‌ଏଫ୍ ରିପୋର୍ଟ ପ୍ରକାଶ କରିବାର ଚାରିଦିନ ପରେ ଭାରତର ମନ୍ତ୍ରଣାଳୟ ଏହାର ପ୍ରତିକ୍ରିୟାମୂଳକ ବିବୃତି ଜାରି କରି କହିଛି ଯେ 'ତଥ୍ୟଗତ ଅବସ୍ଥାକୁ ପ୍ରତିଫଳିତ କରୁ ନଥିବା ସମ୍ଭାବ୍ୟ ଦୃଶ୍ୟପଟଗୁଡ଼ିକୁ ବିଚାରକୁ ନିଆଯାଇ କେତେକ ପୂର୍ବାନୁମାନ କରାଯାଇଛି ।' ନିର୍ଦ୍ଦିଷ୍ଟ ଭାବରେ ଆଇଏସ୍‌ଏଫ୍ ଯେଉଁ ମତଟିଏ ଦେଇଛି ଯେ ପ୍ରତିକୂଳ ଆଘାତଗୁଡ଼ିକ ଭାରତର ସାଧାରଣ ସରକାରୀ କରଜକୁ ମଧ୍ୟମ ଅବଧି (୨୦୨୭-୨୮ ସୁଦ୍ଧା)ରେ ଏହାର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧୦୦ ପ୍ରତିଶତ ବା ତା'ଠାରୁ ଅଧିକ ସ୍ତରକୁ ନେଇଯିବ, ତାହା ସହିତ ମନ୍ତ୍ରଣାଳୟ ସହମତ ହୋଇ ନପାରି ଏପରି ବିବୃତି ଜାରି କରିଛି । ମନ୍ତ୍ରଣାଳୟ କହିଛି ଯେ ଏଭଳି ଅବସ୍ଥା କେବଳ ଅତି ଖରାପ ପରିସ୍ଥିତି ଉପୁଜିଲେ ହିଁ ହେବ ଏବଂ ଏହା ଆପଣାଛାଏଁ ହୋଇଯିବ ନାହିଁ । ସଙ୍ଗେ ସଙ୍ଗେ ମନ୍ତ୍ରଣାଳୟ ଯୁକ୍ତରାଷ୍ଟ୍ର ଆମେରିକା, ୟୁକେ ଏବଂ ଚୀନ୍‌ର ଉଦାହରଣଗୁଡ଼ିକୁ ପ୍ରଦାନ କରିଛି ଯେଉଁମାନଙ୍କର ଭାରତ ଅପେକ୍ଷା ଆହୁରି ଢେର୍ ଅଧିକ 'ଖରାପ– ପରିସ୍ଥିତି' ରହିଛି ଏବଂ ସେମାନଙ୍କର ଋଣ ଭାର ଯଥାକ୍ରମେ ସେମାନଙ୍କ ଜିଡିପିର ୧୬୦, ୧୪୦ ଏବଂ ୨୦୦ ପ୍ରତିଶତ ହେବାର ସମ୍ଭାବନା ରହିଛି। ଗତ ବର୍ଷ ଭାରତର ଆର୍ଥିକ ନିଅଣ୍ଟ ୬.୪ ପ୍ରତିଶତ ଥିବା ବେଳେ ଚଳିତ ବର୍ଷ ଏହା ୫.୭ ପ୍ରତିଶତ ଦିଗରେ ଅଗ୍ରସର ହେଉଛି। ଏଥିପାଇଁ ଟିକସ ଆଦାୟର ହାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ଭାରତ ଏ ବାବଦରେ ଆଶାନୁରୂପ ଭାବରେ ଅଗ୍ରସର ହେଉଛି। ଆଇଏସ୍‌ଏଫ୍ ରିପୋର୍ଟରେ ମୁଖ୍ୟ ଆଲୋଚନାର ପ୍ରସଙ୍ଗ ହେଉଛି- ଏହାର ଅନୁମାନ ଯେ ମଧ୍ୟବର୍ତ୍ତୀକାଳୀନ ବିପଦ ତଥା ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନଗୁଡ଼ିକୁ ବିଚାରକୁ ନେଲେ ଭାରତ ସରକାର ଯେହେତୁ ଏଗୁଡ଼ିକର ପରିଚାଳନା ନିମନ୍ତେ ପର୍ଯ୍ୟାପ୍ତ ଗତିରେ ମଧ୍ୟବର୍ତ୍ତୀକାଳୀନ ଅବସ୍ଥାକୁ ସମ୍ଭାଳିବା ପାଇଁ ବଫର ବା ବ୍ୟବସ୍ଥାଗୁଡ଼ିକର ପୁନର୍ନିର୍ମାଣ କରୁ ନାହାନ୍ତି, ତେଣୁ ଋଣ ଭାର ଜିଡିପିର ୧୦୦ ପ୍ରତିଶତରୁ ଅଧିକ ସ୍ତରରେ ପହଞ୍ଚି ଯିବ ବୋଲି ଏହା ନିଶ୍ଚିତ ହେଉଛି । ରିପୋର୍ଟ ଆହୁରି ମଧ୍ୟ ଉଲ୍ଲେଖ କରିଛି ଯେ ଆଇଏସ୍‌ଏଫ୍ କର୍ମଚାରୀମାନଙ୍କ ଦ୍ୱାରା ଆଲୋକପାତ କରାଯାଇଥିବା କେତେକ ସଂସ୍କାରମୂଳକ ପଥକୁ ଯଦି ଭାରତ ଅନୁସରଣ କରେ, ତା'ହେଲେ ଋଣର ସ୍ତର ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୧୦୦ ପ୍ରତିଶତରୁ କମ୍ ରହିବ। ଭାରତର ଋଣର ସ୍ତର ସ୍ଥିର ଅବସ୍ଥାରେ ରହିବ ବା ବୃଦ୍ଧି ପାଇବ ବୋଲି ଆଇଏସ୍‌ଏଫ୍ ଆଶଙ୍କା କରିବାର କାରଣ ହେଉଛି ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ଭାରତ ଯେଉଁ ପାଣ୍ଠି ଆବଶ୍ୟକ କରିବ, ତାହା ଅବଶ୍ୟ ଭାରତର ଋଣ ବୋଝକୁ ବୃଦ୍ଧି କରିବ ବା ସ୍ଥିର ରଖୁବ। ଆଇଏମ୍‌ଏଫ୍‌ର ଆକଳନ ଅନୁସାରେ ୨୦୭୦ ସୁଦ୍ଧା ନେଟ୍ ଜିରୋ ନିର୍ଗମନ ଲକ୍ଷ୍ୟ ହାସଲ କରିବାକୁ ହେଲେ ଭାରତକୁ ପ୍ରତି ବର୍ଷ ଏହାର ଜିଡିପିର ୪ରୁ ୮ ପ୍ରତିଶତ ଅର୍ଥ ବ୍ୟୟ କରିବାକୁ ପଡ଼ିବ। ଆହୁରି ମଧ୍ୟ ଭାରତର ପାଣ୍ଠିର ସାମ୍ପ୍ରତିକ ମିଶ୍ରିତ ଉତ୍ସଗୁଡ଼ିକୁ ବିଚାରକୁ ନେଲେ, ଦେଶର ଜିଡିପି ତୁଳନାରେ ଋଣର ଅନୁପାତ ଜିଡିପିର ୧୩୦ ପ୍ରତିଶତ ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧି ପାଇପାରେ। ଜଳବାୟୁ ପରିବର୍ତ୍ତନଜନିତ ସଂକଟକୁ ଟାଳିବା ଯେ ଆଦୌ ସ୍ୱଳ୍ପ ଦିନର କାମ ନୁହେଁ, ଏହା ସମସ୍ତେ ଜାଣନ୍ତି । ତେଣୁ ଏଥିପାଇଁ ଦୀର୍ଘ ଦିନର ନିରବଚ୍ଛିନ୍ନ ଉଦ୍ୟମ ଜରୁରୀ। ଆଉ ଏଥିପାଇଁ ସରକାରୀ ସ୍ତରରେ ସମ୍ପ୍ରତି ନିଆଯାଉଥିବା ପଦକ୍ଷେପଗୁଡ଼ିକ ମଧ୍ୟ ଅନିଶ୍ଚିତତାରେ ଭରପୂର। ତେଣୁ ଆଇଏମ୍‌ଏଫ୍‌ର ଏଭଳି ଅତ୍ୟଧିକ ପରିମାଣର କଠୋର ପୂର୍ବାନୁମାନଗୁଡ଼ିକୁ ସବୁବେଳେ ସନ୍ଦେହ ଦୃଷ୍ଟିରେ ଦେଖାଯାଇପାରେ। ତେବେ ଆର୍ଥିକ କ୍ଷେତ୍ରରେ ନିଜର ସାମ୍ପ୍ରତିକ କାର୍ଯ୍ୟକୁ ନେଇ ଭାରତ ସରକାର ମଧ୍ୟ ସନ୍ତୁଷ୍ଟ ହୋଇ ବସିଯିବା ଉଚିତ ନୁହେଁ । ଭାରତ ଏକ ସଂଘୀୟ ରାଷ୍ଟ୍ର ହୋଇଥିବାରୁ କେନ୍ଦ୍ର ସରକାର ସବୁ ରାଜ୍ୟ ସରକାରଙ୍କୁ ଆର୍ଥିକ ମିତବ୍ୟୟୀ ନୀତିଗୁଡ଼ିକୁ ଆପଣାଇବା ସହିତ ସେସବୁର ପାଳନ କରିବା ପାଇଁ ପରାମର୍ଶ ଦେବା ଉଚିତ, ଯଦ୍ୱାରା ଭବିଷ୍ୟତରେ କୌଣସି ପ୍ରକାରର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇ ଦିଆଯାଇ ପାରିବ। ଅବଶ୍ୟ ଭାରତ ସରକାର ଏ କଥାରେ ଏକ ସାନ୍ତ୍ୱନା ଲାଭ କରି ପାରନ୍ତି ଯେ ସମଗ୍ର ବିଶ୍ୱରେ ଆର୍ଥିକ ବ୍ୟବସ୍ଥାରେ ନିମ୍ନଗତି ଦେଖା ଦେଇଛି ଏବଂ ଏହା ସରକାରଙ୍କ ଉପରେ ସୁଧର ବୋଝକୁ ହ୍ରାସ କରିବାରେ ସହାୟକ ହେବ।



# କେବେ ସୁଧୁରିବା ?

### କବି ବିପ୍ଳବ

ସରକାର ଯେତେବେଳେ ହୃଦବୋଧ୍ କରନ୍ତି ଯେ କୌଣସି କାର୍ଯ୍ୟ ସମୂହ ସ୍ୱାର୍ଥ ଦୃଷ୍ଟିରୁ କ୍ଷତିକାରକ ବା କାର୍ଯ୍ୟଟି ନହେଲେ ଜୀବ ଜଗତର କଲ୍ୟାଣ ସାଧିତ ହେବ ସେତେବଳେ ସେ କଟକଣା ଜାରି କରନ୍ତି। ତାକୁ କାର୍ଯ୍ୟକାରୀ କରାଇବା ପାଇଁ

ନ୍ୟାୟାଳୟ ଅଥବା ପ୍ରଶାସନର ସାହାଯ୍ୟ ନେଇଥାନ୍ତି। ଏଇ ଯେମିତି ଭୟଙ୍କର ମହାମାରୀ କରୋନା ସମୟରେ ସାମାଜିକ ଦୂରତା ବଜାୟ ରଖିବା ଗୋଟିଏ ବହୁ ଚର୍ଚ୍ଚିତ କଟକଣା। ମାତ୍ର ଏବେ ଦେଖା ଯାଉଚି ଯେ କଟକଣା ଗୁଡ଼ିକ ଯେଉଁ ମାନଙ୍କ ଉଦ୍ଦେଶ୍ୟରେ ଜାରି କରା ଯାଉଛି ସେମାନେ ତାକୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି।

ଏଇ ଯେମିତି ଦୀପାବଳିରେ ବାଣ ଫୁଟାଇବା ଉପରେ ମାନ୍ୟବର ସୁପ୍ରିମ କୋର୍ଟ ତାଗିଦା କରିଥିଲେ ମଧ୍ୟ ତାହା ପାଳନ କରାଯାଇ ପାରି ନଥିଲା। ଦୀପାବଳି ପରଦିନ କେତେକ ସ୍ଥାନରେ ବାୟୁ ମଣ୍ଡଳ ଭୟଙ୍କର ଭାବରେ ପ୍ରଦୂଷିତ ହେବାର ଅଭିଯୋଗ ହୋଇଥିଲା ଆଉ ଦିଲ୍ଲୀ ସବୁଠୁଁ ପ୍ରଦୂଷିତ ସହର ହେବାର ଦୁର୍ଭାଗ୍ୟ ଲାଭ କରିଥିଲା। ଆମ ରାଜଧାନୀ ଭୁବନେଶ୍ୱର ବି ତୃତୀୟରେ ଥିଲା। ଏଇ ଗୋଟିଏ ଉଦାହରଣ ନୁହେଁ। ଏମିତି ଅସଂଖ୍ୟ ଉଦାହରଣ ଅଛି ଯାହା ସମୂହ ସ୍ୱାର୍ଥ ଦୃଷ୍ଟିରୁ କ୍ଷତିକାରକ ହୋଇଥିଲେ ମଧ୍ୟ ଲୋକେ ଗ୍ରହଣ କରିବାକୁ ନାରାଜ। ବିଭିନ୍ନ ସର୍ବ ସାଧାରଣ ଟ୍ୟାପ ଖୋଲା ଥାଇ କୋଟି କୋଟି ଗାଲାନ୍ ପାଣି ନଷ୍ଟ ହୁଏ କିନ୍ତୁ କେତେକ ଅଞ୍ଚଳରେ ଲୋକେ ଆଜି ବି ଶୁଦ୍ଧ ପାଣି ଟୋପେ ପାଇଁ ଡହଳ ବିକଳ ହେବାର ଖବର ଶୁଣିବାକୁ ମିଳେ। ଡିଜେର ଭୟଙ୍କର ଶବ୍ଦ କେବଳ ଶିଶୁ, ବୟସ୍କ, ରୋଗୀ ମାନଙ୍କ ପାଇଁ ବିପଦପୂର୍ଣ୍ଣ ନୁହେଁ ସୁସ୍ଥ ଲୋକ ପାଇଁ ମଧ୍ୟ କ୍ଷତି କାରକ। ଏପରିକି ଡିଜେର ଛାତିଥରା ଶବ୍ଦରେ ହୃଦାଘାତ୍ ଜନିତ ମୃତ୍ୟୁ ହୋଇଥିବାର ଖବର ବି ଆମ ପାଇଁ ନୂଆ ନୁହେଁ। ତଥାପି କଟକଣାକୁ ଫୁ କରି ବାହାଘର, ପର୍ବ ପର୍ବାଣୀ, ମେଳୋଡ଼ି, ଯାତ୍ରାରେ ଡିଜେ ବାଜେ। ବିଭିନ୍ନ ପର୍ବ ପର୍ବାଣୀରେ ପୂଜା ପାଉଥିବା ପ୍ରତିମା ବିଭିନ୍ନ ପୋଖରୀ, ନଦୀ ଜଳରେ ବିସର୍ଜିତ ହେବା ଫଳରେ ଜଳ ପ୍ରଦୂଷିତ ହେବାର ଅଭିଯୋଗ ହୁଏ। ଅବଶ୍ୟ ଏବେ ଅସ୍ଥାୟୀ ପୋଖରୀ ଖୋଳି ବିସର୍ଜନ କରି ବିସର୍ଜନ କରିବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି।ପଲିଥିନ ପରିବେଶ ପାଇଁ ନିରାପଦ ନୁହେଁ। ସରକାର କଟକଣା ଲଗାଇଛନ୍ତି। ମାତ୍ର ପଲିଥିନ ନଥିବା ଦୋକାନ ଗୋଟିଏ ଆମେ ପାଇବାନି। ଅଧିକାଂଶ ଲୋକ ଘରୁ ଖାଲି ହାତରେ ବ୍ୟାଗ୍ ନନେଇ ଯାଆନ୍ତି ବଜାରରୁ ପଲିଥିନ ସହିତ ଫେରନ୍ତି। ପଲିଥିନ୍‌ରେ ପନିପରିବା, ଏପରିକି, ଗରମ ଖାଇବା ଜିନିଷ ଧରି ଫେରନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ବି ହାନିକାରକ। ସିଗାରେଟ, ମଦ, ଗୁଟକା ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଲୋକେ ଜାଣନ୍ତି ତଥାପି ବ୍ୟବହାର କରନ୍ତି। ଏଥିରୁ କଣ ବୁଝା ପଡୁଚି ଯେ ଆମ ଲୋକେ ବିଚାରଶୂନ୍ୟ ହୋଇ ଗଲେଣି ଯିଏ ଖୋଦ୍ ସରକାର କି ନ୍ୟାୟାଳୟଙ୍କ କଟକଣାକୁ ମାନନ୍ତି ନାହିଁ , ଅଥବା ନିଜ ବିବେକର ଆହ୍ୱାନ ସ୍ୱୀକାର କରନ୍ତି ନାହିଁ !

ସାଧାରଣ ଲୋକଟି ଉପରେ କଟକଣା ଲଗେଇ ତାକୁ ବାରଣ କରୁଥିବା ସରକାର ବା ନ୍ୟାୟାଳୟ, ତାକୁ କାର୍ଯ୍ୟକାରୀ କରୁଥିବା ପ୍ରଶାସନ, ମାନୁ ନଥିବା ଅମାନିଆଙ୍କୁ ଗାଳି କରୁଥିବା ସମାଜସେବୀ ଆଉ ବୁଦ୍ଧିଜୀବି ଧନ୍ୟବାଦର ପାତ୍ର ନିଶ୍ଚୟ। ତାହାଲେ ପ୍ରକୃତ ଦୋଷୀ କଣ ସବା ଶେଷ ଲୋକ ସେଇ ଅମାନିଆ ଜନ ସାଧାରଣ, ଯିଏ ସମୂହ ସ୍ୱାର୍ଥ ପାଇଁ ଜାରି କଟକଣାକୁ ନିର୍ଦ୍ଦୟ ଭାବରେ ବେଖାତିର କରେ ? ଆସନ୍ତୁ ଏ ବିଷୟରେ ସାମାନ୍ୟ ନଜର ପକେଇବା। ଆମ ଦେଶରେ ସରକାରୀ ଅନୁମୋଦନ ଲାଭ କରି ଶିଳ୍ପାୟନ ନାମରେ, ବିକାଶ ନାମରେ, ରାସ୍ତା ପ୍ରଶସ୍ତିକରଣ ନାମରେ ପ୍ରତ୍ୟହ ହଜାର ହଜାର ଗଛ କଟା ହୁଏ । ଓଡ଼ିଶା କଥା ବିଚାର କରିବା। ଗତ ଦଶ ବର୍ଷ ଭିତରେ (୨୦୧୩-୨୦୨୨) ଖୋଦ୍ ଭୁବନେଶ୍ୱରରେ ବିଭିନ୍ନ ପ୍ରକଳ୍ପ ଆଳରେ ୮.୪୨ ଲକ୍ଷ ଗଛର ହତ୍ୟା କରା ଯାଇଛି। ୨୧୫୯୪.୭୨୮ ହେକ୍ଟର ଜଙ୍ଗଲ ଜମିକର କିସମ ପରିବର୍ତ୍ତନ କରାଯାଇ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ କରା ଯାଇଛି। କିନ୍ତୁ ଜାଳେଣି କାଠ ସଂଗ୍ରହ କରି ବଞ୍ଚୁଥିବା ଲୋକଟିଏ ପାଇଁ ହଜାର ପ୍ରକାର ସରକାରୀ କଟକଣା। ହଜାର ହଜାର କଳକାରଖାନାରୁ କେବେ ଅମ୍ଳଜାନ ନିର୍ଗତ ହୁଏ ନାହିଁ। ଲକ୍ଷ ଲକ୍ଷ ଗାଡ଼ିରୁ କେବେ ଅମ୍ଳଜାନ ନିର୍ଗତ ହୁଏ ନାହିଁ। କିନ୍ତୁ ଭସ୍ ଭସ୍ ଧୁଆଁ ବାହାରୁଥିବା ଗାଡ଼ିକୁ ମାତ୍ର କେତୋଟି ଟଙ୍କା ବିନିମୟରେ ପଲୁସନ୍ ସାର୍ଟିଫିକେଟ ଦିଆଯାଇ ରାସ୍ତା ଉପରେ ଗଡ଼ିବାର ଅନୁମତି ମିଳେ। ଦେଶରେ ୭୬ ପ୍ରତିଶତ ଶିଳ୍ପ ନଦୀଜଳ ପ୍ରଦୂଷଣ ପାଇଁ ଦାୟୀ। ସେମାନେ ଜୀବ ଜଗତ ପାଇଁ କ୍ଷତି କାରକ ସମସ୍ତ ବର୍ଜ୍ୟ ନଦୀଜଳକୁ ସିଧା ଛାଡି ଦିଅନ୍ତି। ସେଥିପାଇଁ ଦେଶର ପାଖାପାଖି ୬୦୩ ନଦୀରୁ ୨୭୯ଟି ନଦୀର ଜଳ ପ୍ରଦୂଷିତ। ଏହା ୨୦୨୨ମସିହାର ସରକାରୀ ରେକର୍ଡର ତଥ୍ୟ। ସେଥିପାଇଁ ଦେଶର ପବିତ୍ର ନଦୀ କୁହା ଯାଉଥିବା ଗଙ୍ଗା ଆଜି ଦେଶର ସବୁଠୁ ପ୍ରଦୂଷିତ ନଦୀ। ଏପରିକି ବାୟୁ ପ୍ରଦୂଷଣ ପାଇଁ କଳକାରଖାନା ୫୧ ପ୍ରତିଶତ, ଗାଡ଼ି ୨୭ ପ୍ରତିଶତ ଏବଂ ଶସ୍ୟ ଅମଳ ପରବର୍ତ୍ତୀ ନିଆଁ ୧୭ ପ୍ରତିଶତ ଦାୟୀ। ପଞ୍ଜାବ, ହରିୟାଣା ଓ ଉତ୍ତର ପ୍ରଦେଶ ଲୋକେ ଅମଳ ପରେ ନଡ଼ା ଆଉ ଖୁଣ୍ଟିକୁ ଜାଳି ଦିଅନ୍ତି। କାରଣ ଖାଇବା ପାଇଁ ଗୋ ସମ୍ପଦର ଅଭାବ। ଏଇ ନିଆଁ, ଧାସ ପ୍ରବାହିତ ହୋଇ ଦିଲ୍ଲୀ ବେଶୀ ପ୍ରଦୂଷିତ କରେ । ଗୋ ସମ୍ପଦ ହ୍ରାସ ପାଇଁ ଜୈବିକ ସାର ପ୍ରୟୋଗ କମି ରାସାୟନିକ ସାର ପ୍ରୟୋଗ ବୃଦ୍ଧି ହେଉଛି। ରାସାୟନିକ ସାର ପ୍ରସ୍ତୁତ ପାଇଁ ଜଳ, ବାୟୁ ଉଭୟ ପ୍ରଦୂଷିତ ଆଉ ପ୍ରୟୋଗ ପରେ ମାଟି ପ୍ରଦୂଷିତ ହୋଇ କୃଷକ ବନ୍ଧୁ ଜିଆର ବଂଶ ନାଶ। ଉପରେ ଆଲୋଚିତ ସମସ୍ୟା ଉପରେ କୌଣସି ସରକାର କେବେ ବିଚାର ଆଲୋଚନା କରି କଟକଣା ଲଗେଇଛି କି, ତା'ର ବିକଳ୍ପ କଥା ଚିନ୍ତା କରିଛି କି ? ଇଂରାଜୀ ନୂଆ ବର୍ଷରେ ହେଉ, ଖେଳ ଜିତିଲେ ହେଉ କି ନେତା ନିର୍ବାଚନ ଜିତିଲେ କେତେ ବିଷାକ୍ତ ବାଣ ଫୁଟି ପରିବେଶ ନଷ୍ଟ ହୁଏ ସରକାର ସେ ଉପରେ କଟକଣା ଲଗେଇଛନ୍ତି କି ? କଳ କାରଖାନା ତାଙ୍କ ବର୍ଜ୍ୟବସ୍ତୁ ନଦୀ ଜଳ, ବାୟୁକୁ ନ ଛାଡିବା ଉପରେ କଟକଣା ଲଗେଇଛନ୍ତି କି ? ତାହେଲେ କେବଳ ଦୀପାବଳି ଆଉ ହୋଲି ବେଳେ କାହିଁକି ଏ ଜ୍ଞାନ ଉଦୟ ହୁଏ ? ତା ଅର୍ଥ ନୁହେଁ ଜଳ, ବାୟୁ ନଷ୍ଟ କରିବାର ଅଧିକାର ଆମକୁ ମିଳି ଯାଇଛି। ଶିଳ୍ପାୟନ ଜନିତ ଜଳ ଆଉ ବାୟୁର ପ୍ରଦୂଷଣ ଦୀପାବଳିର ବାଣଫୁଟା ଆଉ ହୋଲିର ପ୍ରଦୂଷଣ ଠାରୁ ହଜାର ହଜାର ଗୁଣ ଅଧିକ। ତା ଉପରେ କଟକଣା କାହିଁକି ନୁହେଁ ? ମଦୁଆ ଉପରେ କଟକଣା ମଦ ବିକ୍ରି ଉପରେ କଟକଣା ନୁହେଁ, ପଲିଥିନ ଧରିଥିବା ସାଧାରଣ ଲୋକଟି ଉପରେ କଟକଣା ଆଉ ଉତ୍ପାଦନକାରୀ ଉପରେ କଟକଣା ନୁହେଁ ? ଏ କେମିତି ବିଚାର ସବୁ କଟକଣା ସବା ଶେଷ ଲୋକ ଉପରେ ଲଗେଇ ଦେଉଛ ? ତାହେଲେ କଟକଣା ବାଟବଣା ପାଇଁ ଦାୟୀ କିଏ ? ଏଥିପାଇଁ ଜନସାଧାରଣ ନିହାତି ଭାବରେ ଦାୟୀ ମାତ୍ର ପ୍ରଶାସନ ବି ବେଶୀ ଦାୟୀ ଯାହା ପାଖରେ ନିରଙ୍କୁଶ କ୍ଷମତା ଥିଲେ ମଧ୍ୟ ସେ ଉଚିତ ବିଚାର କରେ ନାହିଁ କି କ୍ଷମତାର ସଦ ବ୍ୟବହାର କରେନି। ଶେଷରେ ଦୋଷୀ ହୁଅନ୍ତି ଗୋଟିଏ ନିର୍ଦ୍ଦିଷ୍ଟ ବର୍ଗ। ଗୋଟିଏ ପରିବାରର ମଙ୍ଗଳ ପାଇଁ ଯେଉଁ ନିଷ୍ପତ୍ତି ନିଆଯାଏ ବା କଟକଣା ଜାରି ହୁଏ ତାକୁ କେବଳ ପରିବାର ଦୁର୍ବଳ ଲୋକ, ପ୍ରତିବାଦ କରୁନଥିବା ସବା ସାନ ସଦସ୍ୟ ଉପରେ ଲଦି ଦେଲେ ସେ ତାକୁ କେମିତି ଭାବରେ ଗ୍ରହଣ କରିବ? ଘର ମୁରବୀ ନିଜେ ମଦ ପି ପରିବାରର ଅନ୍ୟ ସଦସ୍ୟଙ୍କ ବିଡ଼ି ଟାଣିବା ଉପରେ କଟକଣା ଲଗେଇଲେ ପ୍ରଶ୍ନ ଉଠିବ ନିଶ୍ଚୟ। ଯେତେବେଳେ ଗୋଟିଏ କଟକଣା ସମାଜର ସମସ୍ତ ବର୍ଗ ପାଇଁ ସମାନ ଭାବରେ ଲାଗୁ ହେବାର ବ୍ୟବସ୍ଥା ହୋଇ ପାରିବ ସେତେବେଳେ ତାକୁ ଗ୍ରହଣ କରିବା ପାଇଁ ଆଇନର ଛାଟ କି ପ୍ରଶାସନର ନାଲି ଆଖି ଲୋଡ଼ା ହେବନି, ସେ ତାକୁ ସାଦରେ ଗ୍ରହଣ କରିବ। ସମାଜର ବି ମଙ୍ଗଳ ହେବ। ପ୍ରଶାସନ ନିଷ୍ପତ୍ତିକୁ ସମ୍ମାନ ମିଳିବ । ଗୋଟିଏ ଦେଶ ବି ଗୋଟେ ପରିବାର ପରି। ଏହାର ମଙ୍ଗଳ ପାଇଁ ସମୂହ ନିଷ୍ପତ୍ତିକୁ ସମ୍ମାନ ଦେବା ସଭିଙ୍କ ଦାୟିତ୍ୱ।


ଅ +ମକୁନ୍ଦ ପୁର, ବାଙ୍କୀ

ମୋ : ୯୪୩୭୪୬୮୦୧୬


# ଶେଷ ସପ୍ତାହର ସମୀକ୍ଷା

### ବୈଷ୍ଣବ ମେହେର

ସମୟର ପ୍ରବାହକୁ ଧରି ରଖିବାର ଶକ୍ତି କାହାରି ନାହିଁ । ଦାର୍ଶନିକ ଜିଡଡୁ କୃଷ୍ଣମୂର୍ତ୍ତିଙ୍କ ଭାଷାରେ 'ସମୟ ଏମିତି ଏକ ପ୍ରବାହ, ଯେଉଁଠି ଭବିଷ୍ୟତ ଓ ବର୍ତ୍ତମାନ ବୋଲି କିଛି ନାହିଁ । ବାସ୍ତବରେ ସବୁ କିଛି ଅତୀତ । କାରଣ ଯେଉଁ କ୍ଷଣି ଭବିଷ୍ୟତ ବର୍ତ୍ତମାନରେ ପରିଣତ ହୁଏ, ସେହି ମୁହୂର୍ତ୍ତରେ ବର୍ତ୍ତମାନ ବି ଅତୀତ ହୋଇଯାଏ' । ତେଣୁ ନୂଆଁବର୍ଷ ୨୦୨୩ ଧରାପୃଷ୍ଠକୁ ପାଦ ଦେଉଦେଉ ସେହି କ୍ଷଣରୁ ହିଁ ୨୦୨୨ ଅତିତ ହୋଇଯିବ । ମଣିଷ ଏମିତି ଏକ ଜୀବ ଯିଏ ନିଜ ସୁବିଧା ଅନୁଯାୟୀ ସମୟକୁ ବର୍ଷ, ମାସ, ପକ୍ଷ, ସପ୍ତାହ, ଦିନ ଆଦିରେ ବିଭକ୍ତ କରିଦେଇଛି । ସେହି ପ୍ରକ୍ରିୟାରେ ବିଶ୍ୱ ପୁଣି ଗୋଟିଏ ବର୍ଷର ଶେଷ ସୀମାରେ ପହଂଚି ଯାଇଛି । ଗୋଟିଏ ବର୍ଷର ଜୀବନ କାଳଖଣ୍ଡ ମଧ୍ୟରେ ଜଣେ କେମିତିକା ଜୀବନ ନିର୍ବାହ କରିଛି, ଆଜି ବର୍ଷ ଶେଷରେ ସେସବୁର ସମୀକ୍ଷା କରିବା ଦ୍ୱାରା ପ୍ରତ୍ୟେକ ମଣିଷ ଯେ କେବଳ ମାର୍ଜିତ ହୋଇ ପାରିବ ତା'ହା ନୁହେଁ ବରଂ ଆଗାମୀ ସମୟ ଖଣ୍ଡକୁ ଅଧିକ ପରିମାର୍ଜିତ କରିବାରେ ମଧ୍ୟ ସଫଳ ହୋଇପାରିବ।

ସମୟର ନିରବଚ୍ଛିନ୍ନ ପ୍ରବାହ ସହ ମଣିଷର ଅନ୍ତ ଅନିବାର୍ଯ୍ୟ ବୋଲି ଜାଣି ସୁଦ୍ଧା ସାମାନ୍ୟ ଭୌତିକ ସୁଖ ପାଇଁ ମଣିଷ ଏତେ ବ୍ୟସ୍ତ ବିବ୍ରତ ହେଉଛି ଯେ ନିଜ ଜୀବନର ଅସ୍ତିତ୍ୱକୁ ଶେଷ ଯାଏଁ ବୁଝିବାକୁ ସେ ସକ୍ଷମ ହୋଇ ପାରୁନାହିଁ । ବାତ୍ୟା, ମହାବାତ୍ୟା, ମରୁଡ଼ି, ବନ୍ୟା, ଭୂକମ୍ପ, ତୁଷାରଝଡ଼ ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରିଆସୁଥିବା ମଣିଷ ନିଜ ଜୀବନରେ ଏଡ୍ସ, କ୍ୟାନସର, ଟ୍ୟୁମର, ହାର୍ଟଷ୍ଟୋକ୍ ଭଳି ଅନେକ ମାରାତ୍ମକ ରୋଗ ସହ ଅନେକ ମର୍ମାନ୍ତକ ଅଘଟଣରେ ମର୍ମାହତ ହୋଇଛି ସିନା ଏନେଇ କେବେ ନିଜକୁ ଜାଗ୍ରତ କଲା ଭଳି ପ୍ରତିୟମାନ ନ ହେବା ଦୁଃଖଦାୟକ । ହଁ, ଏହା ସ୍ୱୀକାର କରିବାକୁ ହେବ ଯେ, ନିଜ ଆତ୍ମୀୟଙ୍କ ଅକାଳ ପରଲୋକରେ କଷ୍ଟେମଷ୍ଟେ ସମୟ ବାହାର କରି ଶ୍ମଶାନ ଯାଇଥିବା ବେଳେ ସେଠାରେ ବିତେଇଥିବା କିଛି କ୍ଷଣରେ ସେ ଅବଶ୍ୟ ଚିନ୍ତା କରିଛି ଯେ ମଣିଷ ଜୀବନ କ୍ଷଣିକ ମାତ୍ର । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଶ୍ମଶାନରୁ ଫେରିଲା ମାତ୍ରେ ହିଁ ଜୀବନର ଏହି ବାସ୍ତବତାକୁ ସଂପୂର୍ଣ୍ଣ ଅଣଦେଖା କରି ପୁଣି ହଜି ଯାଇଛି ନିଜର ବ୍ୟସ୍ତତା ଭିତରେ। ଗତ ପ୍ରାୟ ତିନିବର୍ଷ ତଳୁ ମହାମାରୀ କରୋନା ସମଗ୍ର ମଣିଷ ସତ୍ତାକୁ ସ୍ତମ୍ଭିଭୂତ କରି ଦେଇଥିଲେ ହେଁ ମଣିଷ ଏଥିରୁ ମଧ୍ୟ କିଛି ଶିକ୍ଷାଲାଭ କଲାଭଳି ପରିଲକ୍ଷିତ ନହେବା କ'ଣ ଆଶ୍ଚର୍ଯ୍ୟଜନକ ନୁହେଁ କି ! ତମାମ ବର୍ଷ ବିଭିନ୍ନ ଆଳରେ ଆମେ ଜୀବନକୁ ଉପଭୋଗ କରିବାରେ ମାତିଥିଲୁ । ବିବାହ,ବ୍ରତ, ଜନ୍ମୋତ୍ସବ, ପର୍ବପର୍ବାଣୀ ଆଦି ମାଧ୍ୟମରେ ଭୋଜିଭାତ, ନାଚଗୀତର କୌଣସି ସୁଯୋଗକୁ କେବେ ହାତଛଡ଼ା କରିନାହୁଁ। ଆଜି ସେହି ନିର୍ଦ୍ଦିଷ୍ଟ ସମୟ ଧାରର ଅନ୍ତିମ କ୍ଷଣକୁ ମଧ୍ୟ ମଦମାଂସ, ଅଶ୍ଳୀଳ ନାଚଗୀତର ଆଡ଼ମ୍ବରପୂର୍ଣ୍ଣ ଆସୁରିକ ଢଙ୍ଗରେ ଉପଭୋଗ୍ୟର ସମୟ ଭାବରେ ଅତିବାହିତ କରିବା ଦ୍ୱାରା ମଣିଷ ସମାଜର ଯେଉଁ ଅପୂରଣୀୟ କ୍ଷତି ସାଧିତ ହେଉଛି ତାହାକୁ ବିଚାରକୁ ନେବା ଅତ୍ୟନ୍ତ ଜରୁରି। ନୂଆବର୍ଷର ପ୍ରକୃତ ଉଦ୍ଦେଶ୍ୟ ବିଷୟରେ ଅବଗତ ନ ହୋଇ କେହି କେବେ ଏହାର ନୂତନତାକୁ ଆଦୌ ଅନୁଭବ କରିପାରିବ ନାହିଁ । ଜି.କେ. ଚେଷ୍ଟରଟନ୍‌ଙ୍କ ମତରେ ନୂଆଁବର୍ଷ କେବଳ ପାରମ୍ପରିକ ଭାବରେ ମଣିଷ ପାଳନ କରିଆସୁଥିବା ସାମାନ୍ୟ ନୂତନବର୍ଷ ନୁହେଁ । ଏହାର ଅନୁଭବ ପାଇଁ ଦରକାର ଆମର ଏକ ନୂତନ ଆତ୍ମା, ନୂତନ ପାଦ, ନୂତନ କାନ, ନୂତନ ନାକ, ନୂତନ ଚକ୍ଷୁ ସର୍ବୋପରି ଏକ ନୂତନ ମେରୁଦଣ୍ଡ । ନୂଆଁବର୍ଷର ଆଗମନର ଉଲ୍ଲାସରେ ମଜ୍ଜି ନଯାଇ ଏକ ନୂତନ ମନ, ହୃଦୟ ଓ ବଳିଷ୍ଠ ମେରୁଦଣ୍ଡ ନେଇ ଆଗାମୀ ବର୍ଷର ସମସ୍ତ ପରିସ୍ଥିତିର ସମ୍ମୁଖିନ ହେବାକୁ ପୁରୁଣା ବର୍ଷର ଏହି ଅନ୍ତିମ ଦିନରେ ପ୍ରସ୍ତୁତ ହେବାର ଏହା ହିଁ ସର୍ବୋତ୍କୃଷ୍ଟ ସୁଯୋଗ ଭାବରେ ସମସ୍ତଙ୍କୁ ଗ୍ରହଣ କରିବାକୁ ହେବ ।

ସମାଜରେ ଏଭଳି ଅନେକ ଲୋକ ଅଛନ୍ତି ଯେଉଁମାନେ କେବଳ ଅନ୍ୟର ପରିବର୍ତ୍ତନ ଚାହାନ୍ତି ଅଥଚ ସ୍ୱୟଂ ନିଜେ ବଦଳିବା କଥା କେବେ ଚିନ୍ତା କରନ୍ତି ନାହିଁ। ନିଜେ ଠିକ୍ ଓ ଅନ୍ୟମାନେ ଭୁଲ ବୋଲି ଯେଉଁ ସମାଜରେ ସିଂହ ଭାଗ ଲୋକଙ୍କ ଧାରଣା ବଳବତ୍ତର ଥିବ ସେହି ସମାଜର ଅବସ୍ଥା କ'ଣ ହେବ ତାହା ସହଜେ ଅନୁମେୟ । ଏକ ଧାର୍ମିକ ସଂଗଠନର ନାରା ଅନୁଯାୟୀ, 'ଆମେ ବଦଳିଲେ ହିଁ ଯୁଗ ବଦଳିବ' । ଏହା ଏକାନ୍ତ ସତ୍ୟ, ହେଲେ ସେମାନଙ୍କ ମଧ୍ୟରୁ କେତେ ଜଣ ନିଜେ ନିଜକୁ ବଦଳାଇବାର ପ୍ରୟାସ କରିଛନ୍ତି, ସେହି ପ୍ରଶ୍ନ ନିଜକୁ ପଚାରିବାର ଏହା ହିଁ ପ୍ରକୃଷ୍ଟ ସମୟ । ମଣିଷର ଉଚ୍ଚାରଣ ଓ ଆଚରଣରେ ବିରାଟ ଅସମାନତା ହିଁ ଆଜିକାର ସମାଜର ସବୁଠାରୁ ବଡ଼ ବିଡ଼ମ୍ବନା । ଉତ୍ତମ ମଣିଷ କେବେ ଅନ୍ୟକୁ ବଦଳିବାକୁ କହେ ନାହିଁ ବରଂ ନିଜ ଆଦର୍ଶ କାର୍ଯ୍ୟ ଶୈଳୀରେ ଅନ୍ୟ ମାନଙ୍କୁ ପ୍ରଭାବିତ କରି ଚାଲେ ।

ନୂଆଁବର୍ଷ ଆସେ ସିନା, ଆପେଆପେ କିଛି ବି ନୂଆଁ ହୁଏ ନାହିଁ । ବରଂ ପୁରୁଣା ପାଠର ଆଲୋଚନା ଭଳି ପୂର୍ବ ଘଟଣା ଗୁଡ଼ିକର ହିଁ ପୁନରାବୃତ୍ତି ଘଟିଚାଲେ । ତେଣୁ ଅନେକ ନୂଆଁ ଆଶା ଓ ସ୍ୱପ୍ନ ବାନ୍ଧି ଆସନ୍ନ ନୂଆଁବର୍ଷକୁ ସ୍ୱାଗତ ଅପେକ୍ଷାରେ ଥିବା ଆମେ ପ୍ରଥମେ ନିଜକୁ ଧୋଇ ମାଜି ନିଜ ଭିତରେ ନୂତନ ପ୍ରାଣଶକ୍ତିର ସଂଚାର କରିବାର ଏହା ହିଁ ଶୁଭ ଅବସର । ଏଥିପାଇଁ ଯେଉଁ ଆତ୍ମ ସମୀକ୍ଷା, ଆତ୍ମ ତର୍ଜମା କିମ୍ବା ମାନସ ମନ୍ଥନର ଆବଶ୍ୟକତା ରହିଛି ତାକୁ ଯଦି ଉଚିତ ମାର୍ଗରେ ବର୍ଷର ଶେଷ ସମୟରେ ସଂପାଦନ କରି ନପାରିବା ତେବେ ଆଗାମୀ ନୂଆଁବର୍ଷ ପାଇଁ ଦେଖିଥିବା ନୂଆଁ ସ୍ୱପ୍ନ ସବୁ ସ୍ୱପ୍ନରେ ରହିଯିବା ହିଁ ସାର ହେବ ।


ସିନାପାଲି,ନୂଆପଡ଼ା

ମୋ: ୯୭୭୭୭୫୩୯୩୫





## କବିତାର ଛବିଟିଏ

### କୁନା ସେଠୀ

ଯେବେ ଭେଟିଲି ମୁଁ ପ୍ରକୃତି ରାଣୀକୁ
ଲାଗୁଥିଲା ନୂଆଁ ନୂଆଁ
ମଳୟ ସାଥିରେ ଶୀତ ର ପରଶ
ସୂରୁଜ ବାଦଲ ଡିଆଁ
ପଚାରିଲି ଏ କିଆଁ
ମୁହଁକୁ ଟେକିତା କହିଲା ପଦଟେ
ଯେତେ ଦେଖ ସେତେ ନୂଆଁ ।

ଆଙ୍କିଲି ବସି ମୁଁ ତା ଦେହରେ ପରା
ତୂଳିର କଲମ ଧରି
ନଈ ଝରଣା ଯେ ଭାସି ଆସୁଥିଲା
କୁଳୁ କୁଳୁ ନାଦ କରି
ଚାହୁଁଥିଲା ଆଖିଠାରୀ
ବାଦଲ ଦେହରୁ ସୂରୁଜ ର ମୁହଁ
ଦିଶୁଥିଲା ପରୀ ପରି ।

ପଚାରିଲି ତାକୁ ଏମିତି କିଆଁ ଯେ
ରୂପରେ ହୋଇଛ ସଜ
କହିଲା ସିଏ ତା ମଥାକୁ ଟେକିଯେ
ସବୁ ବେଳେ ନୂଆଁ ରାଜ
ଦେଖିଲେ ଲାଗିବ ଲାଜ
ଶାଗୁଆ ଶାଗୁଆ ଦେହରେ ତାହାର
ପାହାଡ଼ ପର୍ବତ ମେଜ ।

ନବ ବଧୂ ରୂପେ ସଜାଇ ହୋଇ ସେ
ଶିଶୁ ମନଟିକୁ ଧରି
ସଦାବେଳେ ସିଏ ହାସ୍ୟ ବଦନରେ
ରହିଥାଏ ଶାନ୍ତି ଭରି
ପାଗଳଟିଏ ମୁଁ ପରି
ରୂପକୁ ତାହାର ତୋଳି ଧରିଥାଏ
ଚକ୍ଷୁ ଆଇନାରେ ମୋରି ।

ଦୂର ଦିଗବଳୟେ ଇନ୍ଦ୍ରଧନୁ ସମ
ବର୍ଣ୍ଣାଳିର ରୂପ ଘେନି
ନବୀନ ପୁଷ୍ପର ନବୀନ ରଙ୍ଗରେ
ଆସଇ ନିୟମ ମାନି
ଜଳାଇ ପ୍ରୀତିର ବହ୍ନି
କବିର କବିତା ଦେହରେ ସଜାଏ
ଛବିଟିର ମନମାନୀ ।


ଭୁତସରସିଙ୍ଗି, ପୁରୁଷୋତ୍ତମପୁର,
ଗଞ୍ଜାମ


## ଶୀତ ନିଶୀଥର ଜହ୍ନ

### ପ୍ରଦୋଷ କୁମାର ଦାସ



ନୀଳ ନିର୍ମଳ ଆକାଶର ଶଶି
ଦିଶଇ ଅପୂର୍ବ ସୁନ୍ଦର।
ଦୂର ବେପଥରୁ ମାଳ ମାଳ ତାରା
ତରାଟି ଅଛନ୍ତି,
ଦେବେ ପରା ସହକାର ।
ଶୀତର ଜାଡରେ
ଝରିପଡୁଅଛି ରାତିର ଶିଶିର।
ଦୁବଠାରୁ ଦୃମ ଯାଏ
ନିରବ ନିସ୍ପନ୍ଦ,
ଜୋଛନା ବିଧୌତ
ଧରି ମୁକୁଳା ଶରୀର ।
ପ୍ରେମାସ୍ୱଦେ ରହିଛନ୍ତି ପରା
ଗୋଟାପଣେ ସବୁ
ଓଦା ସରସର !
ଜହ୍ନର ଜୋଛନା ମଲମ ପରାଏ
ଜାଡର ଯାତନାକୁ କରେ ଅବାନ୍ତର।
ସହସା ଆଲୁଅ ସହସା ଅନ୍ଧାର
ଭ୍ରମିତ କରାଏ,
ଭାସି ବାରିଧର।
ଖର ପବନରେ
ମେଘମାଳା ଧାଏଁ ଦୂର ଦିଗନ୍ତର ।
ମେଘ ଆଢୁଆଳେ
ଜହ୍ନ ଲୁଚିଯାଏ,
ଘୋଟିଯାଏ ଅନ୍ଧାକାର।
ଶୀତ ରାତିର ଆସର
କ୍ରମେ ହୁଏ ଘନଘୋର ।
ନିଶ୍ୱାସ ପ୍ରଶ୍ୱାସ ହୋଇଚାଲେ ଖର।
ଜାଡ ନିଶୀଥର ଜନ୍ତଣା ଜର୍ଜର
ଦେହ ଓ ଜୀବନେ
ବହ୍ନି ଖେଳେ ଅଭ୍ୟନ୍ତର।
ଉଦବେଳିତ ହୁଏ ହୃଦ ପାରାବାର।
ଭିଜେ ତଟ ଭୁଇଁ, ଭିଜେ ଚଉପାଶ
ଏକାକାର ହୁଏ ରାତିର ଶିଶିର ।


ସ୍ତମ୍ଭକାର,
ନାଚୁଣୀ, ଖୋର୍ଦ୍ଧା
ମୋ: ୬୩୭୦୪୯୫୯୪୪


## ମାଟି ମଟାଳରେ ସ୍ୱପ୍ନ

### ସୁବ୍ରତ କୁମାର ଜେନା

ଗୋଟେ ନା କୁ ହଁ ର ମାନ୍ୟତାରେ,
ତୁମେ ରଚିଯାଇଛ ପ୍ରଳୟ,
କିନ୍ତୁ ବେଶ ଚତୁରତାରେ ନାଁ ଦେଇଛ ପ୍ରତିରକ୍ଷା,
ତଥାପି ତୁମେ ପାରିବ କି କହି,
ସବୁ ସୀମା କଣ ସାରିଯାଇଥିଲା ତୁମଠି,
ନାଁ ସରିଯାଇଥିଲା ସମାଧାନର ସବୁ ସୂତ୍ର,
ତୁମେ ଜାଣି ଜାଣି ଏମିତି କଲା ନା ?


କେତେ କଷ୍ଟରେ ଗଢ଼ା ଝାଟି ମାଟିର ଘର,
ହେଲେ କି ଅଧିକାର କହିଲ,
ଝଡ଼ ବାଆର..
ତା ମନ ଇଚ୍ଛାରେ ଆସିବ ଭାଙ୍ଗିବାକୁ ସ୍ୱପ୍ନକୁ,
ନାଚିବାକୁ ସ୍ୱପ୍ନ ମାନଙ୍କର କୁଢ଼ କୁଢ଼ ଶବ ଉପରେ,
ଇଏ କି ତାଣ୍ଡବ,
ସେ କଣ ଚାହିଁଥିଲେ ବାଟ ବଦଳାଇ ପାରିନଥାନ୍ତା ?
ହେଲେ ନା ପ୍ରକୃତି କିଏ କଣ ସହଜରେ ଛାଡେ ନା ଛାଡି ହୁଏ।

ଇତିହାସର ଆଇନା ଅନେକ କୁହେ,
କିଛି ଲେଖା ହୋଇଥାଏ ସ୍ୱର୍ଣ୍ଣିମ ଅକ୍ଷରରେ,
ଆଉ କିଛି ଦେଇଥାଏ ଲୁହ ଯନ୍ତ୍ରଣାର ତୀକ୍ଷ୍ଣ ସ୍ମୃତି,
ଏମିତିରେ ସେ ଆଇନା କଣ ଚାହିଁଲେ
ବଦଳାଇ ଦେଇପାରିବ ସ୍ମୃତି ସବୁକୁ ଇଚ୍ଛାରେ,
ତେବେ ମାଟି ମଟାଳ ଭାଗ୍ୟର କି ଦୋଷ ?

ଏତେ ସବୁ ପରେ ପରେ,
ବେଶ କିଛି ଗଛରେ ନୂଆ ପତ୍ର ଧରେ,
ପ୍ରତିଥର ପରି ପତ୍ରଝଡା ଦେଲା ପରେ ପରେ,
ନଦୀ ତାର ଗତି ପଥ ବଦଳାଏ,
ମାଟିର ଦୃଢତାକୁ ଲକ୍ଷକରି,
ସେମିତି ଜୀବନ ପୁଣି ହସେ ମୃତ୍ୟୁ ମୁଖରୁ
ଟିକେ ସୁଯୋଗ ପାଇ,
ତାହେଲେ କେମିତି କହିବା ସବୁଠି ନିରାଶା
ସବୁଠି ବେରଙ୍ଗ, ସବୁଠି ଯନ୍ତ୍ରଣା,
ନା ପ୍ରତିକୂଳ ସ୍ଥିତିରେ ବି ଜୀବନ ଖୋଜେ ନିଡ଼,
ବଞ୍ଚି ବଞ୍ଚାଇବାକୁ ସଂଘର୍ଷର ଚିତ୍ର ଆଙ୍କେ,
ହୁଏତ ସେ ଚିତ୍ର କେବେ ହୋଇଯାଏ କାଳଜୟୀ,
ଏଇତ ମାଟି ମଟାଳର କାହାଣୀ,
ଯାହା କେବେ ସରେନି କି ଲିଭେନି....।


ଶୂରଡିହ, ନନ୍ଦିପୁର, ଯାଜପୁର
ମୋ: ୯୭୭୬୨୦୮୯୩୦

# ସତ୍‌ସଙ୍ଗର ଆହ୍ୱାନ - ସତ୍ୟାନୁସରଣରେ ଜୀବନ



**ଜ୍ୟୋସ୍ନାମୟୀ ସାହୁ**



ସତ୍ୟାନୁସରଣର ରଚୟିତା ଯୁଗପୁରୁଷୋତ୍ତମ କଳକୀ ଅବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଜୀବନବାଦର ପୁରୋଧା ଥିଲେ । ମଣିଷର ଜୀବନ ତାଙ୍କ ପାଖରେ ସର୍ବୋପରି ମୂଲ୍ୟବାନ ବସ୍ତୁ ହିସାବରେ ପରିଗଣିତ ହୋଇଆସୁଥିଲା । ସତ୍ୟାନୁସରଣ ହେଉଛି ଜୀବନର ଗତି । ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନରେ ଜୀବନ ଅତ୍ୟନ୍ତ ମୂଲ୍ୟବାନ । ଜୀବନର ସ୍ୱରୂପ, ଗଭୀରତା ଏବଂ ଜ୍ୟୋତିର ପ୍ରକାଶ ଏକପ୍ରକାର ବିସ୍ମୟକର ଅଭିବ୍ୟକ୍ତ । ପ୍ରତ୍ୟେକ ବ୍ୟକ୍ତି ବିଶେଷ ପାଇଁ ଜୀବନର ରୂପ ଓ ପ୍ରକାଶ ଭିନ୍ନ ପ୍ରକାର । ସେହି ଦୃଷ୍ଟିରୁ ବ୍ୟକ୍ତିର ବ୍ୟକ୍ତିଗତ ଅନୁଭୂତି ଏବଂ ନିଜସ୍ୱ ଦୃଷ୍ଟିଭଙ୍ଗିର ଏକ ଅନନ୍ୟ ମୂଲ୍ୟ ରହିଛି । ବ୍ୟକ୍ତି ଜୀବନର ଏହି ଘନୀଭୂତ ଓ କେନ୍ଦ୍ରାୟୀତ ପୃଷ୍ଠଭୂମିରେ ସତ୍ୟାନୁସରଣ ହେଉଛି ଏକ ଅଭ୍ରାନ୍ତ ମାର୍ଗଦର୍ଶକ ଏବଂ ନିୟାମକ । ସତ୍ୟାନୁସରଣ ଭିତରେ ଜୀବନର ଦର୍ଶନ ଓ ଆଧ୍ୟାତ୍ମବିଦ୍ୟା ନିଶ୍ଚୟ ରହିଛି । କିନ୍ତୁ ସତ୍ୟାନୁସରଣର ମହତ୍ୱ ହେଉଛି ଜୀବନ ଦର୍ଶନକୁ ସୂତ୍ରାକାରରେ ପାଳନ କରିବାର ଏକ ପନ୍ଥା । ମଣିଷ କିଭଳି ନିଜର ଦୈନନ୍ଦିନ ଜୀବନରେ କର୍ମ ସମ୍ପାଦନା କରିବା ସହିତ ସାର୍ଥକତାର ପଥ ଅବଲମ୍ବନ କରିପାରିବ; ସତ୍ୟାନୁସରଣ ହେଉଛି ସେଥିପାଇଁ ଏକ ନିତି ନୀୟମ ସମ୍ବଳିତ ଏକ ନିର୍ଦ୍ଦେଶନାମା (ସତ୍‌ସଙ୍ଗ-ଗୀତା)। ଶ୍ରୀ ଶ୍ରୀ ଠାକୁରଙ୍କ ଦୃଷ୍ଟିଭଙ୍ଗିରେ ଜୀବନର ଦୁଇଟି ଅପରିହାର୍ଯ୍ୟ ଦିଗ ରହିଛି । ପ୍ରଥମ ହେଉଛି - ବଞ୍ଚିବା ଓ ଦ୍ୱିତୀୟ ହେଉଛି ବୃଦ୍ଧି, ଆନନ୍ଦ କିମ୍ବା ବିସ୍ତାରିତ ଅନୁଭୂତି । ଏହି ଦୁଇଟି ଦିଗକୁ ପରିପୂରଣ କରିବାର ଉପାୟ ସତ୍ୟାନୁସରଣର ପ୍ରତ୍ୟେକ ପରିଚ୍ଛେଦରେ ଦିଆଯାଇଛି । ଉଦାହରଣ ସ୍ୱରୂପ - 'ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ । ସାବଧାନ ହୁଅ - ଠକିଯିବ, ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ' । ମନୁଷ୍ୟ ଭିତରେ ଦେବତ୍ୱକୁ ଜାଗ୍ରତ କରିବା, ଆତ୍ମା ସହିତ ପରମାତ୍ମାର ମିଳନ କରାଇବା, ମନୁଷ୍ୟକୁ ତା'ର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ କରାଇବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ଏହି ବାଣୀ ଏକ ଅମୋଘ ଅସ୍ତ୍ର । ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଭଗବାନ କୃଷ୍ଣ ଅର୍ଜ୍ଜୁନଙ୍କୁ ଆହ୍ୱାନ ଦେଲାଭଳି ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣ ପ୍ରଥମ ପରିଚ୍ଛଦରେ କହିଛନ୍ତି 'ସର୍ବ ପ୍ରଥମ ଆମ୍ଭମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ । ସାହସୀ ହେବାକୁ ହେବ, ବୀର ହେବାକୁ ହେବ । ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା । ତଡ଼, ଯେତେ ଶୀଘ୍ର ପାର, ଏଡି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭ୍ୟାମ୍ପାୟର (ବାତୁଡ଼ି)କୁ । ସ୍ମରଣ କର ତୁମେ ସାହସୀ, ସ୍ମରଣକର ତୁମେ ଶକ୍ତିର ତନୟ, ସ୍ମରଣ କର ତୁମେ ପରମପିତାର ସନ୍ତାନ । ଆଗେ ସାହସୀ ହୁଅ, ଅକପଟ ହୁଅ, ତେବେ ଜଣାଯିବ, ତୁମର ଧର୍ମରାଜ୍ୟରେ ପଶିବାର ଅଧିକାର ଜନ୍ମିଛି । ଭାରତବାସୀଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କର ବୈପ୍ଲବିକ ଆହ୍ୱାନ ହେଉଛି - 'ଭାରତର ଅବନତି ସେହି ସମୟରୁ ଆରମ୍ଭ ହୋଇଛି ଯେଉଁ ସମୟରୁ ଭାରତବାସୀଙ୍କ ପାଖରେ ଅମୂର୍ତ୍ତ ଭଗବାନ ଅସୀମ ହୋଇଉଠିଛନ୍ତି । ଋଷିଙ୍କୁ ବାଦ ଦେଇ ଋଷିବାଦର ଉପାସନା ଆରମ୍ଭ ହୋଇଛି । ଭାରତ, ଯଦି ଭବିଷ୍ୟତ କଲ୍ୟାଣକୁ ଆବାହନ କରିବାକୁ ଚାହଁ ତେବେ ସଂପ୍ରଦାୟ ଗତ ବିରୋଧ ଭୁଲି ଜଗତର ପୂର୍ବ ପୂର୍ବ ଗୁରୁମାନଙ୍କ ପ୍ରତି ଶ୍ରଦ୍ଧା ସମ୍ପନ୍ନ ହୁଅ, ଆଉ ତୁମର ମୂର୍ତ୍ତ ବା ଜୀବନ୍ତ ଗୁରୁ ବା ଭଗବାନଙ୍କ ପ୍ରତି ଆସକ୍ତ ହୁଅ ଏବଂ ସେହି ମାନଙ୍କୁ ହିଁ ସ୍ୱୀକାର କର ଯେଉଁମାନେ ତାଙ୍କୁ ଭଲ ପାଆନ୍ତି, କାରଣ ପୂର୍ବବର୍ତ୍ତୀଙ୍କୁ ଅଧିକାର କରି ହିଁ ପରବର୍ତ୍ତୀଙ୍କ ଆବିର୍ଭାବ । ଅନ୍ୟତ୍ର ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ - 'କର୍ମ କରିଯାଓ, ଅଦୃଷ୍ଟ ଭାବି ଭାଙ୍ଗି ପଡ଼ନାହିଁ, ଅଳସୁଆ ହୁଅନାହିଁ । ତୁମେ ଯେପରି କାର୍ଯ୍ୟ କରିବ, ତୁମର ଅଦୃଷ୍ଟ ସେହିପରି ହୋଇ ଦୃଷ୍ଟ ହେବ ।' ଜୀବନର ଗତି ପଥରେ, ବିପଦ ଓ ବାଧା ଆସି ଛିଡ଼ା ହୁଏ । ଶ୍ରୀ ଶ୍ରୀ ଠାକୁର ଜୀବନରେ ବିଜୟ ଓ ସାଫଲ୍ୟର ଜୟ ଜୟକାର କରି ସତ୍ୟାନୁସରଣର ପୃଷ୍ଠାରେ କହିଲେ, 'ବିପଦକୁ ଫାଙ୍କି ଦେଇ ଓ ପରାସ୍ତ କରି ସଫଳତା ଲକ୍ଷ୍ମୀ ଲାଭ କର; ବିପଦ ଯେପରି ତୁମକୁ ସଫଳତାରୁ ବଞ୍ଚିତ ନକରେ ।' ସତ୍ୟାନୁସରଣ ଅଧ୍ୟୟନ କଲାବେଳେ ମଣିଷର ଅନ୍ତର୍ରାଜ୍ୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି ହୁଏ । ସତ୍ୟାନୁସରଣର ପ୍ରତ୍ୟେକ ବାକ୍ୟ କିମ୍ବା ପରିଚ୍ଛେଦରେ ଏକ ଚିରନ୍ତନ ସତ୍ୟ ଏବଂ ଏକ ଜୀବନୀୟ ନିର୍ଦ୍ଦେଶ ପ୍ରସ୍ଫୁଟିତ ହୋଇଅଛି । ଅଧିକାଂଶ ଅଧ୍ୟାୟରେ ମନସ୍ତାତ୍ତ୍ୱିକ, ଆତ୍ମିକ, ବ୍ୟବହାରିକ ଏବଂ ଦାର୍ଶନିକ ତତ୍ତ୍ୱର ବାସ୍ତବ ପ୍ରୟୋଗର କୌଶଳ ଓ ଉପାୟ ଦର୍ଶାଯାଇଛି । ଭକ୍ତି ସମ୍ବନ୍ଧରେ ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁର କହିଲେ, 'ସତ୍‌ରେ ନିରବଚ୍ଛିନ୍ନ ସଂଲଗ୍ନ ରହିବାର ଚେଷ୍ଟାକୁ ଭକ୍ତି କୁହାଯାଏ । ବିଶ୍ୱାସ ଯେପରି, ଭକ୍ତି ସେହିପରି ଆସେ ଏବଂ ଜ୍ଞାନ ମଧ୍ୟ ତଦନୁଯାୟୀ ହୁଏ । ବିଶ୍ୱାସ ଯେପରି ଅନ୍ଧ ହୁଏନାହିଁ, ଭକ୍ତି ମଧ୍ୟ ସେହିପରି ମୂଢ଼ ହୁଏନାହିଁ । ଭକ୍ତିରେ କସ୍ମିନକାଳେ କୌଣସି ପ୍ରକାର ଦୁର୍ବଳତା ନାହିଁ । ଭକ୍ତ ହିଁ ପ୍ରକୃତ ଜ୍ଞାନୀ, ଭକ୍ତି ବିହୀନ ଜ୍ଞାନ ବାଚକ ଜ୍ଞାନ ମାତ୍ର ।' ବିଶ୍ୱାସ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣରେ କହିଲେ, 'ଯେଉଁ ଭାବ ବିରୁଦ୍ଧଭାବ ଦ୍ୱାରା ଆହତ ବା ଅଭିଭୂତ ହୁଏନାହିଁ, ତାହା ହିଁ ବିଶ୍ୱାସ । ବିଶ୍ୱାସ ପରି ଆଉ ସିଦ୍ଧି ନାହିଁ । ଗଭୀର ବିଶ୍ୱାସ ବଳରେ ସବୁକିଛି ହୋଇପାରେ । ବିଶ୍ୱାସ କର, ସାବଧାନ ! ଅହଙ୍କାର, ଅଧୈର୍ଯ୍ୟ ଓ ବିରକ୍ତି ଯେପରି ନଆସେ, ଚାହା ଚାହଁ ତାହା ହିଁ ହେବ। କର୍ମ ବିଶ୍ୱାସକୁ ଅନୁସରଣ କରେ । ଯେପରି ବିଶ୍ୱାସ, କର୍ମ ମଧ୍ୟ ସେହିପରି ହୁଏ ।' ଜୀବନ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର ସତ୍ୟାନୁସରଣରେ କହିଲେ, 'ଜୀବନକୁ ଯେପରି ଭାବରେ ବଳି ଦେବ, ନିଶ୍ଚୟ ସେହିପରି ଜୀବନ ଲାଭ କରିବ ।' ଜୀବନରେ ପ୍ରାପ୍ତି ସମ୍ବନ୍ଧରେ, ଶ୍ରୀ ଶ୍ରୀ ଠାକୁର ଆହୁରି କହିଲେ, 'ନିଶ୍ଚୟ ଜାଣ, କରିବା ହିଁ ପାଇବାର ଜନନୀ । କର୍ମ ଯେତେବେଳେ ଚାହିଦାକୁ ଅନୁସରଣ କରେ; କୃତାର୍ଥତା ସେତେବେଳେ ସମ୍ମୁଖରେ ଛିଡ଼ା ହୁଏ ।' ପରିଶେଷରେ ଏକଥା କହିବାକୁ ପଡ଼େ, ସତ୍ୟାନୁସରଣରେ ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ଜାଗ୍ରତ ରହିଛି । ସତ୍ୟାନୁସରଣର ଭକ୍ତି ମାଧ୍ୟମରେ ସେ ଆମକୁ ନିରନ୍ତର ମାର୍ଗଦର୍ଶନ କରାଉଛନ୍ତି ।

ଜୀବନର ଜୟ ହେଉ - ଶ୍ରୀ ଶ୍ରୀ ଠାକୁରଙ୍କ ଜୟ ହେଉ - ସତ୍ୟାନୁସରଣ ରୂପ ପରିଗ୍ରହ କରୁ।

+ସ୍ୱସ୍ତିକୁଞ୍ଜ, ବାଗମୁଣ୍ଡା, ବାଲିଗୁଡ଼ା, କନ୍ଧମାଳ

## ଧାରାବାହିକ ଉପନ୍ୟାସ



(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମୋହିନୀ

**ଜ୍ୟୋସ୍ନାମୟୀ ପଣ୍ଡା**



॥ ଭାଗ-୨୭ ॥

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସେ ହୁଏତ ଝେଲମା ବା ବିତସ୍ତା ନଦୀ ର ଗୋଟିଏ ଘାଇ କିମ୍ବା ସପ୍ତ ସିନ୍ଧୁ ଅଞ୍ଚଳର ସବୁ ଘାଇକୁ ଭାଙ୍ଗି ସପ୍ତସିନ୍ଧୁ ଅଞ୍ଚଳକୁ ଜଳ ମଗ୍ନ କରିଦେଲା। ହୁଏତ ସେହି ପ୍ରଳୟ ଜଳ ଆକାଶ ଗଙ୍ଗା ବା ଦୁଧ ସମୁଦ୍ରକୁ ସ୍ପର୍ଶ କରିବା ପରି ଦେଖା ଯାଉଥିଲା। କିମ୍ବା ସେତେ ବେଳେ ଆକାଶର ଗ୍ରହ, ନକ୍ଷତ୍ର ତାର ସପକ୍ଷରେ ଥିଲେ ବା ସୂର୍ଯ୍ୟ ଆକାଶର ବାଷ୍ପୀୟ ସମୁଦ୍ରର ନିକଟ ବର୍ତ୍ତୀ ଥିଲେ। ହୋଇପାରେ ସେ ନିଜର ଶକ୍ତି ବଳରେ ସମୁଦ୍ର ଜଳକୁ ପ୍ରବାହିତ କରି ସମସ୍ତ ସ୍ଥାନକୁ ଜଳ ମଗ୍ନ କରି ଦେଇଥିଲା।

ପୂର୍ବରୁ ହୋଇ ଥିବା ପ୍ରଳୟ ପରେ ଏହି ପ୍ରଳୟ ସପ୍ତ ସିନ୍ଧୁ ଅଞ୍ଚଳକୁ ପୂର୍ଣ୍ଣ ଧ୍ୱସ୍ତ କରିଦେଇ ଥିଲା। ବିଭିନ୍ନ ନଦୀରେ ସୃଷ୍ଟି ହୋଇଥିବା ବର୍ଷାର ପ୍ରବଳ ବନ୍ୟା।

ସନ୍ତସନ୍ତିଆ ଓ କର୍ଦ୍ଦମାକ୍ତ ମାଟି । ବିଶେଷ କେହି ଜୀବଜନ୍ତୁ ମଧ ନାହାନ୍ତି। ଦେବତା ମାନଙ୍କର ସମସ୍ତ ଶସ୍ୟ କ୍ଷେତ୍ର ଜଳ ମଗ୍ନ। ଘନ ଅରଣ୍ୟ ମାନ ଜଳ ରାଶି ମଧରେ ବିପର୍ଯ୍ୟସ୍ତ ବା ନିର୍ଶ୍ଚିହ୍ନ ହୋଇ ଯାଇ ଅଛି। ଅସୁର ମାନେ କେବଳ, କେବଳ ସେହି ସ୍ୱଳ୍ପ ପରିମିତ ସ୍ଥଳଭାଗରେ ମତ୍ସ୍ୟ, ପତଙ୍ଗ, ଭେକ ଓ ସରୀସୃପାଦି ଭକ୍ଷଣ କରି ଜୀବନ ଧାରଣ କରିଛନ୍ତି। ସମ୍ମୁଖକୁ ପଶୁ , ପକ୍ଷୀ, ମାନବ, ଯେ' ଆସିଲା ତାର ଆଉ ପରିତ୍ରାଣ ନାହିଁ ।

ହଠାତ ସେହି କର୍ଦ୍ଦମାକ୍ତ ସ୍ଥଳଭାଗରେ ସୃଷ୍ଟି ହେଲେ ମାଂସ, ପିଣ୍ଡମୟ ବରାହ ନାମକ ଏକ ପ୍ରକାଣ୍ଡ କାୟ ବଳ ଶାଳୀ ଜୀବ। ତାଙ୍କର ମୁଖାଗ୍ରରେ ଦ୍ୱିତୀୟା ଚନ୍ଦ୍ରପରି ଶୋଭା ପାଉଥିଲା ଦୁଇଟି ଶ୍ୱେତତୀକ୍ଷ୍ଣ ଦନ୍ତ। ସେ ଥିଲେ ଶାକାହାରୀ ବନ୍ୟ ଶୂକର। ସେମାନେ ଦାନ୍ତରେ ସେହି ପଙ୍କ ପୂର୍ଣ୍ଣ ମାଟିକୁ କର୍ଷଣକଲେ ଓ ଉଦ୍ଭିଦ ର ଉପଯୋଗୀ କରାଇଲେ। ସେଇ ସ୍ୱଳ୍ପ ସ୍ଥଳ ଭାଗ ମଧରେ ନବାଙ୍କୁରିତ ତୃଣ ଓ ପତ୍ର ମାନଙ୍କୁ ଭକ୍ଷଣକରି ସେ ବଞ୍ଚି ରହିବାକୁ ଚାହୁଁଥିଲେ। କ୍ଷୁଧାର ତାଡନାର ସେହି ଶୂକର ବଂଶକୁ ଭକ୍ଷଣ କରି ବଞ୍ଚିବାକୁ ଚାହୁଁଥିଲେ ଅସୁରମାନେ। ଉଭୟ ସଂକଳ୍ପ କରିଥିଲେ ଏହି ସ୍ଥଳ ଭାଗରେ କେବଳ ସେମାନଙ୍କର ଏକଚାଟିଆ ଅଧିକାର ରହିବ। ଏହି ପୃଥିବୀର ଅଧିପତି ହେବ କେବଳ ଜଣେ ଓ ସେ ହେଉଛି ସେ।.......

ବ୍ୟାକୁଳ ଦେବତା ମାନଙ୍କୁ ରକ୍ଷା କରିବା ପାଇଁ ଐଶ୍ୱରୀୟ ସାହାଯ୍ୟ ପ୍ରାର୍ଥନା କରି ଯଜ୍ଞେଶ୍ୱର ବ୍ରହ୍ମା ଯୋଗ ମଗ୍ନ ହୋଇ ଗଲେ। କ୍ରୌଞ୍ଚ

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ଆଜିର୍ କବିତା

### ଅବଶେଷ

**ଅଳକା ରାୟ**



ଆକାଶରୁ ମାଟି ମୁହାଁ ସେ ଉଲ୍‌କା ପିଣ୍ଡ
ଯିଏ, ତା କ୍ଷିପ୍ରତାରେ
ମାଟି ଛୁଉଁ ଛୁଉଁ
ରୂପାନ୍ତର ହୁଏ ପାଉଁଶରେ।

ଅବଶେଷର ସେଇ ପାଉଁଶ ତଳୁ
ମିଳେ ମୁଠା ମୁଠା ଅବଶୋଷ
ତାହା ପ୍ରାପ୍ତିର, ଅପ୍ରାପ୍ତିର ଅବା
ପାଇ ହରାଇବାର।

ହେଃ.... ଶବ୍ଦ ଗୁଡ଼ିକ ଭାରି ଦୁଷ୍ଟ
ବଦଳାଇ ଦିଏ ସବୁ ଚିତ୍ରପଟ
ନ ହେଲେ
ବାରସହ ବଢେଇ ଓ ଧରମାର
ଅବଶେଷ କୋଣାର୍କ କଣ! କେବଳ ଏକ
ଭଙ୍ଗାରୁଜା ଇତିହାସ, ନା
ଶିଳ୍ପୀର ନିହାଣ ମୁନରେ ଜୀବନ୍ତ
ବେଦନାସିକ୍ତ ପ୍ରେମର ଅବଶେଷ!

+ ଭୁବନେଶ୍ୱର
ମୋ: ୭୯୭୮୩୩୨୦୬୧

### ଓଦା ଆଖି

**ଚିକୁନ୍ ପଣ୍ଡା**



ଅତୃପ୍ତ ଅତୀତ କରେ ଘନ ଘନ ପ୍ରଶ୍ନ
କିଛି ନକହି ରହେ ନିରୁତ୍ତର
ଓଦା ଓଦା ଆଖି ଚାହେଁ ପ୍ରତିଥର
ଅପେକ୍ଷା ତୁମ ଅଫେରା ପଥର,
ନୀରବେ ହଜିଯାଏ ତୁମ ଅନୁଭବେ
ହୃଦୟେ ଆଙ୍କେ ତୁମ ପ୍ରତିଛବି
ମନ ମୋ ଅଜଣା ଚିତ୍ର ଶିଳ୍ପୀ,
ଓଠରେ ନୀରବତା
ଜିହ୍ୱାରେ ଗୁଞ୍ଜରଣ
ତୁମ ନାମ ସ୍ମରଣ ।

ଆଜି ବି ଯଦି କାଉ ରାବେ କା
ତୁମ ଫେରିବା ବାଟକୁ କରି ବସେ ଆଁ,
କେମିତି ଏ ସମ୍ପର୍କ
ଅଜବ ନା!
ମୁଁ ରୂପ ରାଇଜର ଚଢେଇ
ତମେ ପରଦେଶୀ ଚଢେଇ।
ମୁଁ ମାଟି ଅଗଣା , ତମେ ସୁନା ଫରୁଆ
ନଦୀ କି ପାଇବ ଆକାଶ ପରଶ
ତଥାପି କରେ ବୃଥା ପ୍ରୟାସ ।

+କଟକ

### ପ୍ରାର୍ଥନା

**କବିତା ପଣ୍ଡା**



ଆରେ ଆ' ମୋହର ଶ୍ରୀକ୍ଷେତ୍ର ନାଗର
ଆଉ ଥରେ ନେଇଯାରେ
ଧାମକୁ ଯେ ତୋର ।

ତୋ ଭାବ ସୁନ୍ଦର ତୋ ପ୍ରେମ ସୁନ୍ଦର
ଦେଖି ଲା ଦିନୁ ଆଖି
ଝୁରେ ମନ ମୋହର ।

ଆରେ ଆ' ମୋର
ବାନ୍ଧିବି ମୁଁ ତୋ ପାଇଁ ପାଦର ଘୁଙ୍ଗୁର
ମଣ୍ଡପରେ ନାଚିବି ମୁଁ
ନିତି ଯେ ତୋହର ।

ଆରେ ଆ ମୋର
ନିବେଦନ ଶୁଣ ଥରେ ମୋ କଳା ଠାକୁର
ଦେବ ଦାସୀ ସଜେଇ ଦେ
ଏଇ ଜନମର ।

ଆରେ ଆ ମୋହର
ଶ୍ରୀକ୍ଷେତ୍ର ନାଗର

+ମଙ୍ଗଳପୁର, ସୋର, ବାଲେଶ୍ୱର

# ଭାବପ୍ରବଣତାର କରୁଣ ପରିଣତି

## ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ଭାବପ୍ରବଣତାକୁ ପ୍ରେମ ଭାବି ଘଟୁଥିବା କରୁଣ ପରିଣତି ଆଜିକାଲି ଅତି ସାଧାରଣ ହୋଇଗଲାଣି। ପିଲାମାନେ ତ ଅଜାଣତରେ ଭାବପ୍ରବଣତାର ଭ୍ରମକୁ ପ୍ରେମ ଭାବି ଦୁର୍ମୂଲ୍ୟ ଜୀବନ ନଷ୍ଟ କରୁଛନ୍ତି, ହେଲେ ପ୍ରାପ୍ତବୟସ୍କମାନେ ସଂସାରକୁ ଭଲ ଭାବେ ବୁଝି ସାରିବା ପରେ ବି କାହାର ଭାବପ୍ରବଣତାରେ ସଂଲଗ୍ନ ହୋଇ ନିଜ ସଂସାରକୁ ଛାରଖାର କରି ଦେଉଛନ୍ତି। ଆମୋଦ ଓ ମୋହରେ ପ୍ରେମ ଓ ଭ୍ରମ ଭିତରେ କିଛି ପାର୍ଥକ୍ୟ ନଦେଖି ଦାମ୍ପତ୍ୟ ଜୀବନକୁ କଳୁଷିତ କରୁଛନ୍ତି। ବାସ୍ତବରେ ଏ ଭାବପ୍ରବଣତା କଣ? ପ୍ରେମ ନା ଗୋଟେ ଧୋକା? ଏ ବିଷୟରେ ଆମକୁ ଆମ ପିଲାମାନଙ୍କୁ ସଚେତନ କରାଇବା ନିହାତି ଦରକାର।

ପିଲାମାନଙ୍କ କିଶୋର ଅବସ୍ଥା ସବୁବେଳେ ଗୋଟେ ଆଡଭେଞ୍ଚର୍ ଟାଇମ ବା ପ୍ରଗତିର ସମୟ। ଏ ସମୟରେ ମନର ସ୍ଥିତି ବି କିଛି ଅଲଗା ଥାଏ। ନୂଆ ସମ୍ମୋହନ, ଆକର୍ଷଣ, ଭାବପ୍ରବଣ ଭଳି ଅନୁଭବର ଉଦ୍ରେକ ହୁଏ। ଶୈଶବରୁ କିଶୋରକୁ ଆଗେଇବା ବେଳେ ପିଲାମନର ନିଷ୍କପଟଭାବ ଛାଡ଼ି ନଥାଏ,ସମ୍ପର୍କକୁ ବୁଝିବା ଏତେ ସହଜ ବି ହୋଇନଥାଏ। ସେତେବେଳେ କେହି ସାଙ୍ଗ ହେଲେ, ଅଧିକ ସମୟ ଏକାଠି ମିଶିଲେ, ପରସ୍ପରର ଯତ୍ନ ନେଲେ, ପରସ୍ପର ପ୍ରତି ଭଲପାଇବା ରଖିଲେ ମନକୁ ଭଲ ଲାଗେ।ନିଜ ଭିତରେ ଖୁସି ଅନୁଭବ ହୁଏ। ସବୁବେଳେ ତା ସହିତ କଥା ହେବାକୁ ଇଚ୍ଛା ହୁଏ, ଅଧିକ ସମୟ ତା ସହିତ ବିତାଇବାକୁ ଇଚ୍ଛା ହୁଏ, ନିଜ ଘର, ପରିବାର ସମସ୍ତଙ୍କ ଅପେକ୍ଷା ସେ ହିଁ ଭଲ ଲାଗେ, ସବୁ କଥା ତା ସହିତ ସେୟାର କରିବାକୁ ଭଲ ଲାଗେ।ଏହି ଭଲଲାଗିବାକୁ ଭାବପ୍ରବଣ ହୋଇ ପିଲାମାନେ ଭଲପାଇବାର ଆଖ୍ୟା ଦେଇଦିଅନ୍ତି ଓ କହନ୍ତି 'ମୁଁ ତାକୁ ଭଲପାଏ'।ଯାହାକୁ ସମସ୍ତେ 'ପ୍ରେମ' ବୋଲି ମାନିନିଅନ୍ତି। ଦେଖିବାକୁ ଗଲେ ଏଠି ଆଦୌ ପ୍ରେମ ନଥାଏ, କେବଳ ଥାଏ ଭାବପ୍ରବଣତା ବା ଇମୋସନ।' **Imotional attachment is not love**', ଏକଥା ପିଲାମାନେ ବୁଝିପାରନ୍ତି ନାହିଁ ଓ ସେଇ ପ୍ରେମ ପଛରେ ଗୋଡେଇ ଅନେକ ସମ୍ପର୍କଠୁ ଦୂରେଇ ଯାଇଥାନ୍ତି। ଯେଉଁ ସମୟରେ ପରିବାରର ସ୍ନେହ,ବାପା ମାଆଙ୍କ ଆଦର, ଭାଇ ଭଉଣୀଙ୍କ ମଜା ଥଟ୍ଟାରେ ସାରା ଦିନ ଖୁସିରେ କାଟିବା କଥା, ସେତେବେଳେ ସେ କେବଳ ଜଣେ ବନ୍ଧୁ ବା ବାନ୍ଧବୀଙ୍କ ପ୍ରେମରେ ଦିବାନା ହୋଇ ଗୋଟେ ରୁମ୍‌ରେ ବସି, ଏକା ଏକା ମୋବାଇଲ୍ ରେ ଚାଟିଂ କରିବା, କଥା ହେବାରେ ସମୟ କାଟନ୍ତି। କେବେ କେବେ ଫୋନ୍‌ରେ ବି ଝଗଡା ହୋଇଯାଏ ତ ପୁରା ପରିବାର ଲୋକଙ୍କ ସହିତ କଥାବାର୍ତ୍ତା କରିବାକୁ ଇଚ୍ଛା ହୁଏନାହିଁ। ପିଲାମାନେ ଜାଣି ପାରନ୍ତିନି ସେମାନେ କେତେ ମୂଲ୍ୟବାନ ସମୟ ହରାଉଛନ୍ତି। ନିଃସ୍ୱାର୍ଥ ଭାବେ ଯଦି କେହି ସାରା ଜୀବନ ଭଲପାଏ, ସେ ହେଉଛି ମା, ତା ସ୍ନେହଠୁ ମହାର୍ଘ୍ୟ ଅନୁଭବ ଆଉ କିଛି ନାହିଁ, ତା'ଠୁ ଅଧିକ ଯତ୍ନ ଆଉ କେହି ନେଇ ପାରିବେନି, ତା'ଠୁ ଭଲ ସାଙ୍ଗ ଜଗତରେ ବି ମିଳିବନି। ନା ମାଆର କିଛି ଅଭିଯୋଗ ଥାଏ, ନା ଅଭିମାନ, ତା କୋଳରେ ଅମୂଲ୍ୟ ଆନନ୍ଦ ଛାଡ଼ି କେଉଁ ବସ୍ ଷ୍ଟପ୍, ପାର୍କ, ରେଷ୍ଟୁରାଣ୍ଟ, ହୋଟେଲ କିମ୍ବା ରାସ୍ତାକଡ଼ରେ ପ୍ରେମ କେବେ ମିଳିବ ନାହିଁ, ଏକଥା ପିଲାମାନଙ୍କୁ ବୁଝିବାକୁ ପଡ଼ିବ।

ସ୍ୱାଦିଷ୍ଟ ଖାଦ୍ୟ ଓ ସ୍ୱାସ୍ଥ୍ୟକର ଖାଦ୍ୟ ଭିତରେ ବହୁତ ଫରକ ଅଛି। ହୋଟେଲର ସ୍ୱାଦିଷ୍ଟ ଖାଦ୍ୟ ସବୁଦିନ ଖାଇବାକୁ ଇଚ୍ଛା ହୁଏ, ପାଟିକୁ ଭଲଲାଗେ, ଖାଇବାକୁ ଆନନ୍ଦ ଲାଗେ, କିନ୍ତୁ କିଛିଦିନ ଲଗାତାର ଖାଇଲା ପରେ ଦେହ ଖରାପ ହୁଏ, ଅନେକ ରୋଗ ଆକ୍ରାନ୍ତ କରେ, ଖାଇବାର ଇଚ୍ଛା ବି ମରିଯାଏ, ବାଧ୍ୟ ହୋଇ ଘର ତିଆରି ସିଝା ସନ୍ତୁଳା ଖାଇବାକୁ ପଡେ। କିନ୍ତୁ ଘରେ ହେଉଥିବା ଖାଦ୍ୟ ସ୍ୱାଦିଷ୍ଟ ହେଉ କି ନହେଉ, ସ୍ୱାସ୍ଥ୍ୟ ପକ୍ଷେ ସବୁବେଳେ ହିତକାରକ ହୋଇଥାଏ,ଶରୀର ନିରୋଗୀ ରହେ, ଉତ୍ତମ ସ୍ୱାସ୍ଥ୍ୟ ହୋଇଥାଏ। ସମ୍ପର୍କ ବି ଠିକ୍ ସେମିତି। ପିଲାମାନେ ଯାହାକୁ ଭାବପ୍ରବତାର ବଶବର୍ତ୍ତୀ ହୋଇ ପ୍ରେମ କହୁଛନ୍ତି, ତାହା କେବଳ ଭ୍ରମ ମାତ୍ର,ଏବଂ ଏ ଭ୍ରମର ଶୀକାର ହୋଇ ନିଜର ଦୁର୍ମୂଲ୍ୟ ଜୀବନ ନଷ୍ଟ ହେବା ପୂର୍ବରୁ ଆମ ପିଲାମାନଙ୍କୁ ବନ୍ଧୁ ପରି ଆଲୋଚନା କରି ସଠିକ୍ ରାସ୍ତା ଦେଖେଇବା ଆମର ଦାୟୀତ୍ୱ।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ:୯୪୩୯୭୨୬୦୬୦

# ଚତୁର୍ଦ୍ଦଶ ଓଡ଼ିଶା ପରିବେଶ କଂଗ୍ରେସରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ଓ ରିସର୍ଚ୍ଚ ସ୍କଲାର ପୁରସ୍କୃତ

ଜୟପୁର, ୨୭/୧୨ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. ଦେବବ୍ରତ ପଣ୍ଡାଙ୍କୁ ଓଡ଼ିଶା ପରିବେଶ କଂଗ୍ରେସ (ଓଇସି) ପକ୍ଷରୁ ୧୪ତମ ବାର୍ଷିକ ସମ୍ମିଳନୀରେ ସମ୍ମାନଜନକ ଅବସର ବେଉରିଆ ସ୍ମାରକୀ ପ୍ରକୃତି ସଂରକ୍ଷଣ ପୁରସ୍କାର ୨୦୨୩ ଓ ଗବେଷିକା ସୁଶ୍ରୀ ପ୍ରିୟାଞ୍ଜୋଲି ରାୟଙ୍କୁ ପଦ୍ମଶ୍ରୀ ଡ. ଅଜୟ ପରିଡ଼ା ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଇଛି। ୧୪ତମ ଓଡ଼ିଶା ପରିବେଶ କଂଗ୍ରେସ ୨୦୨୩ ଡିସେମ୍ବର ୨୨ରୁ ୨୩ ତାରିଖ ମଧ୍ୟରେ ଭୁବନେଶ୍ୱରସ୍ଥିତ ଆରଏମଏନ୍‌ଏଚ୍ ରେ ଅନୁଷ୍ଠିତ ହୋଇଥିଲା। ଦେବବ୍ରତ ପଣ୍ଡା ଓ ସୁଶ୍ରୀ ପ୍ରିୟାଞ୍ଜୋଲି ରାୟଙ୍କ ସମ୍ବର୍ଦ୍ଧନା ଉତ୍ସବରେ ଓଇସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଡ. ଅରବିନ୍ଦ ବେହେରା, ଓଇଏସ୍ ସଭାପତି ପ୍ରଫେସର ଏସ୍ ଏନ୍ ପାତ୍ର, ସିଓ୍ୱାଇଏସ୍ଙ୍କର ସଦସ୍ୟ ସଚିବ ଜଗଦାନନ୍ଦ ଓ ଓବିଏସ୍ ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଡ. ଦେବବ୍ରତ ପଣ୍ଡା କୋରାପୁଟର ପାରମ୍ପରିକ ଚାଉଳ, ବାଜରା, ନାଇଜର ଓ ଜଙ୍ଗଲୀ ଉଦ୍ଭିଦଗୁଡ଼ିକର ଚରିତ୍ରକରଣ ରେ ନିୟୋଜିତ ଅଛନ୍ତି। କୋରାପୁଟର ବିଭିନ୍ନ ଆଦିବାସୀ ଅଂଚଳରୁ ଦେଶୀ ଚାଉଳ, ୩୦ଟି ସ୍ଥାନୀୟ ଫିଙ୍ଗର ମିଲେଟ୍, ନାଇଜରର ୩୦ଟି ସ୍ଥାନୀୟ ଓ ୦୮ଟି ବିଭିନ୍ନ ଜଙ୍ଗଲୀ ଖାଦ୍ୟ ଯାମ ଆଦି ୧୩୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଜେନେଟିକ୍ ସମ୍ବଳ ସଂଗ୍ରହ କରିବା ସହ ଆଦିବାସୀଙ୍କ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ସଂରକ୍ଷଣ ଓ ବାଣିଜ୍ୟୀକରଣ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ସୁଶ୍ରୀ ପ୍ରିୟାଞ୍ଜୋଲି ରାୟ ଏକ ଶୀର୍ଷକ ଉପରେ ପେପର ଉପସ୍ଥାପନ କରିଥିଲେ । ସେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ଡିନ୍ ପ୍ରଫେସର ଶରତ କୁମାର ପଳିତାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଛନ୍ତି। ସ୍ୱର୍ଗତ ରାଷ୍ଟ୍ରଦୂତ ଅବସାର ବେଉରିଆଙ୍କ ସମ୍ମାନରେ ପ୍ରଥମ ଅବସର ବେଉରିଆ ସ୍ମାରକୀ ପ୍ରକୃତି ସଂରକ୍ଷଣ ପୁରସ୍କାର ଏବଂ ବିଶିଷ୍ଟ ବୈଜ୍ଞାନିକ ତଥା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସର ପୂର୍ବତନ ନିର୍ଦ୍ଦେଶକ ସ୍ୱର୍ଗତ ପଦ୍ମଶ୍ରୀ ଡ. ଅଜୟ ପରିଡ଼ାଙ୍କ ସମ୍ମାନରେ ପ୍ରତିବର୍ଷ ପଦ୍ମଶ୍ରୀ ଡ. ଅଜୟ ଯୁବ ବୈଜ୍ଞାନିକ ପୁରସ୍କାର ପ୍ରଦାନ କରାଯାଏ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ପୁରସ୍କାର ପାଇଁ ଡ. ପଣ୍ଡା ଓ ଗବେଷିକା ପ୍ରିୟାଞ୍ଜୋଲି ରାୟଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ଥାନୀୟ ଜୈବ ବିବିଧତା (ଉଦ୍ଭିଦ ଓ ଜୀବଜନ୍ତୁ) ଏବଂ ଆଦିବାସୀଙ୍କ ଜୀବିକା ଓ ସ୍ଥାନୀୟ ଅର୍ଥନୀତିକୁ ବଢ଼ାଇବା ପାଇଁ ଫସଲ ଉପରେ ଅଧିକ କାର୍ଯ୍ୟ କରିବାକୁ ସେମାନଙ୍କୁ ଉତ୍ସାହିତ କରିଥିଲେ। ଜୈବ ବିବିଧତା ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପଳିତା ମଧ୍ୟ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି ।

# ଫୁଲବାଣୀକୁ ରେଳ ସଂଯୋଗ ନେଇ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱରରେ ଜାନୁଆରୀ ୩୦ରେ ଆନ୍ଦୋଳନ

କନ୍ଧମାଳ , ୨୭/୧୨ (ନି.ପ୍ର): ଗୋପାଳପୁର ସମ୍ବଲପୁର ଭାୟା ଫୁଲବାଣୀ ରେଳ ପଥକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଟୋକନ୍ ରାଶି ପ୍ରଦାନ ହେବା ପରେ ରାଜ୍ୟ ସରକାରଙ୍କ ଅଧିନରେ ଥିବା ସର୍ଭେ ସଂସ୍ଥା ଓରିଡିଲ୍ କନ୍ଧମାଳ ପ୍ରତି ବୈମାତୃକ ମନୋଭାବ ରଖି ଏହି ରେଳପଥରୁ ଫୁଲବାଣୀକୁ ବାଦ୍ ପକାଇ ଡିପିଆର୍ ପ୍ରସ୍ତୁତ କରିଛି । ଏହାକୁ ନେଇ ସମ୍ପୂର୍ଣ୍ଣ କନ୍ଧମାଳ ଜିଲ୍ଲାରେ ଆକ୍ରୋଶର ମନୋଭାବ ଦେଖାଯାଉଥିବା ବେଳେ ବହୁବାର ଦାବିପତ୍ର ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ ରହିବା ଯୋଗୁଁ ନଭେମ୍ବର ୧୦ ତାରିଖ ଦିନ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ କନ୍ଧମାଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିଲା ଯାହାକି କନ୍ଧମାଳ ବାସି ବନ୍ଦକୁ ଅଭୂତପୂର୍ବ ଭାବେ ସଫଳ କରାଇଥିଲେ । ଆଜିକୁ ବନ୍ଦ ଡାକରାର ଦେଢ଼ମାସ ବିତି ସାରିଥିଲେ ସୁଦ୍ଧା ରାଜ୍ୟ ସରକାର କିମ୍ବା ତାଙ୍କ ଅଧିନରେ ଥିବା ସର୍ଭେ ସଂସ୍ଥା ଓରିଡିଲ୍ କୌଣସି ସ୍ପଷ୍ଟୀକରଣ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

ରାଜ୍ୟ ସରକାର ଜମି ଯୋଗାଇ ନଦେଲେ କେନ୍ଦ୍ର ପକ୍ଷରୁ କୋଣସି ପ୍ରକଳ୍ପ ଆଗେଇ ନପାରିବାର ନିୟମ ଥିବାବେଳେ କନ୍ଧମାଳିଆଙ୍କ ଦୀର୍ଘ ୩୦ ବର୍ଷର ସ୍ୱପ୍ନ ନିଜ ମାଟିରେ ରେଳ ଦେଖିବା ଆଜି ବାସ୍ତବରେ ପରିଣତ ହୋଇ ପାରୁନାହିଁ ବୋଲି ଫୁଲବାଣୀ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି କନ୍ଧମାଳ ବିକାଶ ପରିଷଦର ଆବାହକ ତଥା ଯୁବନେତା ଗୋଲକ ବିହାରୀ କହଁର ବିକ୍ଷୋଭ ପ୍ରକାଶ କରିଛନ୍ତି । କନ୍ଧମାଳ ଜିଲ୍ଲା ଏକ ବଣ ଜଙ୍ଗଲ ଘେରା ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାବେଳେ ଏଠାକୁ ରେଳ ସଂଯୋଗ ହୋଇପାରିଲେ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବାଣିଜ୍ୟ ବ୍ୟବସାୟ, ଯାତାୟାତ, ତଥା ଜିଲ୍ଲାରେ ଥିବା ଅନେକ ଗୁଡ଼ିଏ ପର୍ଯ୍ୟଟନ ସ୍ଥଳୀର ବିକାଶ ହୋଇପାରିବ କିନ୍ତୁ ରାଜ୍ୟ ସରକାର ଜାଣି ଜାଣି ଏହାକୁ କରାଇ ଦେଉନଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । କନ୍ଧମାଳ ପ୍ରତି ସରକାରଙ୍କ ଏହି ବୈମାତୃକ ମନୋଭାବ ବିରୋଧରେ ଆସନ୍ତା ଜାନୁୟାରୀ ୩୦ ତାରିଖ ସୋମବାର ଦିନ କନ୍ଧମାଳର ୧୦,୦୦୦ ରୁ ଉର୍ଦ୍ଧ ମହିଳା, ପୁରୁଷ, ଯୁବକ, ଯୁବତୀ, ବୃଦ୍ଧ ବୃଦ୍ଧା ତଥା ଚାଷୀ, ମୂଲିଆ, ଚାକିରିଆ ସମସ୍ତଙ୍କୁ ନେଇ କନ୍ଧମାଳ ବିକାଶ ପରିଷଦ ପକ୍ଷରୁ ଭୁବନେଶ୍ୱର ଠାରେ ବିକ୍ଷୋଭ ପ୍ରଦର୍ଶନ ତଥା ଆନ୍ଦୋଳନ ହେବ । କନ୍ଧମାଳର ଜିଲ୍ଲା ସଦରମହକୁମାକୁ ରେଳ ସଂଯୋଗ ନହେବା ପର୍ଯ୍ୟନ୍ତ ଏ ଲଢେଇ ଜାରି ରହିବ ବୋଲି ସାମ୍ବାଦିକ ସମ୍ମିଳନୀରେ କହଁର କହିଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ସାହୁ ରଘୁପତି କହଁର, ଶିବାଶିଷ ପଣ୍ଡା ଗୌତମ ମଲିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଜାନୁଆରୀ ୪ରୁ ସବଡ଼ିଭିଜନ ସ୍ତରରୁ ଆରମ୍ଭ ହେବ ଲୋକ ମହୋତ୍ସବ

ସମ୍ବଲପୁର, ୨୭/୧୨ (ନି.ପ୍ର): ଆସନ୍ତା ଜାନୁଆରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଲୋକ ମହୋତ୍ସବ ଆୟୋଜିତ ହେବ। ଏଥିପାଇଁ ଆୟୋଜକ କମିଟିର ମୁଖ୍ୟ ସଂଯୋଜକ ଭୋଳାଶଙ୍କର ମହନ୍ତମ ଓ ସହ-ସଂଯୋଜକ ଅନୁପ ତରିଆଙ୍କ ସହ ସମସ୍ତ ଉପକମିଟିର ଆବାହକ ମାନେ ସେମାନଙ୍କ ପ୍ରସ୍ତୁତିକୁ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚାଇ ସାରିଛନ୍ତି। କିଛି ବର୍ଷର ବ୍ୟବଧାନ ପରେ ପୁଣିଥରେ ସବଡ଼ିଭିଜନ ସ୍ତରକୁ ଫେରିଛି ଲୋକମହୋତ୍ସବ। ଆସନ୍ତା ୨୭ରେ କୁଚିଣ୍ଡା ରେ କୁଚିଣ୍ଡା, ଜମନକିରା ଓ ବାମରା ବ୍ଲକ ପାଇଁ, ୨୮ରେ ରେଢ଼ାଖୋଲରେ ରେଢ଼ାଖୋଲ, ନାକଟିଦେଉଳ ଓ ଯୁଯୋମୁରା ବ୍ଲକ ପାଇଁ ଏବଂ ୨୯ରେ ମାନେଶ୍ୱରରେ ରେଙ୍ଗାଲି, ଧନକଉଡ଼ା ଓ ମାନେଶ୍ୱର ବ୍ଲକ ପାଇଁ ଆଲୋଚନାଚକ୍ର ଓ ଉତ୍ସବ ଆୟୋଜିତ ହେବ। ଏହିଠାରୁ ଚୟନ ହୋଇଥିବା ଶ୍ରେଷ୍ଠ ନୃତ୍ୟ ଦଳ ଗୁଡିକ ସମ୍ବଲପୁର ଲୋକ ମହୋତ୍ସବରେ ନିଜ କଳା ପ୍ରଦର୍ଶନ କରିବେ। ସମସ୍ତ ତିନୋଟି ଉପଖଣ୍ଡ - କୁଚିଣ୍ଡା, ରେଢ଼ାଖୋଲ ଓ ସଦରରେ ଉପସ୍ଥିତ ରହି କଳାକାରମାନଙ୍କୁ ଉତ୍ସାହିତ କରିବାପାଇଁ ସ୍ଥାନୀୟ ଜନସାଧାରଣ ଓ ଗଣମାଧ୍ୟମକୁ ଲୋକ ମହୋତ୍ସବ ମୁଖ୍ୟ ସଂଯୋଜକ ଶ୍ରୀ ମହନ୍ତମ ନିବେଦନ କରିଛନ୍ତି।

# ଶାଶୁ ହତ୍ୟା ଘଟଣା : ୨୮ ବର୍ଷ ପରେ ଅଭିଯୁକ୍ତକୁ ବ୍ରହ୍ମପୁରରୁ ଧରିଲା ଚେନ୍ନାଇ ପୋଲିସ, କୋର୍ଟରେ ହାଜର କଲା

ଗଞ୍ଜାମ, ୨୭/୧୨ (ନି.ପ୍ର): ହତ୍ୟା ମାମଲାରେ ଜଡ଼ିତ ଥାଇ ଫେରାର୍ ଥିବା ଜଣେ ଅଭିଯୁକ୍ତକୁ ୨୮ ବର୍ଷ ପରେ ବ୍ରହ୍ମପୁରରୁ ଗିରଫ କରିବାରେ ସଫଳ ହୋଇଛି ଚେନ୍ନାଇ ପୋଲିସ । ଅଭିଯୁକ୍ତ ଜଣକ ହେଲା ବ୍ରହ୍ମପୁର ଅଂଚଳର ହରିହର ପାଟଯୋଶୀ (୨୩)। ପାରିବାରିକ କଳହକୁ କେନ୍ଦ୍ର କରି ଅଭିଯୁକ୍ତ ହରିହର ଚେନ୍ନାଇରେ ତାଙ୍କ ଶାଶୁ ରମା (୪୮)ଙ୍କୁ ୧୯୯୫ ମସିହା ଅଗଷ୍ଟ ୯ ତାରିଖରେ ହତ୍ୟା କରିବା ସହ ପତ୍ନୀ ଇନ୍ଦିରା (୨୧) ଓ ଶଳା କାର୍ତ୍ତିକ (୨୪)ଙ୍କୁ ଆକ୍ରମଣ କରିଥିବା ନେଇ ଅଭିଯୋଗ ରହିଥିଲା । ଏନେଇ ଚେନ୍ନାଇର ଅଡମ୍ବକ୍କମ ଥାନାରେ ଏକ ହତ୍ୟା ମାମଲା ରୁଜ୍ଜୁ ହୋଇଥିଲା । ପୋଲିସ ପକ୍ଷରୁ ଏନେଇ ତଦନ୍ତ ଚାଲିଥିଲା । ହେଲେ ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ହରିହର ଫେରାର୍ ହୋଇ ଯାଇଥିଲା।

୧୯୯୪ ମସିହାରେ ହରିହର ଚେନ୍ନାଇର ଏକ ବିଜ୍ଞାପନ କମ୍ପାନୀରେ ପ୍ରିଂଟିଙ୍ଗ ପ୍ରେସ୍‌ରେ କାମ କରୁଥିଲା। ସେହି ସମୟରେ ଇନ୍ଦିରାଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା । ଉଭୟେ ୧୯୯୪ ମସିହା ଜୁଲାଇ ୧୪ ତାରିଖରେ ପ୍ରେମ ବିବାହ କରିଥିଲେ । ହେଲେ ବିବାହର କିଛି ମାସ ପରେ ପାରିବାରିକ କଳହ କାରଣରୁ ଉଭୟ ପରସ୍ପର ଠାରୁ ଅଲଗା ରହିବା ସହ ସ୍ଥାନୀୟ ଫ୍ୟାମିଲି କୋର୍ଟରେ ବିବାହ ବିଚ୍ଛେଦ ନେଇ ମାମଲା ମଧ୍ୟ ରୁଜ୍ଜୁ ହୋଇଥିଲା । ମାମଲା କୋର୍ଟରେ ବିଚାରାଧିନ ରହିଥିବା ବେଳେ ଶାଶୁଙ୍କୁ ହତ୍ୟା କରି ଫେରାର୍ ହୋଇଯାଇଥିଲା ଅଭିଯୁକ୍ତ ହରିହର। ପରେ ଅଭିଯୁକ୍ତ କିଛି ଦିନ ସୁରତରେ କାମ କରିବା ପରେ ୨୦୦୧ ଆସିକାରେ ଦ୍ୱିତୀୟ ବିବାହ କରିଥିଲା । ତାଙ୍କର ଏକ ଝିଅ ମଧ୍ୟ ରହିଛି । ଦ୍ୱିତୀୟ ବିବାହ କରିବା ପରେ ହରିହର ବ୍ରହ୍ମପୁର ଓ କେନ୍ଦ୍ରାପଡ଼ାରେ କାମ କରୁଥିଲା । ପୋଲିସର ଗିରଫଦାରୀରୁ ବର୍ତ୍ତିବା ପାଇଁ ଅଭିଯୁକ୍ତ ବିଭିନ୍ନ ସମୟରେ ଘର ବଦଳାଇ ଓ ଠିକଣା ବଦଳାଇ ରହି ଆସୁଥିଲା । ଏବେ ସେ ବ୍ରହ୍ମପୁରରେ ଏକ ଶାଢି ଦୋକାନ କରିଥିଲା । ଏହା ପୂର୍ବରୁ ଚେନ୍ନାଇ ପୋଲିସ ବହୁ ଥର ତାକୁ ଧରିବା ପାଇଁ ଚଢ଼ଉ କରିଥିଲେ ସୁଦ୍ଧା ବିଫଳ ହୋଇଥିଲା । ସପ୍ତାହେ ପୂର୍ବେ ଚେନ୍ନାଇର ଅଡମ୍ବକ୍କମ ଥାନାରୁ ଏକ ପୋଲିସ ଟିମ୍ ବ୍ରହ୍ମପୁର ଏସପି ଡଃ. ସର୍ବଣା ବିବେକ ଏମ.ଙ୍କୁ ସାକ୍ଷାତ୍ କରିବା ପରେ ହରିହରକୁ ଧରିବା ନିମନ୍ତେ ଯୋଜନା ପ୍ରସ୍ତୁତ ହୋଇଥିଲା । ଗୋଷାଣିନୂଆଗାଁ ଥାନା ଅଧିକାରୀ (ଆଇଆଇସି)ଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ହରିହର ରହୁଥିବା ଗୋଷାଣି ନୂଆଗାଁର ଏକ ଭଡ଼ା ଘରେ ପୋଲିସ ଚଢ଼ଉ କରିବା ବେଳେ ସେ ସେଠାରୁ ଖସି ଯାଇଥିଲା । ପରେ ତାମିଲନାଡୁ ପୋଲିସ ଓ ଗୋଷାଣିନୂଆଗାଁ ପୋଲିସର ମିଳିତ ଉଦ୍ୟମ କ୍ରମେ ଗତକାଲି ବ୍ରହ୍ମପୁର ରେଳ ଷ୍ଟେସନ ନିକଟରୁ ପୋଲିସ ତାକୁ ଗିରଫ କରିବାରେ ସଫଳ ହୋଇଛି । ଆଜି ଅଭିଯୁକ୍ତକୁ ଏସଡିଜେଏମ କୋର୍ଟରେ ହାଜର କରାଯାଇଛି । ଏହା ପରେ ହତ୍ୟାକାଣ୍ଡ ବାବଦରେ ଅଧିକ ପଚରା ଉଚୁରା ପାଇଁ ତାକୁ ରିମାଣ୍ଡରେ ନେବ ପୋଲିସ ।

# ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୋଗ ପ୍ରାଣାୟମ କାର୍ଯ୍ୟକ୍ରମ

ଧର୍ମଶାଳା, ୨୭/୧୨ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଉଚ୍ଚ ମାଧ୍ୟମିକ ଉଚ୍ଚ ବିଦ୍ୟାଳୟ ପରିସରରେ ଯୋଗ ପ୍ରାଣାୟମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପାତଞ୍ଜଳୀ ଯୋଗ ପ୍ରଶିକ୍ଷକ ପ୍ରମୋଦ କୁମାର ଦାସ ଯୋଗଦେଇ ଶତାଧିକ ଛାତ୍ରଛାତ୍ରୀ ଓ ମହାବିଦ୍ୟାଳୟର ସମସ୍ତ ଶିକ୍ଷାକର୍ମଚାରୀଙ୍କୁ ଯୋଗର ମହତ୍ୱ ସମ୍ପର୍କରେ ଅବଗତ କରାଇବା ସହିତ ନିୟମିତ ଯୋଗ ଅଭ୍ୟାସ କଲେ ସଫଳତା ପାଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ । ପ୍ରାକ୍ତନ ସରପଂଚ ବିପିନ ବିହାରୀ ଦେଓ, ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁଦର୍ଶନ ପୃଷ୍ଟି ଓ ନୋଡାଲ ଅଫିସର ପ୍ରାଧାପକ ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମରେ ସାମିଲ ହୋଇ ନିୟମିତ ଯୋଗ କରିବା ଦ୍ୱାରା ସୁସ୍ଥ ଜୀବନ ଯାପନ ଅତିବାହିତ କରିପାରିବେ ସେ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ସାମାଜିକ କାର୍ଯ୍ୟକ୍ରମ ବିଭାଗର ମୁଖ୍ୟ ନିର୍ବାହୀ ଅଧିକାରୀ ଅଧାପକ ଦିଲ୍ଲୀପ କୁମାର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଅଧାପକ ସୁକାନ୍ତ କୁମାର ସାହୁ, ଅଧାପକ ପ୍ରତାପ ନାୟକ, ଅଧାପିକା ବନଲତା ଲେଙ୍କା, ସତ୍ୟାନନ୍ଦ ରାଉତ, ବିଷ୍ଣୁ ମହାନ୍ତି, ଶ୍ରୀଧର ସାହୁ ଓ ଆଲୋକ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଜୟପୁର, ୨୭/୧୨ (ନି.ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଜିଲାପାଳଙ୍କ ଅନୁପସ୍ଥିତିରେ ମୁଖ୍ୟ ଉନ୍ନୟନ ଅଧିକାରି ତଥା ନିର୍ବାହୀ ଅଧିକାରି ଶିବାଜୀ ଇସଲଓ୍ୱାର ଯୋଗଦେଇ ୪ଟି ଗୋଷ୍ଠି ଓ ୨ଟି ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କରିଛନ୍ତି । ଏହି ଅଭିଯୋଗ ଶୁଣାଣିରେ ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି, ଜିଲା ଶିଶୁ ସୁରକ୍ଷା ଅଧିକାରି ରାଜଶ୍ରୀ ଦାସ, ଜିଲା ଯୋଗାଣ ଅଧିକାରି ପ୍ରଦୀପ କୁମାର ପଣ୍ଡା, ସହକାରୀ ଯୋଗାଣ ଅଧିକାରି ସୁଶିଳ କୁମାର ଜେନା, ଜିଲା ଶ୍ରମ ଅଧିକାରି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ଜୟପୁର ବ୍ଲକ ଉମୁରୀ ପଂଚାୟତର ଓ୍ୱାର୍ଡ ନମ୍ବର ୧୦ ର ହାତୀବାରିଗୁଡା ଗ୍ରାମ ନିବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ଦାବି ପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବି ପତ୍ର ରେ ଉଲ୍ଲେଖ କରାଯାଇଛି ଯେ, ଦୀର୍ଘ ଶହେ ବର୍ଷରୁ ଉର୍ଦ୍ଧ୍ୱ ହେବ ରାଜା ରାଜୁଡାଙ୍କ ସମୟ ଠାରୁ ଏହି ଅଂଚଳରେ ରହୁଛନ୍ତି । ଏହି ଗ୍ରାମଟି ଫରେଷ୍ଟ ଲ୍ୟାଣ୍ଡ ଉପରେ ଅବସ୍ଥିତ । ହାତିବାରିଗୁଡା ଗ୍ରାମ ଉମୁରୀ ଓ ଜୟପୁର ବ୍ଲକର ଗୋଟିଏ ଛୋଟ ଗ୍ରାମ । ଅନ୍ୟାନ୍ୟ ଗ୍ରାମ ମାନଙ୍କ ପରି ଉକ୍ତ ଗ୍ରାମକୁ ମଧ୍ୟ ପଂଚାୟତ ସ୍ତରୀୟ ସରକାରଙ୍କ ଅନେକ ସୁବିଧା ସୁଯୋଗ ପାଉଛୁ । କିନ୍ତୁ, ବିକାଶମୂଳକ କାର୍ଯ୍ୟ ହୋଇପାରୁନାହିଁ । ଫରେଷ୍ଟ ଲ୍ୟାଣ୍ଡ ରେ ଘର ଥିବାରୁ ପଟ୍ଟା ଦିଆଯାଉ ନାହିଁ, ପଟ୍ଟା ନଥିବାରୁ ମୁଖ୍ୟମନ୍ତ୍ରୀ ଆବାସ ଯୋଜନାରେ ଋଣ ମିଳୁ ନାହିଁ । ତେଣୁ ପ୍ରଶାସନ ବନ ବିଭାଗର ଏହି ଜମିକୁ କିସମ ପରିବର୍ତ୍ତନ କରି ଗ୍ରାମ ବସତି ଭାବେ ଘୋଷଣା କରିବାକୁ ଦାବି କରାଯାଇଛି ।

# ସିପିଆଇର ୯୮ତମ ବାର୍ଷିକୀ ପାଳନ

ଜୟପୁର, ୨୭/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲା ପରିଷଦ ପକ୍ଷରୁ ୯୮ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସଭାର ଆୟୋଜନ ହୋଇଯାଇଛି। ପ୍ରାରମ୍ଭରେ ସିପିଆଇ ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ପାର୍ଟି ପତାକା ଉତୋଳନ କରିଥିଲେ। ଏହାପରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସଭାକୁ ସମ୍ବୋଧିତ କରି ଶ୍ରମିକ ନେତା ପ୍ରମୋଦ କୁମାର ମହାନ୍ତି କହିଥିଲେ ଯେ, ମହାନ୍ ସମାଜ ବିଜ୍ଞାନୀ କାର୍ଲ ମାର୍କସ ଓ ଏଙ୍ଗେଲ୍ସ ଙ୍କ ମହାନ୍ କୃତି କମ୍ୟୁନିଷ୍ଟ ମେନିଫେଷ୍ଟୋ ଏବଂ ମହାନ୍ ଲେନିନ୍ ଙ୍କ ପ୍ରେରଣାରେ ଉଦବୁଦ୍ଧ ହୋଇ ଭାରତରେ ୧୯୨୫ ମସିହା ଡିସେମ୍ବର - ୨୬ ରେ କାନପୁର ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠା ହୋଇଥିଲା । ସ୍ୱାଧୀନତା ସଂଗ୍ରାମର ଅଗ୍ନି ଗର୍ଭରୁ ଜାତ ସିପିଆଇ ଶ୍ରମିକ କୃଷକ ଓ ଦଳିତ ନିଷ୍ପେସିତ ଜନଗଣଙ୍କ ହକ୍ ଓ ଅଧିକାର ପାଇଁ ଲଢି ଆସୁଛି । ପାଲେଷ୍ଟାଇନୀୟ ମାନଙ୍କ ସ୍ୱତନ୍ତ୍ର ଅଧିକାର ପାଇଁ ଲଢିବା ସ୍ୱର ଉତ୍ତୋଳନ କରିବା ସହ ମଣିପୁର ଜାତିଗତ ସାମ୍ପ୍ରଦାୟିକ ହିଂସା ରୋକିବା ପାଇଁ ମଧ୍ୟ ରାଜରାସ୍ତାକୁ ଓହ୍ଲାଇଛି । ଭାରତ ବର୍ଷର ଚାଷୀ ମାନଙ୍କ ଉପରେ ଆସାଥିବା ତିନୋଟି କଳା କୃଷି ଆଇନ୍ ବିରୁଦ୍ଧରେ ଲଢିବା ସହ ବେକାର ସମସ୍ୟାର ସମାଧାନ ପାଇଁ ମଧ୍ୟ ଲଢୁଛି । ପ୍ରତ୍ୟେକ ଆନ୍ତର୍ଜାତିକ, ଜାତୀୟ, ରାଜ୍ୟ ଓ ଜିଲ୍ଲାର ସମସ୍ୟା ନେଇ କମ୍ୟୁନିଷ୍ଟ ପାର୍ଟି ଆନ୍ଦୋଳନ କରି ଆସୁଛି । କମ୍ୟୁନିଷ୍ଟ ପାର୍ଟି ର ପ୍ରତିଷ୍ଠା ଦିବସ ପାଳନ କରିବା ସହ ଓଡ଼ିଶାର ମହାନ୍ ଜନନେତା ଶ୍ରୀ ପ୍ରସନ୍ନ ପଣ୍ଡା ଙ୍କ ସ୍ମୃତି ଚାରଣ କରାଯାଇଥିଲା । କମ୍ୟୁନିଷ୍ଟ ପାର୍ଟି ର ନୂତନ ଶାଖା ଗଠିନ ସହ ଆସନ୍ତା ୨୦୨୪ ଜାନୁୟାରୀ ୫, ୬ ଓ ୭ ତିନି ଦିନ ଧରି କଳାହାଣ୍ଡି ଠାରେ ହେବାକୁ ଥିବା ପାର୍ଟି ର ରାଜ୍ୟ ପରିଷଦ ସମ୍ମିଳନୀ ପ୍ରତିନିଧି ମାନେ ଯୋଗ ଦେବେ । ସ୍ଥାନୀୟ ସମସ୍ୟା ନେଇ ଲଗାତାର ଆନ୍ଦୋଳନ କରିବାକୁ ବକ୍ତା ମାନେ ମତ ରଖିଥିଲେ । ଆଜିର ସଭାରେ ସର୍ବଶ୍ରୀ ରାମକୃଷ୍ଣ ଦାସ, ନିତ୍ୟାନନ୍ଦ ପାତ୍ର, ବସନ୍ତ ବେହେରା, ନନ୍ଦ ହରିଜନ ପ୍ରମୁଖ ମତ ରଖିଥିଲେ ।

# ଉଦ୍‌ଘାଟନ ଅପେକ୍ଷାରେ ମାଲକାନଗିରି ବିମାନ ବନ୍ଦର

ମାଲକାନଗିରି, ୨୭/୧୨ (ନି.ପ୍ର): ଆସନ୍ତାମାସ ଜାନୁଆରୀରେ ମାଲକାନଗିରି ବିମାନବନ୍ଦରର ଉଦଘାଟନ କରିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହି ଉଲ୍ଲେଖନୀୟ ଭିତିଭୂମି ପ୍ରକଳ୍ପ ଏହି ଅଂଚଳରେ ପରିବର୍ତନ ଆଣିବ, ଅର୍ଥନୈତିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ଏବଂ ଓଡ଼ିଶାର ଦୁର୍ଗମ ଜିଲ୍ଲାକୁ ଦେଶର ଅନ୍ୟାନ୍ୟ ଅଂଚଳ ସହ ଯୋଡ଼ିବ। ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନୀଲ କ୍ରିଷ୍ଣା ନିଜ ଅଫିସିଆଲ୍ ଟ୍ୱିଟର ହ୍ୟାଣ୍ଡେଲରେ ଆଗାମୀ ଉଦଘାଟନକୁ ନେଇ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଏହା ଏକ ଦୀର୍ଘ ଦିନର ସ୍ୱପ୍ନକୁ ପୂରଣ କରୁଛି ଏବଂ ଓଡ଼ିଶାର ସବୁଠାରୁ ଦୂରବର୍ତୀ ଜିଲ୍ଲା ଖୁବ୍ ଶୀଘ୍ର ନିର୍ଦ୍ଧାରିତ ବିମାନ ଯୋଗେ ଯୋଡ଼ି ହେବ। ୯୪.୫ ହେକ୍ଟର ଜମିରେ ପରିବ୍ୟାପ୍ତ ମାଲକାନଗିରି ବିମାନବନ୍ଦର। ଯାହା ଯୋଗାଯୋଗ ବୃଦ୍ଧି ଏବଂ ଏହି ଅଂଚଳର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ଦିଷ୍ଟ। ପାଖାପାଖି ୩୩ କୋଟି ଟଙ୍କା ବିନିଯୋଗରେ ତିଆରି ହୋଇଥିବା ଏହି ବିମାନବନ୍ଦର ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ କେନ୍ଦ୍ରରେ ପରିଣତ ହେବାକୁ ଯାଉଛି। ମାଲକାନଗିରି ବିମାନ ବନ୍ଦର ରନୱେ ର ଲମ୍ବ ୧୬ ଶହ୨୦ ମିଟର ହୋଇଥିବା ବେଳେ ଏହାର ଓସାର ୩୦ ମିଟର ଥିବା ଜଣାପଡିଛି । ଅବଶ୍ୟକ ସ୍ଥଳେ ଏହାକୁ ୩ ହଜାର ମିଟର ବା ୩ କିଲୋମିଟର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇ ପାରିବ। ମାଲକାନଗିରି ବିମାନ ବନ୍ଦର ରାଜ୍ୟର କୋଣ ଅନୁକୋଣରେ ପ୍ରଗତି ଓ ସମୃଦ୍ଧି ଆଣିବା ପାଇଁ ଓଡ଼ିଶା ସରକାରଙ୍କ ଅତୁଟ ପ୍ରତିବଦ୍ଧତାର ପ୍ରମାଣ ପାଲଟିଛି। ସହରାଚଂଳ ଓ ଗ୍ରାମାଚଂଳ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା, ବିକାଶର ସୁଫଳ ଯେପରି ସବୁ ନାଗରିକଙ୍କ ପାଖରେ ପହଂଚିପାରିବ, ତାହାକୁ ସୁନିଶ୍ଚିତ କରିବା ପାଇଁ ଏହା ରାଜ୍ୟ ସରକାରଙ୍କ ସଂକଳ୍ପର ପ୍ରତୀକ।

## ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପର ଲୋକାପର୍ଣ ପାଇଁ ଆମନ୍ତ୍ରଣ

ସମ୍ବଲପୁର , ୨୭/୧୨ (ନି.ପ୍ର): ପୁରୀ ଶ୍ରୀମନ୍ଦିର ପରିକଳ୍ପନା ପ୍ରକଳ୍ପର ଲୋକାପର୍ଣ ପାଇଁ ଦେଶ ବାହାର, ଦେଶ ଭିତରେ ଓ ରାଜ୍ୟ ଭିତରେ ବିଭିନ୍ନ ପ୍ରମୁଖ ଧର୍ମସ୍ଥଳୀର ମୁଖ୍ୟ ମାନଙ୍କୁ ଯୋଗ ଦେବା ନିମନ୍ତେ ଆମନ୍ତ୍ରଣ କରାଯାଉଛି । ଏହି ପରିପ୍ରେକ୍ଷୀରେ ପୁରୀରୁ ଆସିଥିବା ୩ ଜଣ ସେବାୟତ ଓ ଜଣେ ସରକାରୀ ଅଧିକାରୀ ଏକ ସ୍ୱତନ୍ତ୍ର ଗାଡି ଯୋଗେ ଏଠାରେ ପହଞ୍ଚିବା ପରେ ଆଜି ସନ୍ଧ୍ୟା ୭ ଟା ସମୟରେ ସର୍କିଟ ହାଉସ ଠାରେ ଭବ୍ୟ ସ୍ୱାଗତ କରାଯାଇଛି । ଆଜିର ରାତ୍ରୀ ରହଣି ପରେ ଆସନ୍ତା କାଲି ପୂର୍ବାହ୍ନ ୧୦ଘଟିକାରେ ମା ସମଲେଇଙ୍କୁ ନିମନ୍ତ୍ରଣ ପତ୍ର ବଣ୍ଟନ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ତେଣୁ ସମସ୍ତଙ୍କୁ ଅନୁରୋଧ ସ୍ୱାଗତ ଏବଂ ନିମନ୍ତ୍ରଣ ପତ୍ର କାର୍ଯ୍ୟକ୍ରମ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ

ସମ୍ବଲପୁର, ୨୭/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସମ୍ବଲପୁର ଜିଲ୍ଲାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ସ୍ଥାନୀୟ ମନ୍ଦଲିଆ ପଡିଆ ଠାରେ ଆୟୋଜିତ ହେଉଅଛି। ଆଜିର ଏହି ମହୋତ୍ସବକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ କମିଶନର ଡ. ସୁରେଶ ଚନ୍ଦ୍ର ଦଳେଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ, ରାଜ୍ୟ ଦଳୀୟ ଉପଦେଷ୍ଟା ସଞ୍ଜୟ ବାବୁ, ପଶ୍ଚିମ ଓଡିଶା କୃଷକ ସଂଗଠନ ଆବାହକ ଅଶୋକ ପ୍ରଧାନ, ସମ୍ବଲପୁର ଜିଲ୍ଲା କୃଷକ ସଂଗଠନ ସଭାପତି ଉମେଶଚନ୍ଦ୍ର ମିଶ୍ର, ଅଧୀକ୍ଷକ ଯନ୍ତ୍ରୀ କୃଷି ଶ୍ରୀ ପୃଥ୍ୱୀରାଜ ମହାନ୍ତି ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଞ୍ଚାସୀନ ଥିଲେ। ଏହି ଅବସରରେ ଆର.ଡି.ସି ସୁରେଶ ଚନ୍ଦ୍ର ଦଳେଇ ନିଜ ବ୍ୟକ୍ତବ୍ୟରେ ଆମର ବିକାଶ ପାଇଁ କୃଷକଙ୍କ ବିକାଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । କୃଷକମାନଙ୍କୁ ସମ୍ବୋଧିତ କରି କହିଛନ୍ତି ଯେ ଏହି ମେଳାର ମୂଳ ଉଦ୍ଦେଶ୍ୟ ହେଉଛି ସରକାରୀ ଯୋଜନାକୁ ଜାଣିବା ଏବଂ ଲାଭ ଉଠାଇବା ତଥା ଏହାକୁ ଯନ୍ତ୍ରପାତି ବ୍ୟବହାର ଦ୍ୱାରା ଅଳ୍ପ ସମୟ ମଧ୍ୟରେ ବହୁ ଉତ୍ପାଦନ କରିବା । ବିଧାୟକ ଶ୍ରୀ ପୂଜାରୀ ନିଜ ବ୍ୟକ୍ତବ୍ୟରେ ଚାଉଳ ଉତ୍ପାଦନରେ ସମ୍ବଲପୁରର ଶ୍ରେୟକୁ ''ଓଡ଼ିଶାର ଭାତହାଣ୍ଡି'' ଆଖ୍ୟାକୁ ଦୋହରାଇ ଥିଲେ । ଆଧୁନିକ ବୈଜ୍ଞାନିକ ଶୈଳୀରେ ବ୍ୟବହାର ଯନ୍ତ୍ରପାତି କୃଷକମାନଙ୍କୁ ଉନ୍ନତ ଉତ୍ପାଦନ ପାଇଁ ସାହାଯ୍ୟ କରିପାରିବ ବୋଲି କହି ସମ୍ବଲପୁରରେ ଚାଉଳର ଏକ କେନ୍ଦ୍ରୀୟ ଚାଉଳ ପ୍ରତିଷ୍ଠାନ ପ୍ରତିଷ୍ଠା ପାଇଁ ସେ ଉପସ୍ଥିତ ଅଧିକାରୀମାନଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ । ବିହନ ବୁଣିବା, ରୋଇବା ଠୁ ନେଇକି ଅମଳ କରିବା ଓ ସାଇତି ରଖିବା ପାଇଁ ଯାହା ଯନ୍ତ୍ରପାତି ଦରକାର ସେଗୁଡିକ ଏହି ମେଳାରେ ପ୍ରଦର୍ଶିତ ହୋଇଛି। ଯନ୍ତ୍ରପାତି କମ୍ପାନୀର ଲୋକମାନେ ମଧ୍ୟ ସେଠାରେ ପ୍ରଦର୍ଶନ ପାଇଁ ଅଛନ୍ତି । ସ୍ପଟ୍ ବୁକିଂର ବ୍ୟବସ୍ଥା ମଧ୍ୟ କରାଯାଇଛି। ସମୁଦାୟ ୭୦ଟି ଷ୍ଟଲ୍ ପ୍ରଦର୍ଶନ ହୋଇଛି। ଏହି ମେଳାରେ ବିଭିନ୍ନ ଉନ୍ନତମାନର କୃଷି ଯନ୍ତ୍ରପାତି ଗୁଡିକର ପ୍ରଦର୍ଶନ ଓ ରିହାତି ମୂଲ୍ୟରେ ବିକ୍ରୟ ବ୍ୟବସ୍ଥା କରାଯଇଛି. ଏହି ଅବସରରେ ଜିଲ୍ଲାର ପ୍ରତ୍ୟକ ବ୍ଲକ୍ରୁ ବିଭିନ୍ନ ବିଭାଗର ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ । ଆଜି ଧନକଉଡା ବ୍ଲକର ଚାଷୀ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । କୃଷି କ୍ଷେତ୍ରରେ ବୁର୍ଲାରୁ ବୁଦ୍ଧୁ ମୁଣ୍ଡା, କୁଡ ଗୁଣ୍ଡେରପୁରରୁ ଉଦ୍ୟାନ କୃଷି ନିଳିମା ତରିଆ, ଏସଏମସିରୁ ,ଏ.ଆ଼ି.ଡି ପାଇଁ କଳପାନା ରୋହିଦାସ, ମତ୍ସ୍ୟଚାଷ ପାଇଁ କାଳାମାଟିର ଡୋଲୋମାନି ଆମାଟ, ଡବ୍ଲୁଏସଏଚଜି ପାଇଁ ତଳାବରର ଉମା ସିବିଲ ପୁରସ୍କୃତ ହୋଇଥିଲେ। ଗୋବିନ୍ଦା ସେଠଙ୍କୁ ଶ୍ରେଷ୍ଠ କୃଷକ ସାଥି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ମେଳା ଉଭୟ କୃଷକ ଏବଂ କୃଷି ବୈଜ୍ଞାନିକଙ୍କ ପାଇଁ ଏକ ଉତ୍ତମ ସୁଯୋଗ କାରଣ ସେମାନେ ପରସ୍ପର ସହ ଯୋଗାଯୋଗ କରିବା ଏବଂ ପରସ୍ପରଠାରୁ ଶିଖିବା ପାଇଁ ଏକ ପ୍ଲାଟଫର୍ମ ପାଇବେ । ପ୍ରତ୍ୟେକ ଦିନ ଅପରାହ୍ନ ୩ ରୁ ୫ଟା ପର୍ଯ୍ୟନ୍ତ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର, ୨୭/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଜିଲ୍ଲାପାଳ ଶ୍ରୀଯୁକ୍ତ ବିମଳେନ୍ଦୁ ରାୟ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୯ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୩୨ ଗୋଟି, ସାମୂହିକ ଦରଖାସ୍ତ ୦୭ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି । ଅଭିଯୋଗ ଦରଖାସ୍ତ କୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି କ୍ଷ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିନିକା, ଶ୍ରୀ ପ୍ରମୋଦ ଚନ୍ଦ୍ର ମେହେର ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର , ଉପଜିଲ୍ଲାପାଳ ସୋନପୁର ଡ଼ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର , ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦୈତ୍ୟ ନାରାୟଣ ପାଢ଼ୀ ,ଜିଲ୍ଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ , ଅଧିକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।


# ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର, ୨୭/୧୨ (ନି.ପ୍ର): ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ଅବସରରେ ସକାଳେ ମାରାଥନ ଦୌଡ଼ ରାଜନଗର ଠାରେ ଦଶହରା ପଡ଼ିଆ ପର୍ଯ୍ୟନ୍ତ ହୋଇଥିଲା। ପରେ ସଙ୍ଗମ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳର ବରିଷ୍ଠ ନେତା ସୁବାଷ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୧୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ୨୭ତମ ବିଜୁ ଜନତା ଦଳ ପ୍ରତିଷ୍ଠା ଦିବସ ପାଳିତ ହୋଇଥିଲା। ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।

# ସଡ଼କ ସୁରକ୍ଷା ସପ୍ତାହ ପାଳନ ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ବାଲେଶ୍ୱର, ୨୭/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ପ୍ରଶାସନ ଅନ୍ତର୍ଗତ ଜିଲ୍ଲା ସଡ଼କ ସୁରକ୍ଷା କମିଟି ଆନୁକୂଲ୍ୟରେ ଆସନ୍ତା ଜାନୁଆରୀ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ପାଳନ ହେବାକୁ ଥିବା ସଡ଼କ ସୁରକ୍ଷା ସପ୍ତାହ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ମହାତ୍ମା ଗାନ୍ଧୀ ଯୋଜନା ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସପ୍ତାହ ପାଳନର ସ୍ଲୋଗାନ ରହିଛି,'ସଡ଼କ ସୁରକ୍ଷା ପରିବାର ରକ୍ଷା' । ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଶ୍ରୀ ଦୁଲାଳସେନ ଜଗଦ୍ଦେବ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ତଥା ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ବୈଠକରେ ପୋଲିସ ବିଭାଗ, ଜାତୀୟ ରାଜପଥ ବିଭାଗ, ପୂର୍ତ୍ତ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ବିଭିନ୍ନ ପୌର ପାଳିକାର ଅଧିକାରୀ ଗଣ, ବିଭିନ୍ନ ମୋଟର ଯାନ ସଙ୍ଘର କର୍ମକର୍ତ୍ତା, ଜିଲ୍ଲା ଅବକାରୀ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଅନ୍ୟ ସମ୍ପୃକ୍ତ ବିଭାଗ ଏବଂ ନିମନ୍ତ୍ରିତ ସଭ୍ୟମାନେ ଯୋଗଦେଇ ପାଳନ ହେବାକୁ ଥିବା ଏହି ସଡ଼କ ସୁରକ୍ଷା ସପ୍ତାହକୁ ଶୂନ୍ୟ ମୃତ୍ୟୁ ଭାବେ ସଫଳ ରୂପାୟନ ଦେବା ନିମନ୍ତେ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମଦ୍ୟପ ଚାଳକ, ବିନା ହେଲମେଟ ଓ ବିନା ଲାଇସେନ୍ସ ଚାଳକ ଆଦି ଟ୍ରାଫିକ ନିୟମ ଭଙ୍ଗକାରୀ ମାନଙ୍କ ଉପରେ ଏହି ଅବସରରେ ଯାଞ୍ଚ ଓ ଜୋରିମାନା ଜୋରଦାର କରାଯିବ। ଜାତୀୟ ରାଜପଥ ବିଭାଗ, ବିଶେଷ କରି ଜାତୀୟ ରାଜପଥ -୧୬ କର୍ତ୍ତୃପକ୍ଷ ରାସ୍ତାରେ ଥିବା ଖାଲଖମା ପୂରଣ ସହ ଅନ୍ୟ ସମସ୍ୟା ତୁରନ୍ତ ସୁଧାରି ନେବାକୁ ଜିଲ୍ଲାପାଳ ତାଗିଦ୍ କରିଥିଲେ। ଟ୍ରାଫିକ ନିୟମ କଡ଼ା କଡି ପାଳନ କରିବାକୁ ମୋଟର ଯାନ ସଙ୍ଘ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜପଥ ଉପରୁ ଅଯଥା ହମ୍ପସ ଅପସାରଣ, ନିୟମ ଅନୁଯାୟୀ ହମ୍ପସର ରଙ୍ଗ କରିବା, ଟୋଲ୍ ଗେଟ୍ ନିକଟରେ ଆମ୍ବୁଲାନ୍ସ ଏବଂ କ୍ରେନ୍ ମହଜୁଦ ରଖିବା ଆଦି ବିଷୟ ଉପରେ ଜିଲ୍ଲାପାଳ ଗୁରୁତ୍ୱ ଆରୋପ କରିଥିଲେ। ଏହି ସପ୍ତାହ ପାଳନ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରେ ସଡ଼କ ସୁରକ୍ଷା ବିଷୟରେ ଚିତ୍ରକଳା ଓ ସ୍ଲୋଗାନ ପ୍ରତିଯୋଗିତା ଆୟୋଜନ, ଫିଲ୍ମ ପ୍ରଦର୍ଶନ, ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ କାର୍ଯ୍ୟାଳୟ କାନ୍ଥରେ ସଡ଼କ ସୁରକ୍ଷା ବାର୍ତ୍ତା ସମ୍ବଳିତ ପୋଷ୍ଟର ଆଦି ଲଗାଇବା, ପିକନିକ୍ ସ୍ପଟ୍ ରାସ୍ତାର ପ୍ରବେଶ ଓ ପ୍ରସ୍ଥାନ ପଥରେ ଅଧିକ ପୋଲିସ ମୁତୟନ,ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପେଟ୍ରୋଲ ପମ୍ପ ନିକଟରେ ଚାଳକ ମାନଙ୍କର ଚକ୍ଷୁ ଓ ଅନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ବିଳମ୍ବିତ ରାତ୍ରୀରେ ଜାତୀୟ ରାଜପଥରେ ଚାଳକ ମାନଙ୍କୁ ନିଦ ନ ଆସିବା ପାଇଁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ମାଗଣା ଚା ଯୋଗାଇବା, ବିଭିନ୍ନ ବ୍ଲାକ୍ ସ୍ପଟ୍ ମାନଙ୍କରେ ପାଟ୍ରୋଲିଂ ବଢ଼ାଇବା, ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତା ଉପରେ ନ ଛାଡ଼ିବା ପାଇଁ ରାଜପଥ ନିକଟ ଗ୍ରାମବାସୀଙ୍କୁ ସଚେତନ କରାଇବା,ସଡ଼କ ସୁରକ୍ଷା ମୂଳକ ବିଭିନ୍ନ ସାଇନ୍ ବୋର୍ଡ ଲଗାଇବା ତଥା ସକାଳ ଓ ସନ୍ଧ୍ୟାରେ ଚେକିଙ୍ଗ ତୀବ୍ର କରିବା ଆଦି ବିଷୟ ଉପରେ ନିଷ୍ପତ୍ତି ନିଆଯାଇଥିଲା। ବିଶେଷ କରି ଚିହ୍ନିତ ଦୁର୍ଘଟଣା ପ୍ରବଣ ସ୍ଥାନ ମାନଙ୍କରେ ଦାୟିତ୍ୱବହନକାରୀ ସମ୍ପୃକ୍ତ ବିଭାଗ ମାନେ ଅଧିକ ଯତ୍ନବାନ୍ ହେବାକୁ ଜିଲ୍ଲାପାଳ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପ୍ରକାରର ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରି ଯେ କୌଣସି ପରିସ୍ଥିତିର ମୁକାବିଲା ପାଇଁ ଆବଶ୍ୟକୀୟ ସାଧନ ମହଜୁଦ ରଖି ଏହି ସଡକ ସୁରକ୍ଷା ସପ୍ତାହ ପାଳନକୁ ସମ୍ପୂର୍ଣ୍ଣ ସଫଳ ରୂପାୟନ ଦେବା ନିମନ୍ତେ ସମସ୍ତେ ସହଯୋଗ କରିବାକୁ ଜିଲ୍ଲାପାଳ ଆଶା ବ୍ୟକ୍ତ କରିଥିଲେ।

# ଗାଳ୍ପିକା ଝୁନୀଲତା ବହିରାଙ୍କୁ ଗଦ୍ୟାଂଶ ଯୁବ ପ୍ରତିଭା ପୁରସ୍କାର



ବାଲେଶ୍ୱର, ୨୭/୧୨ (ନି.ପ୍ର): ଗଳ୍ପ ଭିତ୍ତିକ ସାହିତ୍ୟ ପତ୍ରିକା 'ଗଦ୍ୟାଂଶ' ଦ୍ୱାରା ଆୟୋଜିତ ଦ୍ୱିତୀୟ ଯୁବ କଥାକାର ସାମାବେଶ 'ଗଦ୍ୟାଂଶ ଉତ୍ସବ ୨୦୨୪ ' ଡିସେମ୍ବର ମାସ ୨୫ ତାରିଖ ସୋମବାର ଦିନ ବାଲେଶ୍ୱର ଜିଲ୍ଲାର ନୂଆପୁର ଗ୍ରାମରେ ଆୟୋଜିତ ହୋଇଯାଇଛି । ଉତ୍ସବରେ ଉଦଘାଟକ ଭାବରେ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇଥିବା ବେଳେ ମୁଖ୍ୟଅତିଥି ଭାବରେ ବରିଷ୍ଠ ଗାଳ୍ପିକ ରଜନୀକାନ୍ତ ମହାନ୍ତି ଯୋଗଦେଇଥିଲେ। କବି ଓ ଉପନ୍ୟାସୀକ ବାଦଲ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗାଳ୍ପିକ ନିବାରଣ ଜେନା ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ରହି ଯୁବ ଗାଳ୍ପିକ ମାନଙ୍କୁ ଉଦବୋଧନ ଦେଇଥିଲେ । ଏହି ଅବସରରେ ଗଳ୍ପ ପୁସ୍ତକ 'ଦ୍ୱିତୀୟ ପ୍ରମିକା' ପାଇଁ ଗାଳ୍ପିକା ଝୁନୀଲତା ବହିରାଙ୍କୁ 'ଗଦ୍ୟାଂଶ ଯୁବ ପ୍ରତିଭା ପୁରସ୍କାର ' ପ୍ରଦାନ କରାଯାଇଥିଲା । ଏହା ସହିତ ଯୁବ ଗୀତିକାର-ସଂଗୀତ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ମିଶ୍ର ଓ ଯୁବ ଶିଳ୍ପୀ ସଞ୍ଜୟ ରାଉଳଙ୍କୁ 'ଗଦ୍ୟାଂଶ ସ୍ୱତନ୍ତ୍ର ପ୍ରତିଭା ସମ୍ମାନ' ଓ ବରିଷ୍ଠ ଗାଳ୍ପିକ ଶଙ୍କର୍ଷଣ ଶିଅଳଙ୍କୁ 'ଗଦ୍ୟାଂଶ ସାଧନା ସମ୍ମାନ' ରେ ସମ୍ମାନିତ କରାଯାଇଥିଲା । ଉତ୍ସବରେ ଗାଳ୍ପିକ ରାଧାବିନୋଦ ନାୟକଙ୍କ ଦ୍ୱାରା ଗଦ୍ୟାଂଶର ନୂଆ ସଂଖ୍ୟା ଉନ୍ମୋଚିତ ହୋଇଥିବା ବେଳେ ଗାଳ୍ପିକା ସ୍ନେହଲତା ଦାସଲେଙ୍କାଙ୍କ ଶିଶୁ ଉପନ୍ୟାସ 'ଟିଂକୁ ଗୁଡଲୁ' ର ଉନ୍ମୋଚନ ହୋଇଥିଲା । ଇରହି ସଭାକୁ ଯୁବ କବି ପ୍ରିୟଙ୍କା ପ୍ରିୟଦର୍ଶିନୀ ରାୟ ସଂଯୋଜନା କରିଥିଲେ।

ପରେ ପରେ ଯୁବ ଗାଳ୍ପିକ ତୃପ୍ତିରଞ୍ଜନ ଦାସଙ୍କ ସଭାପତିତ୍ୱ ରେ ଆୟୋଜିତ ଗଳ୍ପ ଆସରରେ ଯୁବ ଗାଳ୍ପିକ ସଞ୍ଜୟ ପଣ୍ଡା,ସୁମିତ ପଣ୍ଡା, ପ୍ରତିଭା ମଞ୍ଜରୀ ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ନିଶ୍ଚିପଦ୍ମା ସୁଭଦର୍ଶିନୀ ଓ ସୁଦୀପା ସାହୁ ଆଦି ସୁନ୍ଦର ଗଳ୍ପ ପାଠ କରିଥିବା ବେଳେ ଗାଳ୍ପିକା ସ୍ରୋତସ୍ୱିନୀ ପରିଡ଼ା ସଂଯୋଜନା କରିଥିଲେ।

ଶେଷରେ ଯୁବ ଗାଳ୍ପିକ ଦେବବ୍ରତ ଦାସଙ୍କ ସଭାପତିତ୍ୱରେ ଯୁବ ଗାଳ୍ପିକ ମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଥିଲା ଯେଉଁଥିରେ ସ୍ନେହଲତା ଦାସଲେଙ୍କା, ଅନ୍ତର୍ଯ୍ୟାମୀ ମହାରଣା, ସତ୍ୟ ସାହୁ, ରାଜସ୍ମିତା ସାହୁ, କୈଳାଶ ବେହେରା, ପ୍ରଦୀପ୍ତ ମହାନ୍ତି, ସୁବ୍ରତ ସେନାପତି ଆଦି ଯୁବ ଗାଳ୍ପିକ ଯୋଗଦେଇ ମନକଥା କହିଥିଲେ। ଶେଷରେ ବରିଷ୍ଠ ଶିକ୍ଷାବିତ ଚକ୍ରଧର ବିଶ୍ୱାଳ ଯୁବ ଲେଖକ ମାନଙ୍କୁ ପ୍ରେରଣା ବାର୍ତ୍ତା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସହର ଛାଡ଼ି ଗାଁରେ ଏଭଳି ଏକ ସାହିତ୍ୟ ଉତ୍ସବ ଆୟୋଜନ କରିଥିବାରୁ 'ଗଦ୍ୟାଂଶ'ର ସମ୍ପାଦକ କ୍ଷୀରୋଦ ବିହାରୀ ବିଶ୍ୱାଳ ଓ ସ୍ନେହଲତା ଦାସଲେଙ୍କାଙ୍କୁ ସାରା ଓଡ଼ିଶାରୁ ଅନେକ ଲେଖକ, ସାହିତ୍ୟ ପ୍ରେମୀ ଓ ସାମାଜିକ ସଂଗଠନ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି ।

## ଜିରୋ ନାଇଟ ସେଲିବ୍ରେସନ ପାଇଁ ଟ୍ୱିନ୍ ସିଟି ଜଗିବେ ୫୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଜିରୋ ନାଇଟ ସେଲିବ୍ରେସନ ପାଇଁ ଟ୍ୱିନ୍ ସିଟିରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଉଭୟ ଭୁବନେଶ୍ୱର ଓ କଟକ ସହର ପୋଲିସ ଛାଉଣୀରେ ରହିବ। ସୁରକ୍ଷା ପାଇଁ ମୋଟ ୫୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଟ୍ୱିନ୍ ସିଟିରେ ପୋଲିସ୍ କମିଶନରଙ୍କ ସ୍ପେଶାଲ ସ୍କ୍ୱାଡ୍ ବୁଲିବେ। ରାସ୍ତାରେ ମଦୁଆଙ୍କୁ ଧରିଲେ ଅନ୍ ଦ ସ୍ପଟ ଆକ୍ସନ ନିଆଯିବ। ସବୁ ଛକରେ ଚେକିଂ ଓ ବ୍ଲକିଂ ହେବ। ବାର ଏବଂ ପବ୍ ଉପରେ ନଜର ରଖାଯିବ। ନିୟମ ଭାଙ୍ଗିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ପୋଲିସ୍ କମିଶନର।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ନନ୍ଦନକାନନକୁ ଆସିବେ ...

ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ମାଷ୍ଟର ପ୍ଲାନକୁ ଅନୁମୋଦନ କରିଛି ସେଣ୍ଟ୍ରାଲ ଜୁ ଅଥରିଟି। ଜନ୍ତୁ ଖୁଆଡ଼ଗୁଡ଼ିକୁ ଅତ୍ୟାଧୁନିକ କରାଯିବ। ସଫାରି ଗୁଡ଼ିକୁ ଚୂଡ଼ଙ୍ଗଗଡ଼ ପାର୍ଶ୍ୱରେ ବଡ଼ ଆକାରରେ ତିଆରି କରାଯିବ। ଚଳିତ ଆର୍ଥିକ ବର୍ଷ ହିଁ ଆରମ୍ଭ ହେବ ନନ୍ଦନକାନନ ସମ୍ପ୍ରସାରଣ କାମ। ୪ରୁ ୫ ବର୍ଷ ମଧ୍ୟରେ ସମ୍ପ୍ରସାରଣ ସାରିବାକୁ ଯୋଜନା ରହିଛି। ତେବେ ଧାର୍ଯ୍ୟ ସମୟ ପୂର୍ବରୁ କାମ ଶେଷ ହୋଇଯିବ ବୋଲି ଶ୍ରୀ ନନ୍ଦ ଆଶା ରଖିଛନ୍ତି। ସେ କହିଛନ୍ତି, "ନନ୍ଦନକାନନ ବିଶ୍ୱସ୍ତରୀୟ ହେବ। ଖୁବକମ ଦିନରେ ସମସ୍ତେ ବ୍ୟବସ୍ଥିତ ନନ୍ଦନକାନନକୁ ଦେଖିବେ। ଭିଡ଼ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯିବ। ଲୋକମାନେ ଆଉ ହଇରାଣ ହେବନି। ବଡ଼ ସଫାରୀ ହେବ। ଏଥିସହ ଦୁବାଇ ଚିଡ଼ିଆଖାନା ସହ ବଦଳ ପ୍ରକ୍ରିୟାରେ କିଛି ନୂଆ ଜନ୍ତୁଙ୍କୁ ଅଣାଯିବ। ନୂଆ ବର୍ଷରେ ଲୋକମାନେ ନୂଆ ଜନ୍ତୁମାନଙ୍କୁ ଦେଖିବେ। ସେହିପରି ଆଲିପୁର ଜୁରୁ ମଧ୍ୟ ଆଉ ଗୋଟିଏ ଜିରାଫ ଆସିବ। କାରଣ ଏବେ ନନ୍ଦନକାନନରେ ଥିବା ଜିରାଫ ବେଶ ଏକୁଟିଆ ରହୁଛି। ଦୁବାଇ ଜୁରୁ ଚିତା, ଧଳା ସିଂହ ଶାବକ ଓ ଆମ ପାଖରେ ନଥିବା କିଛି ଚଢ଼େଇକୁ ଅଣାଯିବ। ଜାନୁଆରୀ ମାସରେ ହିଁ ଏସବୁ ଜନ୍ତୁ ଓ ପକ୍ଷୀମାନଙ୍କୁ ଆଣିବା ପାଇଁ ଯୋଜନା ରହିଛି।"

## ସରପଞ୍ଚଙ୍କ ବଦଳରେ ଆସିଲେ...

ଏହାକୁ ନେଇ ରାଜ୍ୟପାଳ ଅସନ୍ତୋଷ ପ୍ରକାଶ କରିବା ସହ ସରପଞ୍ଚଙ୍କ କାମରେ ହସ୍ତକ୍ଷେପ ନକରିବାକୁ ସରପଞ୍ଚଙ୍କ ସ୍ୱାମୀଙ୍କୁ ତାଗିତ କରିଛନ୍ତି। ଏଥିସହ ତାଙ୍କୁ ମହିଳା ସଶକ୍ତିକରଣ ସମ୍ପର୍କରେ ମଧ୍ୟ ବୁଝାଇଛନ୍ତି। ସେ କହିଥିଲେ, ଆପଣ ସରପଞ୍ଚଙ୍କ ସ୍ୱାମୀ। ତାଙ୍କୁ କାମ କରିବାକୁ ଦେଉଛନ୍ତି ନା ନିଜ କାମ କରୁଛନ୍ତି ? ମହିଳାଙ୍କୁ କାମ କରିବାକୁ ଦିଅନ୍ତି। ମହିଳା ସଶକ୍ତିକରଣ କରାନ୍ତୁ ବୋଲି ସେ କହି ?ଥିଲେ। ସରପଞ୍ଚଙ୍କ ସ୍ୱାମୀ ମଧ୍ୟ ଏଥିରେ ହଁ ଭରିଛନ୍ତି। ଆଜି ସକାଳ ୧୦.୪୫ରେ ରାଜ୍ୟପାଳ ଝାରସୁଗୁଡା ଢଗଚ ସ୍ଥିତ ଅଙ୍ଗନବାଡି କେନ୍ଦ୍ରରେ ପହଞ୍ଚିବା ପରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଜିଲ୍ଲା ପୁଲିସ ତାଙ୍କୁ ଗାର୍ଡ ଅଫ ଅନର ଦେଇଥିଲା। ଏହାପରେ ରାଜ୍ୟପାଳ ଦ୍ୱିତୀୟ ବାଟାଲିୟନ ଢଗଚ ଅଙ୍ଗନବାଡି କେନ୍ଦ୍ରରେ ଛୋଟ ଛୋଟ ଛୁଆ ଓ ଅଭିଭାବକ ମାନଙ୍କ ସହ ଆଲୋଚନା କରିଥିଲେ। ପୋଷଣ ଯୋଜନା ଓ ଅଙ୍ଗନବାଡି ପକ୍ଷରୁ ଯୋଗାଇ ଦିଆଯାଉଥିବା ଖାଦ୍ୟ ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ଏହି ସମୟରେ ଅଙ୍ଗନବାଡି କାର୍ମୀଙ୍କ ଦରମା ବୃଦ୍ଧି କରିବାକୁ ଅଭିଭାବକମାନେ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି। ଆଜିର ଏହି ଦିନିକିଆ ଗସ୍ତରେ ରାଜ୍ୟପାଳ ଦାସ ଦୁର୍ଲଗା ଗସ୍ତ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଷୟରେ ହିତାଧିକାରୀଙ୍କସହ ଆଲୋଚନା କରିଛନ୍ତି। ତାଳପଟିଆ, ଦୁଲର୍ଗା , କଟାପାଲି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଓ ଡାକ୍ତର ମାନଙ୍କସହ ବି ସେ ଆଲୋଚନା କରିଛନ୍ତି।

## କେନ୍ଦ୍ର ସରକାରଙ୍କ ବଡ଼ ...

ଆଇନ ଅନୁଯାୟୀ ଏଭଳି ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆସନ୍ତା ବର୍ଷ ଅର୍ଥାତ ୨୦୨୪ରେ ଜମ୍ମୁ-କଶ୍ମୀରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ପ୍ରସ୍ତୁତି ଆରମ୍ଭ ହୋଇଛି। ନିର୍ବାଚନ କମିଶନଙ୍କ ଦ୍ୱାରା ପ୍ରସ୍ତୁତି ଶେଷ ହେବା ପରେ ଖୁବ ଶୀଘ୍ର ନିର୍ବାଚନ ତାରିଖ ମଧ୍ୟ ଘୋଷଣା କରାଯାଇପାରେ। ଜମ୍ମୁ-କଶ୍ମୀରରୁ କାର୍ଯ୍ୟ କରୁଥିବା ରାଜନୈତିକ ଦଳ ଏହି ସଂଗଠନ ସହ ମିଶି ଜାତୀୟ ବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ଏହାକୁ ନିଷେଧ କରାଯାଇଥିବା ଜଣାପଡିଛି।

## ପ୍ରାଣପ୍ରତିଷ୍ଠା କାର୍ଯ୍ୟକ୍ରମକୁ ଆସିବେନି ...

ମନା କରିବା ପରେ ପ୍ରତିକ୍ରିୟା ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ମୀନାକ୍ଷୀ ଲେଖୀ । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଧର୍ମ ନାଁରେ କିଛି ବିରୋଧୀ ଦଳ ରାଜନୀତି କରୁଛନ୍ତି । ଯେବେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ପ୍ରଥମେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିମନ୍ତ୍ରଣ ପଠାଯାଇଥିଲା ତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ । ଭଗବାନ ରାମ ଓ ଅଯୋଧ୍ୟା କ'ଣ କେବଳ ବିଜେପିର ବୋଲି ପ୍ରଶ୍ନ କରିଥିଲେ । ଆଉ ଏବେ ବିଭିନ୍ନ ବାହାନା ଦେଇ ନିମନ୍ତ୍ରଣ ପାଇବା ସତ୍ତ୍ୱେ କାର୍ଯ୍ୟକ୍ରମକୁ ନଆସିବା ପଛର କାରଣ କ'ଣ ବୋଲି ପ୍ରଶ୍ନ ଉଠାଇଛି ବିଜେପି । ଜାନୁଆରୀ ୨୨ ତାରିଖରେ ଅଯୋଧ୍ୟାର ଭବ୍ୟ ରାମମନ୍ଦିର ଗର୍ଭଗୃହରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା କରାଯିବ । ଦେଶ ବିଦେଶରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥିଭାବେ ସାମିଲ ହେବେ ।ଏହା ଭିତରେ ଟିଏମସି ଓ ସିପିଆଇଏକୁ କାର୍ଯ୍ୟକ୍ରମକୁ ବିଜେପିର ଦଳୀୟ କାର୍ଯ୍ୟକ୍ରମ କହି ଯୋଗ ନଦେବା ଘଟଣା ପୁଣି ଏକ ନୂଆ ବିବାଦ ସୃଷ୍ଟି କରିଛି ।

# ନୀଳଗିରି ବନବିଭାଗ ପକ୍ଷରୁ ଗଜସାଥୀଙ୍କୁ ପ୍ରଶିକ୍ଷଣ ଶିବିର

ନୀଳଗିରି, ୨୭/୧୨ (ନି.ପ୍ର): ଗଜଙ୍କୁ ମିଳିବ ସୁରକ୍ଷା ସଜାଗ ହେଲେଣି ଗଜସାଥୀ। ମଣିଷ ହାତୀ ଓ ବନ୍ୟଜନ୍ତୁଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ମିଳିଲା ତାଲିମ। ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ନିର୍ଦ୍ଦେଶ କ୍ରମେ ଆଜି ନୀଳଗିରି ବନବିଭାଗ କାର୍ଯ୍ୟାଳୟରେ ଏକ ପ୍ରସିକ୍ଷଣ ଶିବିର ଅନୁଷ୍ଠିତ କରାଯାଇ ଗଜସାଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ।ନୀଳଗିରି ରେଞ୍ଜର ଆଇସା ଅକ୍ତାର ନିସା ଯେହେତୁ ଧାନ ଅମଳ ପକ୍ରିୟା ଜାରି ରହିଛି ସେଥିପାଇଁ ଯେମିତି ହାତୀମାନେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରନ୍ତି,ଜଙ୍ଗଲକୁ ନିଆଁ ଲାଗିବାରୁ ରୋକିବା ,କିପିରି ଲୋକମାନଙ୍କୁ ସଚେତନ କରିବା, ବନ୍ୟଜନ୍ତୁ ଓ ମଣିଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସେ ଦିଗରେ ଗଜସାଥୀ ମାନଙ୍କୁ ପ୍ରସିକ୍ଷଣ ପ୍ରଦାନ କରିଛନ୍ତି। ଶେଷରେ ଉପସ୍ଥିତ ଥିବା ୨୬ ଟି ଭିଏସର ୧୪୫ ଜଣ ଗଜସାଥୀଙ୍କୁ ପାଣି ବୋତଲ, ପୋଷାକ ପ୍ରଦାନ କରାଯାଇଥିଲା। ନୀଳଗିରି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା, ଏସିଏଫ ମାନସ ରଞ୍ଜନ ବେହେରା, ଭିଏସ କୋଡିନେଟର ଜ୍ଞାନେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।




# ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟରେ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ




ବାସୁଦେବପୁର, ୨୭/୧୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମ ପଂଚାୟତ ର ବେତଡା ଉତ୍କଳମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ରେ ନୂଆ ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ କଲେଜର ପରିଚାଳନା କମିଟି ସଭାପତି ତଥା ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ ସଭାପତିତ୍ୱ କରିଥିଲେ ଓ କଲେଜକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ଆର୍ଥିକ ସହଯୋଗ କୁ ପ୍ରଶଂସା କରିଥିଲେ । ବାସୁଦେବପୁର ରାଜନୀତିରେ ଉଦୀୟମାନ ତାରକା ଏବଂ ସମସ୍ତ ଜନସାଧାରଣଙ୍କର ବିଶ୍ୱାସ ଓ ଭରସାର ବନ୍ଧୁ ତଥା ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଧାୟକ ଶ୍ରୀ ରାଉତରାୟ କହିଲେ ଭାରତ ବର୍ଷର ରେକର୍ଡ ସୃଷ୍ଟି କରିଥିବା ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସର୍ବଦା ଶିକ୍ଷାନୁଷ୍ଠାନର ଉନ୍ନତି, ବିକାଶ ଓ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ ଚାହାଁନ୍ତି । ଶିକ୍ଷାବିତ ପୂର୍ଣଚନ୍ଦ୍ର ପରିଡା, ବିଜେଡି ବ୍ଲକ ସଭାପତି ଦୀନବନ୍ଧୁ ଦାସ,ସଂସ୍କୃତ ମହାବିଦ୍ୟାଳୟର ବରିଷ୍ଠ ଓଡ଼ିଆ ଅଧ୍ୟାପକ ବେଣୁଧର ପରିଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଅଧ୍ୟାପିକା ସସ୍ମିତା ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବ୍ରଜ ମୋହନ ଦାଶ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ । ଅଧ୍ୟାପିକା କାନ୍ତାରାଣୀ ଦାସ ବେଦ ପାଠ କରିଥିଲେ । ମହାବିଦ୍ୟାଳୟ ର ଅଧ୍ୟକ୍ଷ ଚିତ୍ତ ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା ପିଲାମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶେଷରେ ନୃତ୍ୟ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଉତ୍ସବ ପରିଚାଳନା ରେ ସହଯୋଗ କରିଥିଲେ ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ନିମନ୍ତ୍ରଣପତ୍ର ଗ୍ରହଣ ଉପଲକ୍ଷେ ସ୍ୱାଗତୋତ୍ସବ




ଭଦ୍ରକ, ୨୭/୧୨ (ନି.ପ୍ର): ଆଗାମୀ ଜାନୁୟାରୀ ୧୭ରେ ଅନୁଷ୍ଠିତ ହେବାକୁ ଥିବା ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ର ପ୍ରତିଷ୍ଠା ପୂଜା ଓ ଲୋକାର୍ପଣ ଉତ୍ସବ ଉପଲକ୍ଷେ ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ପ୍ରେରଣ କରାଯାଇଥିବା ନିମନ୍ତ୍ରଣ ପତ୍ର ଗ୍ରହଣ ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଭବ୍ୟ ସ୍ୱାଗତସ୍ୱୋବ ଅନୁଷ୍ଠିତ ହୋଇଯାଇଛି । ନିମନ୍ତ୍ରଣ ପତ୍ର ନେଇଆସିଥିବା ପୁରୀ ବଡ଼ ଦେଉଳର ସେବାୟତ ଶିବାନୀ ପ୍ରସାଦ ଦାସ ମହାପାତ୍ର, ରାମାନନ୍ଦ ଦାସ ମହାପାତ୍ର, ଜିତେନ୍ଦ୍ର ଦାସ ମହାପାତ୍ର ଏବଂ ପ୍ରଶାସନିକ ଅଧିକାରୀ ଡ଼େପୁଟୀ କଲେକ୍ଟର ବିବେକାନନ୍ଦ ସାହୁ ପ୍ରମୁଖଙ୍କୁ ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା କାର୍ଯ୍ୟାଳୟ ନିକଟରେ ଫୁଲ ଚନ୍ଦନ ଦେଇ ଶଙ୍ଖହୁଳୁହୁଳି ସହ ଘଣ୍ଟବାଦ୍ୟ, ସଂକୀର୍ତ୍ତନ ଶୋଭାଯାତ୍ରରେ ଜିଲ୍ଲା ସଂସ୍କୃତି ଭବନକୁ ପାଛୋଟି ଅଣାଯାଇଥିଲା । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ନିମନ୍ତ୍ରଣ ପତ୍ର ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ କୁମାର ସାମଲ, ଭଦ୍ରକ ବିଧାୟକ ସଂଜୀବ କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଓଡ଼ିଶୀ ନୃତ୍ୟ ପରିବେଷଣରୁ ଏହି ଭବ୍ୟ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ପୁରୀରୁ ଆସିଥିବା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା । ପ୍ରତି ଓଡ଼ିଆଙ୍କ ପ୍ରାଣର ଦେବତା ଜଗନ୍ନାଥ ଓ ଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶା ପାଇଁ ନୁହେଁ ସାରା ବିଶ୍ୱ ପାଇଁ ଅନନ୍ୟ । ଜଗନ୍ନାଥ ଧାମ ଓଡ଼ିଶାର ପରିଚୟ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏହି ଧାମର ଅନ୍ୟ ଏକ ଆକର୍ଷଣ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ଭଦ୍ରକ ଜିଲ୍ଲାର ଦୁଇ ପ୍ରମୁଖ ମନ୍ଦିର ଆଖଣ୍ଡଳମଣି ଓ ଭଦ୍ରକାଳୀ ମନ୍ଦିରକୁ ସେବାୟତ ମାନେ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ । ଦୁଇ ମନ୍ଦିର ତରଫରୁ ମଧ୍ୟ ପୁରୀ ସେବାୟତମାନଙ୍କୁ ଉପହାର ପ୍ରଦାନ କରିଥିଲେ । ଆଖଣ୍ଡଳମଣି ମନ୍ଦିର ତରଫରୁ ମନ୍ଦିରର ସେବାୟତ ଗଦାଧର ପାଢ଼ୀ, ବାବାଜୀ ଶଙ୍କର ପାଢ଼ୀ, ବିଜୟ ଦାଶ, ମନ୍ମଥ ପାଢ଼ୀ, କେଦାରନାଥ ପାଢ଼ୀ, ଗିରିଶ୍ ଚନ୍ଦ୍ର ପାଢ଼ୀ, ସୁରେନ୍ଦ୍ର ପାଢ଼ୀ, ଅରବିନ୍ଦ ପାଢ଼ୀ, ମନ୍ଦିର ନିର୍ବାହୀ ଅଧିକାରୀ ବିଦ୍ୟାଧର ପଲାଇ ପ୍ରମୁଖ ଏହି ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ । ସେହିପରି ଭଦ୍ରକାଳୀ ମନ୍ଦିର ତରଫରୁ ଅନୁଗ୍ରହ ନାରାୟଣ ଦୀକ୍ଷିତ, କୁଳମଣି ଦୀକ୍ଷିତ, ପ୍ରଶାନ୍ତ କୁମାର ଦୀକ୍ଷିତ, ମନ୍ଦରଧର ଦୀକ୍ଷିତ, ଭାଗୀରଥୀ ଦୀକ୍ଷିତ, ନିତ୍ୟାନନ୍ଦ ଦୀକ୍ଷିତ, ରଘୁନାଥ ସେନାପତି, ଦିଲ୍ଲୀପ କୁମାର ଦୀକ୍ଷିତ ପ୍ରମୁଖ ନିମନ୍ତ୍ରଣ ପତ୍ର ଗ୍ରହଣ କରିଥିଲେ । ସୂଚନାଯୋଗ୍ୟକି ଦୁଇ ମନ୍ଦିରରୁ ୨ ଜଣ ଲେଖାଏଁ ୧୭ରେ ଲୋକାର୍ପଣ ଉତ୍ସବରେ ଯୋଗଦେବେ । ପରେ ପରେ ଅନ୍ୟ ମନ୍ଦିରରୁ ଉକ୍ତ ଉତ୍ସବରେ ଯୋଗ ଦେଇ ଦର୍ଶନ କରିପାରିବେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ମଞ୍ଚ ପରିଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ତ୍ରିଲୋଚନ ପଣ୍ଡା ଏହି କାର୍ଯ୍ୟକ୍ରମ ଆୟୋଜନରେ ଆନୁସଙ୍ଗିକ ସହଯୋଗ କରିଥିଲେ ।

# ବେତନଟୀ ପ୍ରିମିୟର ଲିଗ୍: ବାହାନଡା ଟାଇଗର ବିଜୟ

ବେତନଟୀ , ୨୭/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୦ ର ନବମ ଦିନରେ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଆଦି ଷ୍ଟ୍ରାଇକର ଓ ବାହାନଡା ଟାଇଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଆଦି ଷ୍ଟ୍ରଆଇକର ପ୍ରଥମେ ଟସ ଜିତି ବ୍ୟାଟିଂ କରି ୨୩.୫ ଓଭର ସମସ୍ତ ଉଇକେଟ ହରାଇ ୧୬୮ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ୧୬୯ ରନର ବିଜୟଲକ୍ଷ କରି ବାହାନଡା ଟାଇଗର ୨୨ ଓଭର ରେ ସପ୍ତମ ଉଇକେଟ ହରାଇ ୧୭୧ ରନ କରି ବିଜୟ ଲାଭ କରିଥିଲା । ବାହାନଡା ଟାଇଗର ର ଖେଳାଳି ୪ ଉଇକେଟ ନେଇଥିବା ଶଙ୍କର ସାହୁ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେମିଫାଇନାଲ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କୃତି କ୍ଲବ ର ପୂର୍ବତନ ଖେଳାଳୀ ମଳୟ ସେନାପତି ପୁରସ୍କୃତ କରିଥିଲେ । ଏହି ଖେଳକୁ କେ ଇନ୍ଦ୍ରଜିତ ପ୍ରସାଦ ଓ ଅନୁପ କୁମାର ଦଣ୍ଡପାଟ ପରିଚାଳନା କରିଥିଲେ । ସ୍କୋର ଦାଇତ୍ୱ ରେ ସଞ୍ଜିପ କୁମାର ରାଉତ ଓ ରବିନ୍ଦ୍ର ସାହୁ ଅନଲାଇନ ସ୍କୋର ଭାବରେ ଗୌର୍ବ ନାଥ , ଭାଗ୍ୟ ରଞ୍ଜନ ବେହେରା ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ କୁ କ୍ଲବ ର ପ୍ରକାଶ ଜ୍ୟୋତି ଆଦିତ୍ୟ, କେଶବ ନାଥ, ପ୍ରଶାନ୍ତ ନାଥ, ସାଗର ସାହୁ, ଚନ୍ଦନ ଗିରି, ଅଭିନାଶ ନାୟକ, ସର୍ବେଶ୍ୱର ଦାସ, ଅନୁପ ପରିଡା ଓ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ବେତନଟୀ ମହାବିଦ୍ୟାଳୟରେ ଏନଏସଏସ ପକ୍ଷରୁ ଶୀତକାଳୀନ ଶିବିର ଅନୁଷ୍ଠିତ

ବେତନଟୀ, ୨୭/୧୨ (ନି.ପ୍ର): ବେତନଟୀ କଲେଜରେ ଜାତୀୟସେବା ଯୋଜନା(ଏନଏସଏସ) ପକ୍ଷରୁ ସୋମବାର ଶୀତକାଳୀନ ଶିବିରର ଶୁଭାରମ୍ଭ ହୋଇଯାଇଛି । ସପ୍ତାହବ୍ୟାପୀ ଚାଲିବାକୁଥିବା ଏହି ଶୀତକାଳୀନ ଶିବିରରେ ୫୦ଜଣ ଏନଏସଏସ ସ୍ୱେଚ୍ଛାସେବୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ଏନଏସଏସ ପତାକା ଉତ୍ତୋଳନ ପୂର୍ବକ ଶିବିରର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଥିବା ବେଳେ କଲେଜ ଅଧକ୍ଷ ମନୋରଞ୍ଜନ ମହାନ୍ତ ନିଜର ପ୍ରାରମ୍ଭିକ ସମ୍ଭାଷଣ ରଖିଥିଲେ । ମୁଖ୍ୟବକ୍ତା ଭାବରେ କଲେଜ ପରିଚାଳନା କମିଟିର ସଭାପତି ତଥା ପ୍ରାକ୍ତନ ପ୍ରାଧାପକ ଅଲେଖ କୁମାର ବିଶ୍ୱାଳ, ପ୍ରାକ୍ତନ ଏନଏସଏସ ପ୍ରୋଗ୍ରାମ ଅଧିକାରିଣୀ ଅଧାପିକା କଲ୍ଲୁଲତା ବେହେରା, ୟୁଥରେଡକ୍ରସର ନୋଡାଲ ଅଫିସର ଡ. ଚିତ୍ତରଞ୍ଜନ ରାଉତ ପ୍ରମୁଖ ଯୋଗଦାନ କରି ଜାତୀୟ ସେବା ଯୋଜନା ମଧମରେ କିଭଳି ଛାତ୍ରଛାତ୍ରୀମାନେ ଉତ୍ତମ ଚରିତ୍ର ଗଠନ ପୂର୍ବକ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିବେ ସେନେଇ ସନେଇ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଅଧାପକ ସୀମାନ୍ତ କୁମାର ଜେନାଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ଶୀତ କାଳୀନ ଶିବିରରେ ଅଂଶଗ୍ରହଣ କରିଥିବା ସ୍ୱେଚ୍ଛାସେବୀଙ୍କୁ ବହୁ ଗଠନମୂଳକ ଦିଗଦର୍ଶନ ଦେଇଥିଲେ । ଶିବିର ଶୁଭାରମ୍ଭର ଦ୍ୱିତୀୟପର୍ଯ୍ୟାୟରେ କଲେଜ ତଥା ଏହାର ଆଖପାଖ ପରିବେଶର ପରିମଳ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ପାଇଁ ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା ।ସପ୍ତାହବ୍ୟାପୀ ଚାଲିବାକୁଥିବା ଏହି ଶିବିରରେ ଆଗକୁ ବହୁ ଶିକ୍ଷଣୀୟ ତଥା ପ୍ରେରଣାଦାୟୀ କାର୍ଯ୍ୟକ୍ରମ ଥିବାନେଇ ପ୍ରୋଗ୍ରାମ ଅଧିକାରୀ ଅଧାପକ ଶ୍ରୀଯୁକ୍ତଜେନା ସୂଚନା ଦେଇଛନ୍ତି ।

## କୁଲ୍ଲୁର ପାହାଡ଼ରେ ପୁଣି ଲାଗିଲା ନିଆଁ: ଘାଟିରେ ବ୍ୟାପିଲା ଧୂଆଁ

କୁଲ୍ଲୁ, ୨୭/୧୨ (ନି.ପ୍ର): ହିମାଚଳ ପ୍ରଦେଶର କୁଲୁ ଘାଟୀର ଜଙ୍ଗଲରେ ବ୍ୟାପିବା ନିଆଁ ଚିନ୍ତାର ବିଷୟ ହୋଇଛି। ଗୋଟିଏ ଭାଗରେ ନିଆଁକୁ ଶାନ୍ତି କରୁକରୁ ଦ୍ୱିତୀୟ ଅଂଶରେ ନିଆଁ ପ୍ରଚଣ୍ଡ ରୂପ ଧାରଣ କରିଛି। ଅଗ୍ନିଶମ ବିଭାଗ ମଧ ଜଙ୍ଗଲ ନିଆଁ ପାଇଁ ବ୍ୟସ୍ତ ଅଛନ୍ତି। ମଙ୍ଗଳବାର ରାତିରେ ମଧ କୁଲ୍ଲୁ ମୁଖ୍ୟାଳୟ ସହିତ ଲାଗିଥିବା ସାରିର ପାହାଡ଼ି ଜଙ୍ଗଲରେ ନିଆଁ ଲାଗିଯାଇଛି। ବୁଧବାର ସକାଳ ଠାରୁ ପାହାଡ଼ରେ ନିଆଁ ଲାଗି ପୁରା କୁଲ୍ଲୁ ସହର ସହିତ ଘାଟିରେ ଚାରିପାଖରେ ଧୂଆଁ ବ୍ୟାପିଯାଇଛି। ସହର ସହିତ ଲାଗିଥିବା ଭେଖଲୀ ପାହାଡ଼ରେ ମଧ ନିଆଁ ଲାଗି ଚିନ୍ତାର କାରଣ ହୋଇ। ଏପରିକି ଲୋକମାନଙ୍କୁ ନିଆଁ ମଧ୍ୟରୁ ନିଜ ଘରକୁ ବଂଚାଇବା ପାଇଁ ବହୁତ ପରିଶ୍ରମ କରିବାକୁ ପଡ଼ିଛି।

# ମ୍ୟୁନିସିପାଲିଟିସ୍ତରୀୟ ନୂଆ-ଓ ଖେଳ ପ୍ରତିଯୋଗିତା ଆରମ୍ଭ




ପାରାଦୀପ, ୨୭/୧୨ (ନି.ପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ବ୍ଲକ ଓ ମୁନିସିପାଲିଟି ଅଂଚଳରେ ନୂଆ-ଓ ଖେଳ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ଟେନିସ୍ ବଲ୍ କ୍ରିକେଟ, ଫୁଟବଲ୍, ଭଲିବଲ୍, ଖେ-ଖେ, କବାଡି ଓ ହକି ପ୍ରତିଯୋଗିତା ମାନ ଅନୁଷ୍ଠିତ ହେଉଅଛି। ଏହି ପ୍ରତିଯୋଗିତାରେ ୧୩ ବର୍ଷରୁ ୩୫ ବର୍ଷ ଯୁବକ, ଯୁବତୀମାନେ ଅଂଶଗ୍ରହଣ କରୁଛନ୍ତି। ଏଥି ନିମନ୍ତେ ନଭେମ୍ବର ୫ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନଲାଇନ୍ ମାଧମରେ ଆବେଦନ କରାଯାଇଥିଲା। ପାରାଦୀପରେ ୬୮ଟି ଦଳ ପଞ୍ଜିକରଣ କରିଥିଲେ ଏବଂ ସେମାନଙ୍କ ମଧ୍ରୁ ୫୭ଟି ଦଳ ସେମାନଙ୍କ ଖେଳାଳି ତାଲିକା ଦାଖଲ କରିଥିଲେ। ପାରାଦୀପ ପୌରପାଳିକା ପକ୍ଷରୁ କ୍ରିକେଟ୍, ଫୁଟବଲ୍, ଭିଲିବଲ୍ (ପୁରୁଷ ଓ ମହିଳା), କବାଡ଼ି ଓ ହକି ପ୍ରତିଯୋଗିରା ଆୟୋଜନ କରାଯାଉଥିବା ନେଇ ଆଜି ଅପରାହ୍ନରେ ପୌରପାଳିକା କାର୍ଯ୍ୟାଳୟରେ ଗଣମାଧମ କୁ ସୂଚନା ଦେଇଛନ୍ତି ପୌର ପରିଷଦ ଅଧକ୍ଷ ବସନ୍ତ ବିଶ୍ୱାଳ। କ୍ରିକେଟ୍ରେ ୨୪ ଗୋଟି ପୁରୁଷ ଦଳ, ଫୁଟବଲ ପାଇଁ କେବଳ ୮ ଗୋଟି ପୁରୁଷ ଦଳ, ହକି ନିମନ୍ତେ ୪ଟି ପୁରୁଷ ଓ ୩ଟି ମହିଳା ଦଳ, କବାଡିରେ କେବଳ ୪ ଗୋଟି ପୁରୁଷ ଦଳ, ଖୋ-ଖୋରେ ମାତ୍ର ୨ଗୋଟି ପୁରୁଷ ଦଳ ଓ ଭଲିବଲରେ ୮ଗୋଟି ପୁରୁଷ ଓ ୪ ଗୋଟି ମହିଳା ଦଳ ଅଂଶଗ୍ରହଣ କରୁଛନ୍ତି। ମଧୁବନ ଖେଳ ପଡିଆରେ କ୍ରିକେଟ୍, ଗୋପବନ୍ଧୁ ଷ୍ଟାଡିୟମରେ କବାଡି, ଭଲିବଲ ଓ ଫୁଟବଲ୍ ଏବଂ ପିପିଏଲ୍ ଡିଏଭି ପବ୍ଲିକ୍ ସ୍କୁଲରେ ହକି ଖେଳର ଆୟୋଜନ କରାଯାଉଥିବା ନେଇ ପୌରାଧକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୌର ଉପାଧକ୍ଷା ଛବିଲତା ରାଉତ, ଗୋପବନ୍ଧୁ କ୍ରୀଡା ସଂସଦର ଉପଦେଷ୍ଟା ରବିନ୍ଦ୍ର କୁମାର ଦାସ ଓ ଜାତୀୟ ଭଲିବଲ କୋଚ୍ ସଂଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶିମିଳିପାଳରେ ଠାବ ହେଲା ବିରଳ ପକ୍ଷୀ



ବାରିପଦା, ୨୭/୧୨ (ନି.ପ୍ର): ଜୈବ ବିବିଧତାରେ ପରିପୂର୍ଣ୍ଣ ଶିମିଳିପାଳରୁ ଠାବ ହୋଇଛି ବିରଳ ପ୍ରଜାତିର 'ଏସି ମିନିଭେଟ' ପକ୍ଷୀ । ଶିମିଳିପାଳ କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶନ ରେ ଦୀର୍ଘଦିନ ଧରି ଶିମିଳିପାଳର ପକ୍ଷୀଙ୍କ ଅବସ୍ଥିତି ଉପରେ ଗବେଷଣା କରୁ ଥିବା ବନ୍ୟପ୍ରାଣୀ ଫୋଟଗ୍ରାଫର ଜୟ ପ୍ରକାଶ ସିଂହ ଏହି ଏସି ମିନିଭେଟ ପକ୍ଷୀକୁ ଠାବ କରିବା ସହ ଏହାର ଚିତ୍ର ଉତ୍ତଳନ କରିଛନ୍ତି । ଓଡିଶା ରେ ଏହି ପକ୍ଷୀ ଟି ଅତ୍ୟନ୍ତ ବିରଳ ହୋଇ ଥିବା ବେଳେ ସାଇବେରିଆ, ଜାପାନ, କୋରିଆ ଭଳି ଦେଶ ମାନଙ୍କରେ ଏହି ପକ୍ଷୀଟି ଦେଖା ଯାଏ । ଏହାର ଲମ୍ବ ପ୍ରାୟ ୧୮ ରୁ ୨୦ ସେଣ୍ଟିମିଟର ହୋଇ ଥାଏ । ପୁରୁଷ ପକ୍ଷୀ ର ମୁଣ୍ଡ ଟି ଧୂସର ରଙ୍ଗର ହେବା ସହ କଳା ରଙ୍ଗର ଟୋପି ଆକୃତିର ଚିହ୍ନ ରହିଥାଏ । ସେହିପରି ମାଈ ଚଢେଇ ମାନଙ୍କ କ୍ଷେତ୍ରରେ ଏହା ଧୂସର ହଳଦୀ ରଙ୍ଗର ହୋଇଥାଏ । ଏମାନେ ମୁଖ୍ୟତଃ ନିମ୍ନଭୂମି ଏବଂ ପାହାଡ଼ର ପାଦଦେଶର ଅଞ୍ଚଳ ମାନଙ୍କରେ ବସବାସ କରନ୍ତି । ଏହି ଚଢେଇମାନେ ସାଧାରଣତଃ ଗଛ ଡାଳର ଅଗ୍ରଭାଗରେ ବସିବାର ଦେଖାଅଯାଏ । ଭାରତ ର ଉତ୍ତର-ପୂର୍ବ ଭାଗ ଏବଂ ଦକ୍ଷିଣାଞ୍ଚଳର ଅଳ୍ପ କିଛି ସ୍ଥାନରେ ଅଳ୍ପ ସଂଖ୍ୟା ରେ ଏହି ପକ୍ଷୀଟି ଦେଖା ଯାଉ ଥିବା ବେଳେ ଶିମିଳିପାଳ ରେ ଏହାର ଅବସ୍ଥିତି ପରିବେଶବିତ୍ ତଥା ପକ୍ଷୀ ପ୍ରେମୀଙ୍କ ମନ ରେ ଆନନ୍ଦ ଓ ଉତ୍ସାହ ଭରି ଦେଇଛି । ଏହା କୁ ଠାବ କରି ଥିବା ବନ୍ୟପ୍ରାଣୀ ଫୋଟଗ୍ରାଫର ଜୟପ୍ରକାଶ ସିଂହ ଶିମିଳିପାଳ କର୍ତ୍ତୃପକ୍ଷ ଏବଂ ବନବିଭାଗର ସହଯୋଗ ରେ ଦୀର୍ଘ ଦିନ ଧରି ପକ୍ଷୀଙ୍କ ଉପରେ ଫୋଟଗ୍ରାଫି କରିବା ସହ ଶିମିଳିପାଳରେ ଥିବା ବିଭିନ୍ନ ପ୍ରଜାତିର ପ୍ରାୟ ଶହେରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ଫୋଟଚିତ୍ରକୁ ନିଜର କ୍ୟାମେରା ଲେନ୍ସରେ କଏଦ କରିବାରେ ସକ୍ଷମ ହୋଇଛନ୍ତି । ଏଥି ପାଇଁ ଶ୍ରୀ ସିଂହଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଥିଲା ବେଳେ ଏହା ଆଗାମୀ ଦିନ ରେ ତାଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିବ ବୋଲି ମତପ୍ରକାଶ କରିବା ସହ ନିଜର ସହଯୋଗୀ ଏବଂ ଶିମିଳିପାଳ ବନକର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି।

## ଜାନୁଆରୀରୁ ବିଜେପିର ଜୋରଦାର ସଂଘର୍ଷ : ଜୟନାରାୟଣ ମିଶ୍ର

ଭୁବନେଶ୍ୱର, ୨୭/୧୨ (ନି.ପ୍ର): ଜାନୁଆରୀରୁ ରାଜ୍ୟ ସରକାରଙ୍କ ବିରୋଧରେ ବିଜେପିର ଜୋରଦାର ସଂଘର୍ଷ ଆରମ୍ଭ ହେବ ବୋଲି କହିଛନ୍ତି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର। ସେ କହିଛନ୍ତି ଯେ ଜାନୁଆରୀରୁ ସଂଘର୍ଷ ଶାଣିତ ପାଇଁ ମୋଦି ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି ।ସଂଘର୍ଷ ଓ ସଂଗଠନକୁ ପ୍ରସ୍ତୁତ କରିବାକୁ ମୋଦି ନିର୍ଦ୍ଦେଶ ଦେଇଛନ୍ତି। ଜାନୁଆରୀକୁ ସବୁ ସାଂଗଠନିକ କାମ ସାରି ହଳ ପାଇଁ ବିଲକୁ ଓହ୍ଲାଇବୁ। ମୋଦି ଜାନୁଆରୀରେ ଆସିବେ, ବିଲ ଦେଖି ସାର ପକାଇ ଉର୍ବର କରିବେ। ଜିତିବା କ୍ଷମତା ଥିବା ବ୍ୟକ୍ତିଙ୍କୁ ଟିକେଟ ଦିଆଯିବ। ୨୧ରୁ ୨୧ ଲୋକସଭା ଜିତିବୁ । ୨୧ ଲୋକସଭା ଏବଂ ସଂଖ୍ୟା ଗରିଷ୍ଠତା ସହ ରାଜ୍ୟରେ ସରକାର କରିବୁ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି ଜୟନାରାୟଣ ମିଶ୍ର। ଅନ୍ୟପକ୍ଷରେ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଓଡିଶା ଗସ୍ତ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ସେ ଯେଉଁଠିକୁ ଯାଆନ୍ତି, କଂଗ୍ରେସ ବ୍ୟତୀତ ଅନ୍ୟ ଦଳର ଭୋଟ ବଢ଼େ। ଏଠିକୁ ଆସିଲେ କଂଗ୍ରେସ ଲାଭ ପାଇବନି।

# ନାରୀଶକ୍ତି ପକ୍ଷରୁ ନିଶାମୁକ୍ତି ଅଭିଯାନ




ନୀଳଗିରି, ୨୭/୧୨ (ନି.ପ୍ର): ନିଶା ଛାଡ ପରିବାର ବଞ୍ଚାଅ,ଏପରି ନାରା ବାଜୀ କରି ନିଶାମୁକ୍ତି ଅଭିଯାନ ଆରମ୍ଭ କରିଛି ନୀଳଗିରି ନାରିଶକ୍ତି ମଞ୍ଚ ।ନୀଳଗିରି ନାରି ଶକ୍ତି କମିଟି ପକ୍ଷରୁ ନାରି ନେତ୍ରୀ ରେଣୁ ବିଶ୍ୱାଳଙ୍କ ଅଧକ୍ଷତାରେ ନିଶା ମୁକ୍ତି ଅଭିଯାନ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରୁ ଏକ ପଦଯାତ୍ରା ବାହାରି ସହର ପରିକ୍ରମା କରିବା ସହିତ ନୀଳଗିରି ବ୍ଲକ ପର୍ଯ୍ୟନ୍ତ ଚାଲିଥିଲା। ପ୍ଲାକ କାର୍ଡ ମାଧମରେ ବିଭିନ୍ନ ସଚେତନ ବାର୍ତ୍ତା ପ୍ରଦାନ କରାଯାଇଥିଲା। ନୀଳଗିରି ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ଅନେକ ଲୋକେ ନିଶା ସେବନ ଦ୍ୱାରା ଜୀବନ ହରାଇଥାଆନ୍ତି। ସେଥି ନିମନ୍ତେ ନାରୀ ଶକ୍ତି ପକ୍ଷରୁ ଲୋକଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯିବା ସହିତ ନିଶାକୁ ଛାଡିବା ପାଇଁ ଲୋକଙ୍କୁ ଅବଗତ କରାଯାଇଥିଲା। ଏହି ପଦଯାତ୍ରାରେ ଶତାଧିକ ନାରୀ ମାନେ ଯୋଗଦାନ କରିଥିଲେ।

# ବାଲେଶ୍ୱର ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍ଘାଟିତ



ବାଲେଶ୍ୱର, ୨୭/୧୨ (ନି.ପ୍ର): ଖେଳରେ ମେଳ ହୁଏ ଏବଂ ବିଶ୍ୱଭ୍ରାତୃତ୍ୱଭାବ ସୃଷ୍ଟି କରିବା ପାଇଁ କ୍ରୀଡ଼ା ଏକ ବଳିଷ୍ଠ ମାଧମ ବୋଲି ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି ଓ ଆଜି ସକାଳ ୧୦ ଘଟିକାରେ ସ୍ଥାନୀୟ ପରମିଟ୍ ପଡ଼ିଆଠାରେ ଡିସେମ୍ବର ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବାଲେଶ୍ୱର ଜିଲ୍ଲାସ୍ତରୀୟ କ୍ରୀଡ଼ା ଉତ୍ସବର ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପାତ୍ର ଉପରୋକ୍ତ ମର୍ମରେ ଅଭିଭାଷଣ ରଖିବା ସହ କ୍ରୀଡ଼ାକୁ ଏକ ଉତ୍ତମ ବୃତ୍ତି ମାଧମ ଭାବେ ମଧ ଗ୍ରହଣ କରିହେବ ବୋଲି କହିଥିଲେ ଓ ଜିଲ୍ଲା କ୍ରୀଡ଼ା ବିଭାଗ ଆୟୋଜନରେ ଅନୁଷ୍ଠିତ ଏହି ସମାରୋହରେ ସଭାପତିତ୍ୱ କରି ଜିଲ୍ଲାପାଳ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କ୍ରୀଡାର ଏହି ଜିଲ୍ଲାସ୍ତରୀୟ ମହାକୁମ୍ଭରେ ଶୃଙ୍ଖଳିତ ଭାବେ ପ୍ରତିଯୋଗିତା କରି ଉଚିତ୍ ସମୟ ମଧରେ ଏହାର ସମାପନ କରିବାକୁ ପ୍ରବର୍ତ୍ତାଇ ଥିଲେ । ପ୍ରକାଶ ଥାଉ କି, ରାଜ୍ୟ ସରକାରଙ୍କର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ନୂଆ-ଓ କାର୍ଯ୍ୟସୂଚୀ ଅଧିନସ୍ଥ ଏହି କ୍ରୀଡ଼ା ଉତ୍ସବର ୪ ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ପରମିଟ୍ ପଡ଼ିଆ ଓ କ୍ରୀଡ଼ା ଛାତ୍ରାବାସ ପଡ଼ିଆରେ ହକି, ଫୁଟବଲ, ଭଲିବଲ, ଖୋ-ଖୋ, କବାଡି, କ୍ରିକେଟ ଆଦି ସ୍ପର୍ଦ୍ଧାରେ ଉଭୟ ବାଳକ ଓ ବାଳିକାଙ୍କୁ ନେଇ ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବ ଏବଂ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନେ ରାଜ୍ୟସ୍ତରରେ ଭାଗନେବା ପାଇଁ ଯୋଗ୍ୟତା ଅର୍ଜନ କରିବେ । ଉଲ୍ଲେଖ ଯୋଗ୍ୟ ଯେ, ଜିଲ୍ଲାର ୧୨ଟି ବ୍ଲକ, ୩ଟି ପୌରପାଳିକା ଓ ୨ଟି ବିଜ୍ଞାପିତ ଅଞ୍ଚଳ ପରିଷଦ ସ୍ତରର କ୍ରୀଡ଼ା ପ୍ରତିଯୋଗିତାରେ ପ୍ରାୟ ୧୮୦୦ ରୁ ଊର୍ଦ୍ଧ୍ୱ କୃତି ପ୍ରତିଯୋଗୀ ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି, ଯାହାର ପୁରସ୍କାର ବିତରଣୀ ଓ ଉଦଯାପନୀ ଉତ୍ସବ ଆସନ୍ତା ଜାନୁଆରୀ ୬ ତାରିଖରେ ସ୍ଥାନୀୟ ପୋଲିସ ଲାଇନ ପଡ଼ିଆରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ଓ ପୁରସ୍କାର ବାବଦକୁ ବିଜେତା ଦଳଙ୍କୁ ୫୦,୦୦୦/- ଟଙ୍କା, ପ୍ରଥମ ଉପବିଜେତାଙ୍କୁ ୩୦,୦୦୦/- ଟଙ୍କା ଏବଂ ଦ୍ୱିତୀୟ ଓ ତୃତୀୟ ଉପବିଜେତାଙ୍କୁ ୨୦,୦୦୦/- ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯିବ ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ସଦର ମାନ୍ୟବର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପ୍ରୋତ୍ସାହନ ଓ ତତ୍ ଜନିତ କ୍ରୀଡାର ଉତ୍ଥାନ ଉପରେ ବିଶଦ ବର୍ଣ୍ଣନା କରିଥିଲେ । ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏହି ଅବସରରେ ସ୍ୱାଗତ ଭାଷଣ ଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଓ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ଅତିଥିଭାବେ ବକ୍ତବ୍ୟ ରଖିଥିଲେ ଓ ଅତିଥିମାନେ ପତାକା ଉତ୍ତୋଳନ କରି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିବା ବେଳେ କ୍ରୀଡ଼ାବିତ୍ ମାନେ ପ୍ରତିଯୋଗିତାର ଶପଥ ନେଇଥିଲେ ଓ ଉଲ୍ଲେଖ ଯୋଗ୍ୟଯେ, ମନ୍ତ୍ରୀ ଶ୍ରୀ ପାତ୍ର, ଜିଲ୍ଲାପାଳ ଶ୍ରୀ ଶିନ୍ଦେ ଏବଂ ବିଧାୟକ ଶ୍ରୀ ଦାସ କ୍ରିକେଟ ବ୍ୟାଟିଂ କରି ପ୍ରତିଯୋଗିତାର ଆନୁଷ୍ଠାନିକ ଉଦ୍ଘାଟନ କରିଥିଲେ ଓ ନୃତ୍ୟଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଆଜି ପରମିଟ ପଡ଼ିଆଠାରେ ଖୋ-ଖୋ ଓ କବାଡି ଏବଂ କ୍ରୀଡ଼ା ଛାତ୍ରାବାସ ଠାରେ ହକି ଓ ଭଲିବଲର ପ୍ରାଥମିକ ସ୍ତରର ପ୍ରତିଯୋଗିତାମାନ ଚାଲିଛି ।

## ଜଙ୍ଗଲି ହାତୀଙ୍କ ଉପଦ୍ରବ

ବେତନଟୀ, ୨୭/୧୨ (ନି.ପ୍ର): ବେତନଟୀ ଥାନା ତଥା ରେଞ୍ଜ ଅଧୀନ ନହଣ୍ଡାଶୋଳ ଉପକଣ୍ଠ ତାରାଶୋଳ-ଭାଲୁବସା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ବଣୁଆ ହାତୀ ପଶି ଘର ଉପରେ ଆକ୍ରମଣ କରିବା ସହିତ ଘରକୁ ଧରାଶାୟୀ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି । ହସ୍ତଗତ ସୂଚନା ମୁତାବକ ବଣୁଆହାତୀ ଖାଦ୍ୟ ଅନ୍ୱେଷଣରେ ଜଙ୍ଗଲରୁ ବାହାରି ସୋମବାର ବିଳମ୍ବିତ ରାତିରେ ଗ୍ରାମର ବାହାଦୁର ହେମ୍ବ୍ରମଙ୍କ ଘର ଉପରେ ଆକ୍ରମଣ କରିଥିଲା । ଆକ୍ରମଣରେ ଘରକାନ୍ଥ ଭାଙ୍ଗିବା ସହିତ କାନ୍ଥତଳେ ଚାପିହୋଇ ବ୍ୟାପକ ଆସବାବପତ୍ର ନଷ୍ଟ ହୋଯାଇଥିଲା। ତେବେ ଘର ଉପରେ ଆକ୍ରମଣ ସମୟରେ ଗୃହକର୍ତ୍ତାକୌଣସିମତେ ଜୀବନ ବଞ୍ଚାଇ ଦୌଡି ପଳାଇବାରେ ସକ୍ଷମ ହୋଇଛନ୍ତି । ବର୍ତ୍ତମାନ ପାଚିଲାଧାନ ଅମଳପରେ ଚାଷୀ ଘରେ ଏବଂ ଖଳାରେ ଗଚ୍ଛିତକରି ରଖୁବାରୁ ଖାଦ୍ୟ ଅନ୍ୱେଷଣରେ ବଣୁଆହାତୀ ଏବେ ଜନବସତି ମୁହାଁ ହେଉଛନ୍ତି । ଯଦ୍ୱାରା କ୍ଷୟକ୍ଷତି ଦିନକୁଦିନ ବଢିଚାଲିଥିବା ବେଳେ ହାତୀ-ମଣିଷ ମୁହାମୁହି ସ୍ଥିତି ଉପୁଜିଛି।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଉଦଳା , ୨୭/୧୨ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ଡ଼ିସେମ୍ବର ୨୭ ତାରିଖ ବୁଧବାର ଦିନ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ଏଥିପାଇଁ ଦିର୍ଘ ୧ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟର ଅଧକ୍ଷ ଶଶିଭୂଷଣ ପାଣିଗ୍ରହୀ କାର୍ଯ୍ୟକ୍ରମରେ ଅଧକ୍ଷତା କରି ଏହାକୁ ସଫଳ କରିବା ପାଇଁ କାର୍ଯ୍ୟରତ ସମସ୍ତ ଅଧାପକ / ଅଧାପିକା ଓ କର୍ମଚାରୀ ବୃନ୍ଦ ସହଯୋଗ କରିଥିବାରୁ କୃତଜ୍ଞତା ଜଣାଇଥିଲେ । ଏହାପରେ ଅଧାପିକା ମଂଜୁଳା କଲିଆ ବାର୍ଷିକ ବିବରଣୀ ପାଠ କରିଥିଲେ । ପରେ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ଉପନଗରପାଳ ପ୍ରଭାତ କୁମାର ପରିଡ଼ା ଓ ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା ଆଜକୁ ଦିର୍ଘ ୩୯ ବର୍ଷ ପୁର୍ବେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଜନ୍ମ ଇତିହାସ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହାଥିଲା ଖୁବ୍ ହୃଦୟସ୍ପର୍ଶୀ । ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରବିନ୍ଦ୍ର କଟୁଆଳ, ଏହି ମହାବିଦ୍ୟାଳୟଟି ସମଗ୍ର କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ହୋଇଥିବାରୁ ଏଥିପାଇଁ ଉଦଳା ମାଟି ଗର୍ବ ଅନୁଭବ କରେ ବୋଲି ବ୍ୟକ୍ତ କରିଥିଲେ । ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ନରେନ୍ଦ୍ର ଖମାରି ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହିଳା ମହାବିଦ୍ୟାଳୟ ପାଇଁ ଆସିଥିବା ସରକାରୀ ଅନୁଦାନ ଓ ଏହାର ଉପଯୋଗ ସମ୍ପର୍କରେ ଅବଗତ କରାଇଥିଲେ । ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ପ୍ରତିକୂଳ ପରିବେଶରେ ବାଟଚାଲି ଶିଖିଥିବା ମଣିଷ ଜୀବନରେ କେବେ ହାରିଯାଇନଥାଏ ବୋଲି ବିଭିନ୍ନ ଉଦାହରଣ ମାନ ଦେଇ ବକ୍ତବ୍ୟ ପ୍ରଦାନକରିଥିଲେ । ଏହାପରେ ନାଟ୍ୟ ଜଗତର ଜଣେ କଳାକାର ଭାବରେ ସମଗ୍ର ଓଡ଼ିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉଦଳା ମାଟିର ସନ୍ତାନ ହେମନ୍ତ ଦାସଙ୍କୁ ମହାବିଦ୍ୟାଳୟ ତରଫରୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାପରେ ପୁରସ୍କାର ବିତରଣ ପର୍ବ ଆରମ୍ଭ ହୋଇଥିଲା । ଅଧାପକ ଅଶ୍ୱନି କୁମାର ବେହେରା ଧନ୍ୟବାଦ ଅର୍ପଣ କରିବା ପରେ ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ବାବୁ ଭାଇଜାନ ଟି ୧୦ କ୍ରିକେଟ ଉଦ୍‌ଘାଟିତ



ବସ୍ତା, ୨୭/୧୨ (ନି.ପ୍ର): ବସ୍ତା ବ୍ଲକ ଗଡ଼ପଦା ପଞ୍ଚାୟତ ଅନ୍ତର୍ଗତ ଲଛମନଖୁଣ୍ଟା ବୀର ହନୁମାନ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଦରଖୁଲି ପ୍ରିମିୟର ଲିଗ ବାବୁ ଭାଇଜାନ ଟି -୧୦ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ କ୍ଲବ ସଭାପତି ରବିରାମ ସିଂ ପୌରାହିତ୍ୟ କରିଥିଲେ । ମୁଖ୍ୟ ଅତିଥି ବାବୁ ଭାଇଜାନଙ୍କ ପ୍ରତିନିଧି ମୋଦାସିର ଖାନ, ମୁଖ୍ୟ ବକ୍ତା ସାମ୍ବାଦିକ ବାଞ୍ଛାନିଧି ଦେ ଓ ସମ୍ମାନିତ ଅତିଥି ନାଏବ ସରପଞ୍ଚ ମନୋରଞ୍ଜନ ପାଣିଗ୍ରାହୀ ଯୋଗ ଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ । ଉଦଘାଟନୀ ମ୍ୟାଚରେ ନଦିମ ରୟାଲ ଦଳକୁ ୧୯ ରନରେ ପରାସ୍ତ କରି କିଙ୍ଗସ ଇଲେଭେନ ଦଳ ବିଜୟ ହାସଲ କରିଥିଲା । କିଙ୍ଗସ ଇଲେଭେନ ଦଳ ପ୍ରଥମେ ବ୍ୟାଟିଂ କରିଥିଲା । ୧୦ ଓଭରରେ ୭ ଉଇକେଟ ବିନିମୟରେ ୧୩୦ ରନ ସଂଗ୍ରହ ହୋଇଥିଲା । ବ୍ୟାଟ୍ସ ମ୍ୟାନ ଉତ୍ତମ ବର ସର୍ବାଧିକ ୭୨ ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଜବାବରେ ନଦିମ ରୟାଲ ଦଳ ୫ଉଇକେଟ ହରାଇ ୧୧୧ ରନ କରି ପରାସ୍ତ ହୋଇଥିଲା । ଆମ୍ପାୟର ଲାଲବାହାଦୁର ସିଂ ଓ ବଇଦି ସିଂ ମ୍ୟାଚ ପରିଚାଳନା କରିଥିଲେ । ବ୍ରଜ ସିଂ ଓ ସଞ୍ଜୁ ସିଂ ସ୍କୋରିଙ୍ଗ ଦାୟିତ୍ୱରେ ଥିଲେ । ତାରାକାନ୍ତ ସିଂ ଓ ଜଗମୋହନ ନାୟକ ଧାରା ବିବରଣୀ ଶୁଣାଇଥିଲେ । କ୍ଲବ ସଦସ୍ୟ ରାଜା ସିଂ, ଜିତୁ ସିଂ, ଅଜୁ ସିଂ ଓ ଝଡିଆ ସିଂ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## କାଶ୍ମୀର ଘାଟୀର ସମସ୍ତ ଷ୍ଟେସନରେ ପାରା ହିମାଂକ ବିନ୍ଦୁରୁ ତଳେ

ଶ୍ରୀନଗର, ୨୭/୧୨ (ନି.ପ୍ର): ଜାମ୍ମୁ-କାଶ୍ମୀରର ଅଧିକାଂଶ ଅଂଚଳରେ ବୁଧବାର ସକାଳେ ମଧ ଘନ କୁହୁଡ଼ି ଢାଙ୍କି ରହିଛି। ଯେଉଁ କାରଣରୁ ଘାଟୀର ସମସ୍ତ ଷ୍ଟେସନରେ ତାପମାତ୍ରା ହିମାଙ୍କ ବିନ୍ଦୁରୁ ତଳେ ରହିଛି। ପାଣିପାଗ ବିଭାଗର ନିର୍ଦ୍ଦେଶକ ଡା. ମୁଖତାର ଅହମ୍ମଦ କହିଛନ୍ତି ଯେ ୩୧ ଡିସେମ୍ବର ପର୍ଯ୍ୟନ୍ତ ଶୁଷ୍କ ପାଗର ସ୍ଥିତିର ପୂର୍ବାନୁମାନ ମଧରେ ଆସନ୍ତା କିଛି ଦିନ ମଧରେ ସକାଳେ କୁହୁଡ଼ି ଢାଙ୍କି ରହିବ। ତେବେ ଆଜି ପୁରା ଘାଟୀରେ ରାତିର ତାପମାତ୍ରା ହିମାଂକ ବିନ୍ଦୁରୁ ତଳେ ରହିଛି। ଏହାମଧରେ ପହଲଗାମ ଶୂନ୍ୟରୁ ତଳେ ୪.୬ ଡିଗ୍ରୀ ସେଲ୍‌ସିୟସ ସହିତ ସବୁଠାରୁ ଥଣ୍ଡା ସ୍ଥାନ ରେକର୍ଡ କରାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo